ISSN No. : 2583-147X (P)


ବାସ୍ତବତାର ପରିପ୍ରକାଶ


# ପ୍ରାଚୀ

# PRACHEE

ଅଗଷ୍ଟ ୨୦୨୩

ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ନବମ ବର୍ଷର ପଞ୍ଚମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ଌ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 9, August 2023, Issue No. V

ISSN NO. 2583-147X (P)

**RNI No. : ODIODI/2015/64435**

P.R. No. : CK(C)/96/2022-2024



**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଲଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪


# ଏଇ ସଂଖ୍ୟାରେ...


ସ୍ୱୟଂସିଦ୍ଧା ସ୍ୱର୍ଣ୍ଣପ୍ରଭା ପାଢ଼ୀଙ୍କ 'ଉର୍ମିଳା': ଏକ ପାଠକୀୟ ଅଭିବ୍ୟକ୍ତି

– ସ୍ନିଗ୍ଧା ଶୁଭଦର୍ଶିନୀ ୦୭

ରୂପାନ୍ତରରେ ନୀଳମାଷ୍ଟ୍ରାଣୀ

– ପ୍ରକାଶ ଚନ୍ଦ୍ର ପ୍ରଧାନ ୧୧

ସ୍ୱିଫ୍ଟଲେଟ ପକ୍ଷୀ ଲାଳର ବସାରୁ ବ୍ୟଞ୍ଜନ ବ୍ୟବସାୟ

- ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ୧୪

ପୂର୍ବ ଓ ପଶ୍ଚିମ ଓଡ଼ିଶାରେ ପ୍ରଚଳିତ ଲୋକନୃତ୍ୟ : ଏକ ଦୃଷ୍ଟିପାତ

- ରୁବିନା ପାତ୍ର ୧୬

ଓଡିଆ କ୍ଷୁଦ୍ରଗଳ୍ପ : ପ୍ରବାସୀର ଅନ୍ତରଙ୍ଗ ଜୀବନପ୍ରବାହ

- ମମତାମୟୀ ଦାଶ ୨୦

ଶ୍ରୀଜଗନ୍ନାଥ ସାଂସ୍କୃତିକ ଚେତନା ବନାମ ବ୍ରହ୍ମତତ୍ତ୍ୱ

– ଡକ୍ଟର ସନ୍ତୋଷ କୁମାର ନାୟକ ୨୯

## PRACHEE MONTHLY ADVT. TARIFF

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White**
**(News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp :
8895707011

## ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ...............................................................................................
ଠିକଣା ........................................................ ପିନ୍‌କୋର୍ଡ଼ .................................
ମୋବାଇଲ୍ ନମ୍ବର ........................................ ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................... ତାରିଖ....................................
ବ୍ୟାଙ୍କ୍......................................... ସ୍ଥାନ..................................................
ତାରିଖ....................................... ଦସ୍ତଖତ..................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X (P), Vol.- 9, Issue No.V, August 2023
Bastabatara Pariprakash Prachee
*Peer Reviewed and Referred Research Journal*

# ସ୍ୱୟଂସିଦ୍ଧା ସ୍ୱର୍ଣ୍ଣପ୍ରଭା ପାଢ଼ୀଙ୍କ 'ଉର୍ମିଳା': ଏକ ପାଠକୀୟ ଅଭିବ୍ୟକ୍ତି

ସ୍ନିଗ୍ଧା ଶୁଭଦର୍ଶିନୀ

ସମଗ୍ର ରାମାୟଣ ଗ୍ରନ୍ଥଟି ଉଭୟ ନାରୀ ଓ ପୁରୁଷ ଚରିତ୍ରକୁ ନେଇ ସମୃଦ୍ଧ ହୋଇ ଉଠିଥିଲେ ହେଁ ନାରୀମାନଙ୍କର ଭୂମିକା ରାମାୟଣର ବିଷୟ ବସ୍ତୁକୁ ଅଧିକ ପୁଷ୍ଟ ଓ ବଳିଷ୍ଠ କରିଛି, ଏଥିରେ ଅତ୍ୟୁକ୍ତି ନାହିଁ । ଆଦର୍ଶମୟୀ ରାମପତ୍ନୀ ଜାନକୀଙ୍କ ଠାରୁ ଆରମ୍ଭ କରି ଖଳମତି ମନ୍ଥରା ପର୍ଯ୍ୟନ୍ତ ପ୍ରତ୍ୟେକ ନାରୀ ଚରିତ୍ର ନିଜସ୍ୱ ବିଶେଷତ୍ୱରେ ଦଣ୍ଡାୟମାନ ହୋଇଛନ୍ତି । ସୁଖ କଥାଯେ ରାମାୟଣର ବିବିଧ ନାରୀ ଚରିତ୍ରମାନଙ୍କୁ ନେଇ ଭାରତୀୟ ସାହିତ୍ୟ କ୍ଷେତ୍ରରେ ବିଶିଷ୍ଟ ରଚନାମାନ ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ଗୋଟିଏ ଉଲ୍ଲେଖଯୋଗ୍ୟ ରଚନା ହେଉଛି ସ୍ୱୟଂସିଦ୍ଧା ସ୍ୱର୍ଣ୍ଣପ୍ରଭା ପାଢ଼ୀଙ୍କ 'ଉର୍ମିଳା' ଉପନ୍ୟାସ । ଜଣେ ଲେଖିକା ହୋଇଥିବାରୁ ନାରୀର ମନସ୍ତତ୍ତ୍ୱକୁ ସେ ଏଠି ସୁଚାରୁ ରୂପେ ଦର୍ଶାଇଛନ୍ତି । ଉର୍ମିଳା ଜଣେ ସାଧାରଣ ସ୍ତ୍ରୀ ନଥିଲେ, ଥିଲେ ଜଣେ ଦକ୍ଷ ଚିତ୍ରଶିଳ୍ପୀ, ସତୀ ସ୍ୱାଧୀ ନାରୀ, ତ୍ୟାଗ, ଭକ୍ତି ଓ ଉତ୍ସର୍ଗର ପ୍ରତିମୂର୍ତ୍ତି । ରାମ ବନବାସ କାଳରେ ବଡ ଭଉଣୀ ସୀତା ନିଜ ସ୍ୱାମୀଙ୍କ ସହ ରହି ସହଧର୍ମିଣୀର ଗୌରବ ଯଶ ବହନ କଲାବେଳେ, ରାଜ ପ୍ରାସାଦ ଭିତରେ ଅବରୁଦ୍ଧ ହୋଇ ସ୍ୱାମୀ ବିହୀନ ଚଉଦ ବର୍ଷ ଜୀବନ କାଟିବା ଭଳି ଅସହ୍ୟ କଷ୍ଟକୁ 'ଉର୍ମିଳା ଆବୋରି ନେଇଛନ୍ତି । ନିଜର କୌଣସି ଭୁଲ୍ ନଥିବା ସତ୍ତ୍ୱେ ଏତେବଡ଼ ପତି ବିଚ୍ଛେଦ ଦୁଃଖକୁ ସେ ପଥର ପରି ସହି ଯାଇଛନ୍ତି । ଉପନ୍ୟାସ ଅନୁସାରେ ଲକ୍ଷ୍ମଣ ବିଦାୟ ସମୟରେ ମଧ୍ୟ 'ଉର୍ମିଳା'ଙ୍କୁ ଶେଷ ସାକ୍ଷାତ କରିବାକୁ ଉଚିତ ମଣି ନାହାନ୍ତି । ଏପରି ଦୁଃସହ ପୀଡାକୁ ଆତ୍ମସ୍ଥ କରି ତଥାପି କର୍ତ୍ତବ୍ୟ ପଥରେ ନିମଗ୍ନ ରହିଛନ୍ତି ଉର୍ମିଳା । ଏଭଳି ପରିସ୍ଥିତିରେ ଜଣେ ଲେଖିକା ଭାବେ ଶ୍ରୀମତୀ ପାଢୀ 'ଉର୍ମିଳା'ଙ୍କୁ ସ୍ପଷ୍ଟ ଭାବେ ବୁଝି ପାରିଥିବା ଭଳି ମନେହୁଏ । ଉର୍ମିଳାଙ୍କର ଗଭୀରତମ ଭାବ-ଭାବନାକୁ ସେ ଅତ୍ୟନ୍ତ ସୁନ୍ଦର ରୂପ ଦେଇଛନ୍ତି ଏହି ଉପନ୍ୟାସରେ । ଉପନ୍ୟାସର ମୁଖବନ୍ଧରେ ଜ୍ଞାପକ ପ୍ରେମାନନ୍ଦ ପଣ୍ଡା କହନ୍ତି- ସ୍ୱର୍ଣ୍ଣପ୍ରଭାଙ୍କ 'ଉର୍ମିଳା' ଉପନ୍ୟାସର ବିଶେଷତ୍ୱ ଏହି ଯେ, ଜଣେ ନାରୀ ହିସାବରେ ଅଯୋଧ୍ୟାର ରାଜବଧୂ ଉର୍ମିଳାଙ୍କର ମାର୍ମିକ ଆବେଗକୁ ସେ ଯେପରି ଭାବରେ ଭାଷା ମାଧ୍ୟମରେ ପ୍ରକାଶ କରିଛନ୍ତି ତାହା ଅନ୍ୟତ୍ର ଦୃଷ୍ଟିଗୋଚର ହେବା ସମ୍ଭବ ପର ନୁହେଁ । ଜଣେ ନାରୀ ହିଁ ଅନ୍ୟ ଜଣେ ନାରୀର ମାର୍ମିକ ବେଦନା ସଠିକ୍ ରୂପେ ଅନୁଭବ କରିପାରିବ । ଜଣେ ପୁରୁଷ କ୍ଷେତ୍ରରେ ବାସ୍ତବରେ ତାହା ସମ୍ଭବ ପର ନୁହେଁ ।"(୧)

ଯୁଗେ ଯୁଗେ ସମାଜ ନାରୀକୁ ଧରିତ୍ରୀ, ସର୍ବସଂହା, ସେବାକାରିଣୀ ତଥା ଭାଗ୍ୟବାଦୀ ବୋଲି ବିଭିନ୍ନ ପଦ ମର୍ଯ୍ୟାଦାରେ ମଣ୍ଡିତ କରି ଆସିଛି । ନିଜ କୋହକୁ ବେଦନାସିକ୍ତ କରି ଲୁକାୟିତ ଅବସ୍ଥାରେ ବହୁ ବର୍ଷ ନିଜକୁ ଯନ୍ତ୍ରଣା ଦେଇଛି । ପ୍ରତିବଦଳରେ ପ୍ରତିରୋଧ ନକରି ନିଜ ଭାଗ୍ୟର ବିଡମ୍ବନାକୁ ସ୍ୱୀକାର କରିଛି । ସେ ସାଧାରଣ ନାରୀ ହେଉ ଅବା କେଉଁ ରାଜପ୍ରାସାଦର, ନାରୀର ଲଲାଟ ଲିଖନ ହିଁ ସର୍ବଂସହା । ତା' ଜୀବନକୁ ପରିବର୍ତ୍ତନ କରିବାରେ ସମସ୍ତଙ୍କର ଅଧିକାର ଥାଏ ସ୍ୱୟଂ ନିଜଠୁ ଅଧିକ । ପରିସ୍ଥିତିର ଦାସ ସେ । ସବୁ ଦୁଃଖ କଷ୍ଟକୁ ସହିଯିବାର ମିଥ୍ୟା ରଚନା ସଜାଯାଇଛି ନାରୀ ପାଇଁ । ଯେଉଁଥିରୁ ସାମାନ୍ୟ ମାତ୍ର ବଞ୍ଚିଯାଇ ନାହାନ୍ତି 'ରାଜବଧୂ ଉର୍ମିଳା' । ଯାହା ଦର୍ଶାଇଛନ୍ତି ଔପନ୍ୟାସିକା ଉପନ୍ୟାସର 'ନିଜକଥା'ର କିଛି ଧାଡିରେ- "ତ୍ୟାଗପୂତ ମହିୟସୀ ନାରୀ ଉର୍ମିଳା ପତି ବିଚ୍ଛେଦ ଜନିତ ବିରହ ଯାତନାକୁ ପରିସ୍ଥିତିର ନିର୍ମମ ଚାପରେ ଗ୍ରହଣ କରିଛନ୍ତି । ସେ ଧରି ନେଇଛନ୍ତି ଯେ ତାହା ବିଧି ନିର୍ଦ୍ଦେଶ । ପ୍ରାଣପ୍ରିୟ ପତିଙ୍କ ଠାରୁ ପୃଥକ ରହି ଜଣେ ତପସ୍ୱିନୀର ଜୀବନ ଯାପନ କରି ସ୍ୱୀୟ ମହନୀୟତାର ପ୍ରତିପାଦନ କରିଛନ୍ତି । ନାରୀ ସୁଲଭ ପ୍ରାଣରେ ପତି ବିଚ୍ଛେଦ ତାଙ୍କୁ ଯନ୍ତ୍ରଣାଦଗ୍ଧ, ଅଭିମାନୀ କରିଛି ସତ, ମାତ୍ର ପରିଶେଷରେ ସେ ସ୍ୱ ଅଭିମାନ ତ୍ୟାଗ କରି ବୀର ଲକ୍ଷ୍ମଣଙ୍କର ସମସ୍ତ ଦୋଷକୁ କ୍ଷମା କରିଛନ୍ତି । ନାରୀ ଯେ, ସର୍ବଂସହା, ତାହା ଉର୍ମିଳାଙ୍କ ଚରିତ୍ରରେ ପ୍ରତିପାଦିତ ହୋଇଛି ।"(୨)

ଉପନ୍ୟାସଟିର ଅୟଂମାରମ୍ଭ ରାମଚନ୍ଦ୍ରଙ୍କର ରାଜାଭିଷେକର ପୂର୍ବ ପ୍ରସ୍ତୁତିରୁ । ପରିବେଶ ଆନନ୍ଦମୟ । ମା' ଉର୍ମିଳା ମଧ୍ୟ ଆନନ୍ଦରେ ଦ୍ୱିଗୁଣିତ । ଅଗ୍ରଜ ପୁରୁଷୋତ୍ତମ ରାମଚନ୍ଦ୍ର ରାଜାହେବେ । ଏହା କେବଳ ଉର୍ମିଳାଙ୍କ ଭଳି ମୟିୟସୀ ନାରୀମାନଙ୍କ ପାଖରେ ଶୋଭାପାଏ । ହଠାତ୍ ଦୁଃଖ ରୂପକ କଳାବାଦଲ ମାଡି ଆସିଲା ଉର୍ମିଳାଙ୍କ ଜୀବନରେ । କୈକେୟୀଙ୍କ ଦୁଇ ସର୍ତ୍ତ ଉର୍ମିଳାଙ୍କ ଜୀବନରୁ ଲକ୍ଷ୍ମଣଙ୍କୁ ବିଚ୍ଛେଦ କରି ଦେଲା । ଏଭଳି ଅସହ୍ୟ ଯନ୍ତ୍ରଣା ଜଣେ ନାରୀ ପାଇଁ ବଜ୍ର ଠାରୁ ବି କଠିନ । ଯାହା ଉପନ୍ୟାସରେ ଉଲ୍ଲେଖଯୋଗ୍ୟ- "ଚତୁର୍ଦ୍ଦିଗକୁ ନିରୀକ୍ଷଣ କଲେ ଉର୍ମିଳା । ଆଜିଠାରୁ ତାଙ୍କୁ ବିଳାସବ୍ୟସନ ତ୍ୟାଗ କରିବାକୁ ହେବ । ଆକାଶ ଛୁଉଁଥିବା ଏ ରାଜମହଲ, ଚିତ୍ରପ୍ରତିମା ସଦୃଶ ପୁଷ୍କରିଣୀ, ହୃଦୟକୁ ଆନନ୍ଦ ଦେଉଥିବା ଏ ବାଟିକାକୁ ଶେଷ ପ୍ରଣାମ ଜଣାଇବାକୁ ହେବ । କିଏ ଜାଣେ ଚଉଦବର୍ଷ ପରେ କ'ଣ ଘଟିଥିବ ।"(୩) ଦୀର୍ଘ ଚଉଦ ବର୍ଷ ଧରି ପ୍ରତ୍ୟେକ ମୁହୂର୍ତ୍ତରେ ଲକ୍ଷ୍ମଣଙ୍କୁ ଝୁରି ହେଉଥିଲେ ପତ୍ନୀ ଉର୍ମିଳା । ବାଲ୍ୟାବସ୍ଥାରେ ଘଟିଥିବା ଘଟଣାରେ ଯୋଗୀଙ୍କ ଭବିଷ୍ୟବାଣୀ ସତ ହୋଇଥିଲା । ବିନା ଦୋଷରେ ସ୍ୱାମୀ ପରିତ୍ୟକ୍ତା ହେବାକୁ ପଡିଥିଲା । ଅନ୍ୟ ଜଣଙ୍କ ସୁଖ ବା ଦୁଃଖ ଯୋଗୁ ସେ କାହିଁକି ସ୍ୱାମୀ ବିହୀନ ଜୀବନ ବଞ୍ଚିବେ ? ବହୁ ପ୍ରଶ୍ନ ଆନ୍ଦୋଳିତ କରିଛି ଉର୍ମିଳାଙ୍କ ମାନସ ଚିନ୍ତନରେ । ଜଣେ ସାଧାରଣ ନାରୀ ମଧ୍ୟ ସ୍ୱାମୀର ଏପରି ବ୍ୟବହାରରେ ଅଧିର ହୋଇ ପଡିବା ଅବସମ୍ଭାବୀ ।

ତେବେ ରାଜବଧୂ ଉର୍ମିଳା କେଉଁ ଦୋଷାବହ ଯୋଗୁଁ ଏପରି ଅଧିକାରରୁ ବଞ୍ଚିତ ରହିବେ ? ଭାଇ ଯଦି ଭାଇକୁ ସୁରକ୍ଷା ଦେବା ପାଇଁ ବନଗମନ କରିପାରିଲେ, ତେବେ ବିବାହିତା ପତ୍ନୀ ପ୍ରତି କ'ଣ ଦାୟିତ୍ୱ ନାହିଁ, କେଉଁ ସୁରକ୍ଷାରେ ପତ୍ନୀଙ୍କୁ ଚଉଦ ବର୍ଷ ଛାଡି ଚାଲିଗଲେ ଲକ୍ଷ୍ମଣ । ସୁତରାଂ ଏହିପରି ବିଚ୍ଛେଦ ଯନ୍ତ୍ରଣାସିକ୍ତ ମୁହୂର୍ତ୍ତରେ ବିଭିନ୍ନ ପ୍ରଶ୍ନବାଚୀ ଉଙ୍କି ମାରିବା ସ୍ୱାଭାବିକ । ତାହା ପାଠକ ମନରେ ହେଉ ଅବା ଉପନ୍ୟାସରେ ଉର୍ମିଳାଙ୍କ ମନସ୍ତତ୍ତ୍ୱରେ । ଯାହା ଏଠାରେ ଉଲ୍ଲେଖଯୋଗ୍ୟ- "ଜହ୍ନର ତେରଛା କିରଣ ତାଙ୍କ ଶୟନ କକ୍ଷରେ ଦଣ୍ଡାଇଣ ଦୂରରୁ ଶୁଭୁଛି କେଉଁ ନାମହୀନ ପକ୍ଷୀର କୋମଳ କାକଳୀ । ପକ୍ଷୀଟି କ'ଣ ତାଙ୍କ ପରି ଏମିତି ଏକାକିନୀ ? ଆଗେଇ ଯାଇ ଗବାକ୍ଷ ନିକଟରେ ଦଣ୍ଡାୟମାନ ହେଲେ ଉର୍ମିଳା । କେଉଁ ସାହସରେ ତାଙ୍କ ଠାରୁ ଏ ଅଧିକାର ଛଡେଇ ନେଲେ ଲକ୍ଷ୍ମଣ । ମନର ଶୂନ୍ୟସ୍ଥାନରେ ଲକ୍ଷ୍ମଣଙ୍କ ବିଚ୍ଛେଦର ଦୁଃଖ ବିରହୀ ଚକୋରି ଭଳିରହି ରହି କାନ୍ଦି ଉଠୁଛି । ତାଙ୍କ ମନ ଚକୋରୀର ତୃଷ୍ଣା ନିବାରଣ ପାଇଁ ଚଉଦ ବର୍ଷର ଏ ରାତ୍ରି କେବେ ପାହିବ ? ମନର ଅଦୃଶ୍ୟ ଶକ୍ତିକୁ ଟାଣ କରିବାକୁ ପଡିବ । ଜୀବନର ଏଇ ଚରମ ଦୁର୍ଦ୍ଦିନରେ ମନର ସମସ୍ତ ଗଚ୍ଛିତ ଶକ୍ତିରୁ ସାହସ ସଂଗ୍ରହ କରି ସଂସାରର ଗୁରୁଭାର ସେ ଏକାକୀ ବହନ କରିବେ । ସେଇ ତ ତାଙ୍କର ଭାଗ୍ୟଲିପି, ତଥାପି ବୁଝୁ ନଥିଲା ଉର୍ମିଳାଙ୍କ ଅବୁଝା ମନ ।"(୪)

ବିବାହ ପରେ ନାରୀ ବହୁ ରୂପରେ ନିଜକୁ ରୂପାନ୍ତର କରେ । ଯାହା ଘଟିଥିଲା ଉର୍ମିଳାଙ୍କ ଜୀବନରେ । ପତ୍ନୀ ହେବା ପରେ ନାରୀ ମନ ଭିତରେ ମାତୃତ୍ୱର ଆଶା ଉଙ୍କି ମାରେ । ତେବେ କେଉଁ ନ୍ୟାୟରେ ଉର୍ମିଳା ଏଥିରୁ ବଞ୍ଚିତ ରହିବେ ? ଉର୍ମିଳାଙ୍କର ଶିଶୁମାନଙ୍କ ପ୍ରତି ଥିବା ଅନାବିଳ ସ୍ନେହ ଶ୍ରଦ୍ଧା ବିଷୟରେ ଲକ୍ଷ୍ମଣ ଅବଗତ ଥିଲେ । କିନ୍ତୁ କାହିଁକି ସେ ଉର୍ମିଳାଙ୍କ ମାତୃ ହୃଦୟର କରୁଣ ବେଦନା ଅଣଦେଖା କରି ଚାଲିଗଲେ । ଯାହା ଏଠାରେ ଉଲ୍ଲେଖଯୋଗ୍ୟ - "ସେ ଆଉ ମାଆ ହୋଇ ପାରିବେନି । ସେ ଆଶା ତାଙ୍କର ମଉଳି ଯାଉଛି । ବଞ୍ଚିଥିବା ପର୍ଯ୍ୟନ୍ତ ସେ କେବଳ ସନ୍ନ୍ୟାସିନୀ ଜୀବନଯାପନ କରିବେ । ଶିଶୁମାନଙ୍କୁ କେତେ ଭଲ ପାଉଥିଲେ ସିଏ । କେତେ ଶିଶୁଙ୍କୁ ଗେଲ ଆଦର କରିଛ କେତେ ଶିଶୁଙ୍କୁ ପାଠ ପଢାଇଛନ୍ତି । ଏମିତିକି ଦାସୀମାନଙ୍କ ଛୁଆଙ୍କୁ ମଧ୍ୟ ସେ ଆଦର କରଛନ୍ତି । x x x ଦାସୀ ଛୁଆ ହେଲେ ମଧ୍ୟ ସେମାନେ ଉର୍ମିଳାଙ୍କୁ ମାତା ବୋଲି ସମ୍ବୋଧନ କରନ୍ତି । ଉଲ୍ଲସିତ ହୋଇ ଉଠେ ତାଙ୍କର ମନ । x x x ମା' ହେବା ପାଇଁ କ'ଣ ତାଙ୍କର କାମନା ନଥିଲା ? ତାଙ୍କର କ'ଣ ଇଚ୍ଛା ନଥିଲା ମା' ଡାକ ଶୁଣିବା ପାଇଁ । ଅଥବା ତାଙ୍କର କ'ଣ ମନ ନଥିଲା ପିଲାଟିକୁ କୋଳରେ ଧରି ଆଦର କରିବା ପାଇଁ ସବୁ ଇଚ୍ଛା ସବୁ କାମନା ତାଙ୍କର ସମାଧି ହୋଇ ପଡିଲା । କେବଳ ଲକ୍ଷ୍ମଣଙ୍କ ପାଇଁ ।"(୫) ଏଭଳି ପରିସ୍ଥିତି ପରେ ଆଉ କେଉଁ ସୁଖ ଥାଏ ନାରୀର ଜୀବନରେ । ଅସମୟରେ ସ୍ୱାମୀଠୁ ବିଚ୍ଛେଦ ମାତୃତ୍ୱ ଲାଭରୁ ବଞ୍ଚିତ ହେବା ଠାରୁ ବଳି ଆଉ କେଉଁ ଦୁଃଖ ଥାଇପାରେ ନାରୀ ଜୀବନରେ ଅବଶ୍ୟ ସୁଖର କଥା ଯେ, ବନବାସରୁ ଫେରିବାପରେ ଉର୍ମିଳା ଓ ଲକ୍ଷ୍ମଣଙ୍କ ଦାମ୍ପତ୍ୟ ଜୀବନରେ ଖେଳିଯାଇଛି ଆନନ୍ଦର ଲହରୀ । ଦୀର୍ଘ ଦିନର ସ୍ୱପ୍ନ ହୋଇଛି ଚରିତାର୍ଥ । ଚିତ୍ରକେତୁ ଓ ଚିତ୍ରାଙ୍ଗଦକୁ ଜନ୍ମ ଦେଇ ଉର୍ମିଳା ଲାଭ କରିଛନ୍ତି ମାତୃତ୍ୱର ଗୌରବ ।

ସମୟ ସହିତ ତାଳ ଦେଇ ଚାଲିବା ଜଣେ ଉତ୍ତମ ନାଗରିକର କର୍ତ୍ତବ୍ୟ । ଯେଉଁଥିରୁ ବିଚ୍ୟୁତି ହୋଇନଥିଲେ ଉର୍ମିଳା । ଅସମୟରେ ଏପରି ଝଡ ବହିଯିବା ସତ୍ତ୍ୱେ ସେ ନିଜକୁ ସମ୍ଭାଳିଥିଲେ । କର୍ତ୍ତବ୍ୟ ପଥରୁ ସାମାନ୍ୟ ନ ଓହରି ରାଜପ୍ରସାଦରେ ଦାସୀ ଭଳି

ପଡିରହି ସମସ୍ତ କର୍ତ୍ତବ୍ୟକୁ ସୁଚାରୁ ରୂପେ ସଂପନ୍ନ କଲେ । ହୁଏତ ଅନ୍ୟ କେହି ନାରୀ ହୋଇଥିଲେ ନିଜ ବାପଘରେ ବା ଅନ୍ୟ କେଉଁ ଆଡେ ଚାଲିଯାଇଥାନ୍ତେ । ମାତ୍ର ଉର୍ମିଳା ଏ ସବୁ ପଂରମ୍ପରାକୁ ଉଚ୍ଛେଦ କରିନଥିଲେ । ସ୍ୱାମୀ ବିରହ ସତ୍ତ୍ୱେ, ସବୁ କଷ୍ଟ ସହ୍ୟ କରି ମୃତ୍ୟୁ ପର୍ଯ୍ୟନ୍ତ ଶାଶୂ ଘରେ ପଡି ରହିଲେ । ଯଦିଓ ଅନ୍ୟ କାହାରି ପ୍ରତି ଏପରି ଅନ୍ୟାୟ ହୋଇଥିବାର ଲକ୍ଷ୍ୟ କରାଯାଏ ନାହିଁ । ଜଣେ ପତ୍ନୀ ଭାବରେ ଥରେ ମାତ୍ର ମୁହଁ ଖୋଲି ବାରଣ କରିନାହାନ୍ତି ନିଜ ପତିଙ୍କୁ ବନଗମନ କରିବାକୁ । କିନ୍ତୁ କେହି ତାଙ୍କ ଅନ୍ତଃମନକୁ ବୁଝିବାକୁ ଚେଷ୍ଟା କରିଲେନି । କେହି ବି ଥରେ ଉର୍ମିଳାଙ୍କ ତ୍ୟାଗୀ ଜୀବନ ବିଷୟରେ ଭାବିଲେନି । ନା ସ୍ୱାମୀ, ନା ଶାଶୂ, ନା ନିଜ ଭଗିନୀ କିମ୍ବା ସ୍ୱୟଂ ରାମଚନ୍ଦ୍ର କେହି ମଧ୍ୟ ଥରେ ଏ କଥାରେ ଭ୍ରୁକ୍ଷେପ କଲେ ନାହିଁ । ଯା'ଠୁ ବଳି ସ୍ୱାର୍ଥପରତା ଆଉ କ'ଣ ଥାଇପାରେ ? ଭାରତୀୟ ପରମ୍ପରାର ଭ୍ରାତୃସ୍ନେହକୁ ସେ ମର୍ମେ ମର୍ମେ ଅନୁଭବ କରିଛନ୍ତି । ଯେଉଁଥିପାଇଁ ସେ ଥରେ ବି କୁଣ୍ଠାବୋଧ ପ୍ରକାଶ କରିନାହାନ୍ତି ଲକ୍ଷ୍ମଣଙ୍କୁ ରାମଙ୍କ ସହ ବନବାସ ଯିବା ପାଇଁ । ତେବେ ସ୍ୱାମୀଙ୍କର ଦାସୀ ହୋଇ ସୀତାଙ୍କ ଭଳି ଉର୍ମିଳା ଲକ୍ଷ୍ମଣଙ୍କ ସହ ଯାତ୍ରା କରିଥିଲେ କେଉଁଠି ଅସୁବିଧା ରହିଥାନ୍ତା ? ଏପରି ଅବିଚାରକୁ କ'ଣ କେଉଁ ନାରୀ ସହ୍ୟ କରିପାରିବ ? ଯାହା ଏଠାରେ ଉଲ୍ଲେଖଯୋଗ୍ୟ– "ଲକ୍ଷ୍ମଣ ଧାର୍ମିକ, ମହାବୀର, ସତ୍ୟବାଦୀ, ଶ୍ରୀରାମଙ୍କ ପ୍ରତି ତାଙ୍କର ଅନାବିଳ ସ୍ନେହ ମମତା । ରାମଙ୍କ ପାଖେ ପାଖେ ରହି ତାଙ୍କର ପ୍ରତିଟି ଆଦେଶ ପୂରଣ କରନ୍ତି ଲକ୍ଷ୍ମଣ । ରାମଚନ୍ଦ୍ର ମଧ୍ୟ ପ୍ରାଣ ଠାରୁ ବଳି ଭଲ ପାଆନ୍ତି ଲକ୍ଷ୍ମଣଙ୍କୁ । ସେଥିପାଇଁ ସେ ମଧ୍ୟ ମନା କରିପାରିଲେ ନାହିଁ ଲକ୍ଷ୍ମଣଙ୍କୁ ବନକୁ ଯିବାକୁ । କିନ୍ତୁ ଭାଇ ତ କହିପାରି ଥାଆନ୍ତେ ଲକ୍ଷ୍ମଣଙ୍କୁ ଉର୍ମିଳାଙ୍କୁ ସାଥିରେ ନେବା ପାଇଁ । ଭାଇ କେମିତି ଏତେ ସ୍ୱାର୍ଥପର ହୋଇପାରିଲେ । ଟିକେ ଭାବିଲେ କି, କେମିତି ସ୍ୱାମୀ ବିନା ସ୍ତ୍ରୀଟି ଚଉଦ ବର୍ଷ ଏକାକୀ କଟାଇବ । ମାତା ସୁମିତ୍ରା ମଧ୍ୟ ଲକ୍ଷ୍ମଣଙ୍କୁ ଆଦେଶ ଦେଲେ ରାମଙ୍କ ସହିତ ବନବାସକୁ ଯିବାପାଇଁ । ମା'ଙ୍କୁ ମଧ୍ୟ ମନେ ପଡିଲାନି ବୋହୂକଥା । ସମସ୍ତେ ସ୍ୱାର୍ଥପର । ସମସ୍ତେ ଭୁଲିଗଲେ ଉର୍ମିଳା ବୋଲି କିଏ ଜଣେ ଅଛି । କାହାକୁ ଦୋଷ ଦେବେ ଉର୍ମିଳା ।"[୬] ଶେଷରେ ନୀରବି ଯାଇଛନ୍ତି ଭାଗ୍ୟବାଦୀ ହୋଇ । ନିଜକୁ ଅହଲ୍ୟା ସମ ପାଷାଣୀ କରି ଦୀର୍ଘ ଚଉଦବର୍ଷ ନିଃସଙ୍ଗତାର ସାଥୀ ପାଲଟିଛନ୍ତି । ଯଥା:– ଭାଗ୍ୟ ହିଁ ମନୁଷ୍ୟର ପ୍ରକୃତ ସାଥୀ, ପ୍ରକୃତ ବନ୍ଧୁ । ଭାଗ୍ୟ କେତେବେଳେ କୁଆଡେ ଟାଣେ ମନୁଷ୍ୟ ସେ କଥା ଜାଣି ନଥାଏ । ମା କହନ୍ତି ସଦାସର୍ବଦା "ଯେଣେ ଇଚ୍ଛା ତେଣେ ଯା, ଭାଗ୍ୟ ଧରି ବୁଲୁଥା ।" ପିଲାଦିନେ ମା'ଙ୍କୁ କେତେଥର ଏଇ କଥାର ଅର୍ଥ ପଚାରିଛନ୍ତି ଉର୍ମିଳା । ହସି ହସି ମା' କହିଥିଲେ ବଡ ହେଲେ ବୁଝିବୁ । ଆଜି ସେ ବୁଝି ପାରିଛନ୍ତି କଥାଟିର ଅର୍ଥ ।"[୭]

ଭାଗ୍ୟର ବିଡମ୍ବନାକୁ ସହ୍ୟ କରିଛନ୍ତି ଉର୍ମିଳା । କେହି ବି ହେଲେ ଜଣେ ତାଙ୍କ କଥା ଚିନ୍ତା କରିନାହାନ୍ତି । ଏପରିକି ନିଜ ସ୍ୱାମୀ ବିଦାୟ ସମୟରେ ଶେଷ ସାକ୍ଷାତ କରିବାକୁ ଉଚିତ୍ ମଣି ନାହାନ୍ତି । ଜଣେ ନାରୀ ଆଉ କ'ଣ ଚାହେଁ ଯଦି ନିଜ ସ୍ୱାମୀ ବିଦାୟ ସମୟରେ ସାମାନ୍ୟ ଶେଷ ସାକ୍ଷାତ୍ ପାଇଁ ଭୁଲି ଯା'ନ୍ତି ତେବେ ନିଜ ଉପରେ ମାନ କରିବା ବ୍ୟତୀତ ଅନ୍ୟ କିଛି ସାହା ନଥାଏ । ଯାହା ଏଠାରେ ଔପନ୍ୟାସିକା ବର୍ଣ୍ଣନା କରିଛନ୍ତି– "ଇଏ କି ପ୍ରକାର ସ୍ୱାମୀ ସ୍ତ୍ରୀ ସଂପର୍କ, ଇଏ କି ପ୍ରକାର ପୌରୁଷ ? ପୁରୁଷଙ୍କର କ'ଣ ସବୁ ଦୋଷ ଦୁର୍ବଳତା କ୍ଷମଣୀୟ । ସିଏ ଯଦି ଲକ୍ଷ୍ମଣଙ୍କୁ ନକହି ପିତାଙ୍କ ଗୃହକୁ ଗମନ କରିଥାନ୍ତେ କ୍ଷମା କରି ପାରନ୍ତେ କି ଲକ୍ଷ୍ମଣ ତାଙ୍କୁ ? ପାଦଧୂଳିଟିକିଏ ବି ଦେଲେନି ଲକ୍ଷ୍ମଣ ମୁଣ୍ଡରେ ମାରିବାକୁ । ହାନିମାନୀ ହତଭାଗିନୀ କରି ଛାଡି ଦେଇ ଗଲେ ଉର୍ମିଳାଙ୍କୁ ।"[୮]

ଲକ୍ଷ୍ମଣଙ୍କ ପ୍ରତି ଏତେ ପ୍ରେମ, ଶ୍ରଦ୍ଧା ଥିବା ସତ୍ତ୍ୱେ ଉର୍ମିଳା କ୍ଷମା କରି ପାରି ନାହାନ୍ତି ନିଜ ସ୍ୱାମୀଙ୍କୁ । ଦୀର୍ଘ ଦିନ ଧରି କ୍ରୋଧାଗ୍ନିରେ ଅଭିମାନ ଲିପ୍ତ ହୋଇ ସ୍ୱାମୀଙ୍କୁ ଧୀକ୍କାର କରିଛନ୍ତି । ଯଥା– "ଚୁପ୍ ଚାପ୍ ନିରବରେ ସବୁ ଶୁଣିବା କ'ଣ ଖାଲି ନାରୀର କର୍ତ୍ତବ୍ୟ । ସହିବା କ'ଣ କେବଳ ନାରୀର ଧର୍ମ । ପୁରୁଷର ନୁହେଁ ? ଏ ରାତି କେତେବେଳେ ପାହିବ, ତାଙ୍କ ପାଇଁ ଦିନ ରାତି ସବୁ ସମାନ । କେତେ ଆଉ ଭାବିବେ ଉର୍ମିଳା । ଗହନ ନିଦରେ ଶୋଇ ସ୍ୱପ୍ନ ଦେଖିବା ତାଙ୍କ ଭାଗ୍ୟରେ ନାହିଁ । କେମିତି ବିତେଇବେ ସେ ଏତେ ଗୁଡାଏ ଦିନ । ରାଗ ଅଭିମାନରେ ନାକ ପୁଡା ତାଙ୍କର ଫୁଲି ଉଠୁଥିଲା କେହି ତ ପଚାରିଲେନି ତାଙ୍କୁ ପଦେ । କେହି ମଧ୍ୟ ଆସିଲେନି ତାଙ୍କ ନିକଟକୁ କିନ୍ତୁ ତାଙ୍କର ଦୁଃଖ, ତାଙ୍କର ଅପମାନ । ଭାଗ୍ୟବତୀ ଭଗ୍ନୀ ସୀତା, ଭ୍ରାତା ରାମଚନ୍ଦ୍ରଙ୍କର ହୃଦୟ ଜୟ କରିଛନ୍ତି । ସେଥିପାଇଁ ଭ୍ରାତା ରାମଚନ୍ଦ୍ର ତାଙ୍କୁ ଏକାକି ନକରି ସଙ୍ଗରେ ଘେନିଗଲେ । ଆଉ ଲକ୍ଷ୍ମଣ, ଚୋର, ପଳାତକ, ସ୍ତ୍ରୀକୁ ଲୁଚି ପଳେଇଗଲେ । ଧନ୍ୟ ତାଙ୍କର ପୁରୁଷ ପଣିଆ । କେତେ ସ୍ୱାର୍ଥପର ସତେ ଲକ୍ଷ୍ମଣ ।"[୯]

ତପସ୍ୱିନୀ ଉର୍ମିଳା ସହନଶୀଳତାର ପ୍ରତୀକ । ନାରୀଟିଏ ଯେକେତେ ଦୁଃଖିନୀ ତାହା ଉର୍ମିଳାଙ୍କ ଚରିତ୍ରରୁ ବାରି ହୋଇ ପଡେ । ସୀତା ବନଗମନ କରିଥିଲେ ମଧ୍ୟ ତାଙ୍କ ସହ ଥିଲା ତାଙ୍କ ସଂସାର । ନିଜ ପତିଙ୍କ ସହଚରୀ ହୋଇ ଚଉଦ ବର୍ଷ ବିତେଇଲେ । ମାତ୍ର ଉର୍ମିଳା ବିନା ଦୋଷରେ ପତି ବିରହରେ ନାନାଦି ଯନ୍ତ୍ରଣାକୁ ସମ୍ମୁଖୀନ କଲେ । ଯାହା ଗୋଟେ ବିବାହିତା ପତ୍ନୀର ସବୁଠୁ ନର୍କ

ଯନ୍ତ୍ରଣା । ଏତେ ତ୍ୟାଗ, ଅପମାନ, ଅବାଞ୍ଛିତା ହେବା ପରେ ମଧ ରାମାୟଣ ନିରବ ଏହି ନାରୀଟି ପାଇଁ । କିନ୍ତୁ ସବୁ ହାରିବା ଭିତରେ ବି ଉର୍ମିଳା ସମାଜ ପାଇଁ ଗୌରବର ଦେବୀ, ପୂଜାର ଯୋଗ୍ୟା ହେବା ଉଚିତ୍ ।

ଚଉଦ ବର୍ଷର ବିଚ୍ଛେଦ ପରେ ଉର୍ମିଳା ଓ ଲକ୍ଷ୍ମଣଙ୍କ ପୁର୍ନମିଳନ ହୁଏ । ଅସ୍ଥିରତା ଓ ବ୍ୟାକୁଳତା ଭିତରେ କେତେ ମାନ, ଅଭିମାନର ପରିସମାପ୍ତି ଘଟେ । ଅଭିମାନରେ ଲକ୍ଷ୍ମଣଙ୍କୁ ଥରୁଟିଏ ଅନାଇ ଦେଖିବା ପାଇଁ ବି ଉର୍ମିଳା ଚାହିଁଲେ ନାହିଁ । ବିଭିନ୍ନ କାର୍ଯ୍ୟ ବାହାନାରେ ସେ ମା'ଙ୍କ ପାଖରେ ଅଟକି ରହିଲେ । ଶୟନ କକ୍ଷକୁ ଯିବାକୁ ତାଙ୍କର ମନ ବଳୁନଥିଲା । ଅଭିମାନୀ ଲଜ୍ୟାଶୀଳା ଉର୍ମିଳାଙ୍କୁ ମାତା ସୁମିତ୍ରା ଶୟନକକ୍ଷର ଦ୍ୱାର ପାଖେ ଛାଡି ଦେଇ ଆସିଲେ । ମାତ୍ର ପରିସ୍ଥିତି ଅଲଗା ଥିଲା । ଲକ୍ଷ୍ମଣ ନିଜେ ଆଗରୁ ଯାଇ ପଲଙ୍କ ଉପରେ ଅପେକ୍ଷା କରିଥିଲେ । ସେ ଓହ୍ଲାଇ ଆସି ଉର୍ମିଳାଙ୍କୁ ହାତରେ ପାଛୋଟି ନେଲେ । ଚତୁର୍ଦ୍ଦଶ ବର୍ଷର ଅଭିମାନ ଜମାଟ ବାନ୍ଧିଥିବା ହୃଦୟରୁ ଉର୍ମିଳାଙ୍କର ଯେଉଁ ଭାଷା ବାହାରିଲା ତାହାକୁ ଲେଖିକା ନିମ୍ନ ରୂପେ ଅବତାରଣା କରିଛନ୍ତି– "ଆର୍ଯ୍ୟପୁତ୍ର ! ତୁମେ ସତ୍ୟବାନ, ସତ୍ୟ ତୁମର ପ୍ରାଣ ତେଣୁ ଏ ଆହ୍ଲାଦିତ ରଜନୀରେ ତୁମେ ସତ୍ୟ କର, ପ୍ରତିଜ୍ଞା କର, ପୁନର୍ବାର ମୋତେ ଆଉ ଏପରି ଦଣ୍ଡ ଦେବ ନାହିଁ । ଏପରି ଲୋକହସା କରିବନାହିଁ ଯଦିବା ଏ କାର୍ଯ୍ୟର ପୁନରାବୃତ୍ତି ହୁଏ, କିମ୍ବା ଏପରି ଘଟଣା ଘଟେ । ତୁମେ ଉର୍ମିଳାକୁ ସବୁଦିନ ପାଇଁ ହରାଇବ । ଏଇ ପ୍ରତିଜ୍ଞାରେ ମୁଁ ଅଟଳ, ତୁମେ ତ୍ରିବାର ସତ୍ୟ କର । ଚମକି ଗଲେ ଲକ୍ଷ୍ମଣ । ଜିଦ୍‌ଖୋର ଉର୍ମିଳା ଏପରିପ୍ରତିଜ୍ଞା ନେଲେ କାହିଁକି ? ଭାଇଙ୍କର ଯଦି ଆଦେଶ ହୁଏ, ତେବେ ସେ ପୁନର୍ବାର ଯୁଦ୍ଧକ୍ଷେତ୍ରକୁ ଯିବେ । କଣ କରିବେ ଲକ୍ଷ୍ମଣ । ତଥାପି ସେ ପ୍ରତିଜ୍ଞା କଲେ ଉର୍ମିଳାଙ୍କ ନିକଟରେ । ଚଉଦବର୍ଷ ପରେ ମିଳିତ ହେଲେ ଉର୍ମିଳା ଏବଂ ଲକ୍ଷ୍ମଣ ।"[୧୦] କାଳକ୍ରମେ ତାଙ୍କର ଦୁଇ ସନ୍ତାନ ଜନ୍ମ ନେଇଥିଲେ ହେଁ ପୁଅମାନେ ବଡ ହୋଇ ଯିବାପରେ ପୁନର୍ବାର ଏକାକୀତ୍ୱର ଅନ୍ତର୍ଦାହ ଉର୍ମିଳାଙ୍କୁ ବ୍ୟଥିତ କରିଛି । ବାରମ୍ବାର ବିଚ୍ଛେଦ ଓ ନିଃସଙ୍ଗତାର ଜୀବନରେ ଛନ୍ଦି ହୋଇଥିବା ଉର୍ମିଳାଙ୍କ ଏକଲାପଣ ଜନିତ ଅସହାୟତା ସ୍ଥିତିବାଦୀ ଦର୍ଶନକୁ ସ୍ମରଣ କରେଇଦିଏ । ଏପରିକି ଜୀବନଟା ଦୁଃଖମୟ ଜାଣି ସେ ଆଉଥରେ ପୁନର୍ଜନ୍ମ ନେବାକୁ ଇଚ୍ଛା କରିନାହାନ୍ତି । ଏ ପ୍ରସଙ୍ଗରେ ଲେଖିକା କହିଛନ୍ତି– "ଉପେକ୍ଷିତା ଉର୍ମିଳାଙ୍କ ଜୀବନ । ଏ ଜନ୍ମ ଦୁଃଖ, ବିରହ ଏତିକିରେ ଶେଷ ହେଉ । ଆଉ ତାଙ୍କର ପୁନର୍ଜନ୍ମ ନ ହେଉ ।"[୧୧]

ବାସ୍ତବରେ ସ୍ୱୟଂସିଦ୍ଧା ସ୍ୱର୍ଣ୍ଣପ୍ରଭା ପାଢୀଙ୍କ 'ଉର୍ମିଳା' ଉପନ୍ୟାସଟି ରାମାୟଣର ଏକ ଗୁରୁତ୍ୱପୂର୍ଣ୍ଣ ନାରୀ ଚରିତ୍ର ଉପରେ ପର୍ଯ୍ୟବେସିତ ହୋଇଥିଲେ ହେଁ ଲକ୍ଷ୍ମଣ ପତ୍ନୀ 'ଉର୍ମିଳା'ଙ୍କ ବିଚ୍ଛେଦ ଗ୍ରସ୍ତ ଜୀବନର ଅନୁଭବକୁ ଅଧିକ ବ୍ୟକ୍ତ କରିଛି । ମୂଳ ରାମାୟଣରେ ବି ଉର୍ମିଳାଙ୍କ ବିଚ୍ଛେଦ ତଥା ପତିବିରହ ବେଦନା ସୂଚିତ ହୋଇଛି ସତ; ମାତ୍ର ଉପନ୍ୟାସରେ ଉର୍ମିଳାଙ୍କ ଜୀବନର ବହୁ ମୁଖୀନତା ବିବାହ ପୂର୍ବ ଜୀବନ ସରସତା ତଥା ବିବାହତ୍ତୋର ଜୀବନର ନିଃସଙ୍ଗତା ବେଶ୍ ମାର୍ମିକ ଭାବେ ଫୁଟି ଉଠିଛି । ପୁରାଣର ପୃଷ୍ଠଭୂମିରୁ ଉଠି ଆସିଛି ଉର୍ମିଳା ଏକ ସାଧାରଣ ସମାଜର ନାରୀ ଭାବେ ଏଠାରେ ଉଙ୍କି ମାରିଛନ୍ତି । ଅଭିମାନ ଓ ଅଶ୍ରୁରେ ଜର୍ଜରିତ ତାଙ୍କ ଜୀବନ ପାଠକର ହୃଦୟରେ ରେଖାପାତ କରେ । ବିଚ୍ଛେଦ ପରେ ମିଳନମଣିଷକୁ ଅପୂର୍ବ ଆନନ୍ଦ ଦିଏ । କିନ୍ତୁ ବିଚ୍ଛେଦ ପରେ ବିଚ୍ଛେଦ ଜୀବନ ପ୍ରତି ବିତୃଷ୍ଣା ଆଣିଦିଏ । ସେଥିପାଇଁ ଉର୍ମିଳା ସଂସାର ଜୀବନରୁ ମୁକ୍ତି ଚାହିଁଛନ୍ତି ।

**ପ୍ରାନ୍ତଟୀକା**


୧. ପାଢ଼ୀ ସ୍ୱୟଂସିଦ୍ଧା ସ୍ୱର୍ଣ୍ଣପ୍ରଭା : ଉର୍ମିଳା । ପ୍ରକାଶକ– ଶ୍ରୀ ମନ୍ମଥ ପାଢ଼ୀ, ମୁଖବନ୍ଧ ଅଧାପକ ପ୍ରେମାନନ୍ଦ ପଣ୍ଡା, ବ୍ରହ୍ମପୁର, ୧ମ ପ୍ରକାଶ– ୨୦୦୩ । ପୃଷ୍ଠା–୫–୬ ।

୨. ତତ୍ରୈବ– ନିଜକଥା– ପୃ–୮ ।

୩. ତତ୍ରୈବ, ପୃ–୪ ।

୪. ତତ୍ରୈବ, ପୃ–୨୧ ।

୫. ତତ୍ରୈବ, ପୃ–୬୫–୬୬ ।

୬. ତତ୍ରୈବ, ପୃ– ୩୪ ।

୭. ତତ୍ରୈବ, ପୃ–୫୭ ।

୮. ତତ୍ରୈବ, ପୃ–୧୯ ।

୯. ତତ୍ରୈବ, ପୃ–୨୫ ।

୧୦. ତତ୍ରୈବ, ପୃ–୮୬ ।

୧୧. ତତ୍ରୈବ, ପୃ–୧୦୫ ।



ସାନିଲୋ, ହାଜିପୁର, ତିରଣ, ଜଗତସିଂହପୁର, ଓଡ଼ିଶା

ଦୂରଭାଷ : ୮୪୫୭୦୨୭୨୦୨

ISSN -2583-147X (P), Vol.- 9, Issue No. V, August 2023
Bastabatara Pariprakash Prachee
*Peer Reviewed and Referred Research Journal*

# ରୂପାନ୍ତରରେ ନୀଳମାଷ୍ଟ୍ରାଣୀ

**ପ୍ରକାଶ ଚନ୍ଦ୍ର ପ୍ରଧାନ**

ନୀଳବ୍ରାହ୍ମଣୀ-ନୀଳମଷ୍ଟ୍ରାଣୀ-ନୀଳଧୋବଣୀ ଚରିତ୍ରଟି ଆମ ସମସ୍ତଙ୍କ ସ୍ମୃତିକୋଷରେ ନିଶ୍ଚୟ ରହିଥିବ । ଏ ଚରିତ୍ରଟି ଗୋଦାବରୀଶ ମହାପାତ୍ରଙ୍କ ପ୍ରସିଦ୍ଧ ଗଳ୍ପ ନୀଳମଷ୍ଟ୍ରାଣୀର ମୁଖ୍ୟଚରିତ୍ର । ଗଳ୍ପଟି ସମ୍ଭବତଃ ୧୯୫୫-୫୮ ମ୍ନରେ ରଚିତ, ମାତ୍ର ଏହାର ପାଠକୀୟ ଆଦର ଅଦ୍ୟପି ଅବ୍ୟାହତ । କୌଣସି ଚରିତ୍ର ବା ଘଟଣା ଯଦି ସବୁକାଳର ପାଠକଙ୍କ ଆଦରଣୀୟ ହୁଏ ତେବେ କାଳୋପଯୋଗୀ ହୋଇ ସେ ନୂଆନୂଆ ଶବ୍ଦରୂପ ଧାରଣ କରିଚାଲେ । ଆମ ଓଡ଼ିଆ ସାହିତ୍ୟରେ ଏପରି ଦୃଷ୍ଟାନ୍ତ ବିରଳ ନୁହେଁ । ଏଇ ଯେପରି ଫକୀରମୋହନଙ୍କ 'ରେବତୀ' । ଅଦ୍ୟପି ରଚିତ ରେବତୀ ଗଳ୍ପସଂଖ୍ୟା ଷାଠିଏରୁ ଊର୍ଦ୍ଧ୍ୱ ହେବ ନିଶ୍ଚୟ । ଏପରି ହେବା ପଛରେ ରେବତୀ ଗଳ୍ପର ସବୁକାଳର ପାଠକୀୟ ଆଦର ହିଁ ଦାୟୀ । ରେବତୀ ପରି ଗୋଦାବରୀଶଙ୍କ ନୀଳମାଷ୍ଟ୍ରାଣୀ ଚରିତ୍ରଟି ମଧ୍ୟ ଏକବିଂଶ ଶତକରେ ଏକ ନୂତନ ରୁଚିନେଇ ପାଠକଙ୍କ ଚକ୍ଷୁଗତ ହୋଇଛି ।

ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଇସ୍ତାହାର ପତ୍ରିକାର ୧୦୫ ସଂଖ୍ୟାରେ ଗିରିଶ ସାହୁଙ୍କ ଲେଖନୀରେ ସଂପୂର୍ଣ୍ଣ ନୂତନ ରୂପଧାରଣ କରି ନୀଳମଷ୍ଟ୍ରାଣୀ ପାଠକଙ୍କ ଚକ୍ଷୁଗତ ହେବା ପରେ ସାହିତ୍ୟ ପିପାସୁ ମହଲରେ ଆନ୍ଦୋଳନ ସୃଷ୍ଟି କଲା । ଗୋଦାବରୀଶ ଏବଂ ଗିରିଶ ସାହୁଙ୍କ ଗଳ୍ପର ଚରିତ୍ର ଓ ସ୍ଥାନ ଯଦିଓ ସମାନ ମାତ୍ର ସ୍ଥାନର ପରିବେଶ ଓ ଚରିତ୍ର ଚିତ୍ରଣରେ ଅଛି ଶତପ୍ରତିଶତ ଭିନ୍ନତା । ମୁଁ ଦୁଇଗଳ୍ପ ମଧ୍ୟରେ ତୁଳନା ଆଦୌ କରୁନାହିଁ. ପୂର୍ବଗପଠାରୁ ପରଗପଟି କେଉଁକେଉଁ ଦିଗରେ ଭିନ୍ନ ହୋଇପାରିଛି ତାହାହିଁ ଜଣାଇବାକୁ ପ୍ରାୟସ କରିଛି ମାତ୍ର ।

ଗୋଦାବରୀଶ ମହାପାତ୍ର ତାଙ୍କର ଏ ପ୍ରସିଦ୍ଧ ଗଳ୍ପର ଚରିତ୍ର ସଂପର୍କରେ କହନ୍ତି, "ନୀଳମଷ୍ଟ୍ରାଣୀ ଏବେ ମଧ୍ୟ ପୁରୀ ଜିଲ୍ଲାର ଏକ ମଫସଲ ପୋଖରୀରେ ମଇଳା ଲୁଗା କାଚୁଛି ।" (ଗୋଦାବରୀଶ ଗ୍ରନ୍ଥାବଳୀ) ଏଥିରୁ ସ୍ପଷ୍ଟ ହୋଇଗଲା ଯେ ଗଳ୍ପଟି ଏକ ସତ୍ୟଘଟଣା ଉପରେ ଆଧାରିତ । ନୀଳବ୍ରାହ୍ମଣୀରୁ ନୀଳମଷ୍ଟ୍ରାଣୀ ଶେଷରେ ନୀଳଧୋବଣୀରେ ପରିଣତ ହେବାର କରୁଣ କାହାଣୀଟି ସୂଚନାନୁସାରେ ଗାଳ୍ପିକ ଗୋଦାବରୀଶ ପ୍ରିୟବନ୍ଧୁ ଛନ୍ଦକବି ରାଧାମୋହନ ଗଡ଼ନାୟକଙ୍କ ମୁଖରୁ ଶୁଣିଥିଲେ । ପରବର୍ତ୍ତୀ କାଳରେ ରାଧାମୋହନ ଗଡ଼ନାୟକ ମ୍ନ ଉକ୍ତ ଘଟଣାକୁ ନେଇ ସମଶୀର୍ଷକରେ ଏକ କବିତା ରଚନା କରିଛନ୍ତି, ଯାହା ତାଙ୍କର 'ସୂର୍ଯ୍ୟ ଓ ଅନ୍ଧକାର' କବିତା ସଂକଳନରେ ରହିଛି ।

ପ୍ରଥମେ ଗୋଦାବରୀଶ ମହାପାତ୍ରଙ୍କ ଗଳ୍ପଟିକୁ ବିଚାରକୁ ଆଣିବା । ନୀଳଧୋବଣୀ ମଇଳା ଲୁଗାର ଗଣ୍ଡିରା ଭିତରେ ମୁହଁ ଗୁଞ୍ଜି ତାକୁ ଲୁହରେ ବତରାଉଛି ଏବଂ ଖୋଲିପକାଉଛି ସ୍ମୃତିର ଗଣ୍ଡିରା ଆଉ ଦେଖୁଛି ଅତୀତର ନୀଳବ୍ରାହ୍ମଣୀ, ନୀଳମାଷ୍ଟ୍ରାଣୀ ଓ ତା'ର ଅତୀତର ଟିକି ସଂସାର ସବୁକୁ । ଏହି ସ୍ମୃତିଚାରଣ ରୀତିରେ ସମଗ୍ର ଗଳ୍ପଟି ରଚିତ । ମା' ଛେଉଣ୍ଡ ନୀଳ ବାଲ୍ୟ ବିବାହ କରିଛି ଏବଂ ଛଅଟି ମାସରେ ବାଲ୍ୟବିଧବା ସାଜିଛି ମଧ୍ୟ । ଲେଖକଙ୍କ ଭାଷାରେ, "ବିବାହର ଛ'ମାସ ପରେ ଏହି ମାତୃଶୂନ୍ୟ କୁଟିର ଭିତରେ ମାତୃହୀନ କିଶୋରୀର ନିରାଭରଣ ଅଙ୍ଗ-ସୌଷ୍ଠବ ସକାଳେ ଝଡ଼ି ପଡ଼ିଥିବା ଗଙ୍ଗଶିଉଳି ଫୁଲପରି ପଡ଼ିରହିଲା । ତାକୁ କିଏ ଗୋଟାଇ ନେଇ ଦେବତାଙ୍କ ମସ୍ତକରେ ଦେବ ? ସମାଜରେ ସେ ବିଧାନ ନାହିଁ ।" ସେକାଳରେ ବାଲ୍ୟବିବାହ ପ୍ରଥାନୁସାରେ

ଝିଅମାନେ ଅଳ୍ପ ବୟସରେ ବିବାହ କରୁଥିଲେ, ଯଦି କୌଣସି କାରଣରୁ ପତି ସ୍ୱର୍ଗଗାମୀ ହୁଅନ୍ତି ତେବେ ଝିଅଟି କଅଁଳ ବୟସରେ ବିଧବା ବେଶରେ ନିଜ ବାପଘରେ ଆଶ୍ରୟ ନେଉଥିଲା । ଦ୍ୱିତୀୟ ବିବାହର ସୁଯୋଗ ସୁବିଧା ନିତିନିୟମବନ୍ଧା ସମାଜରେ ନଥିଲା । ଯୁବା ଝିଅଙ୍କର କଅଁଳ ମନର କଇଁକଇଁ କାନ୍ଦଣାର ସ୍ୱରକୁ ଶୁଣୁଥିଲା ବା କିଏ । ନୀଳ କିନ୍ତୁ ତାର ଭରାଯୌବନର କୋଠର ଆହ୍ୱାନକୁ ଆଡ଼େଇ ନପାରି ନାଟୁଆ ମଦନା ସେଠୀର ହାତଧରି ଚାଲିଯାଇ ଧୋବା ଘରର ବୋହୂ ସାଜିଲା। ମଦନା ପାଇଁ ସେ ଭୁଲିଲା ଶିକ୍ଷକତା, ଭ୍ରାତୃସ୍ନେହ, ସାମାଜିକବନ୍ଧନ ଓ ଲୋକାପବାଦ ସବୁକୁ । ମଦନା ସହିତ ସୁଖର ସଂସାର ଗଢ଼ିଚାଲିଛ, କିନ୍ତୁ ତାହାଥିଲା ଅଳ୍ପଦିନର । ମାତ୍ର କେଇମାସ ପରେ ଭାଜିଯାଇଛି ନାଟ ଆଖଡ଼ା, ମଦନା ସାଜିଛି ମଦଡ଼ି ଆଉ ନୀଳ ସାଜିଛି ମଦନା ଅତ୍ୟାଚାରର ଶୀକାର । ଯିଏ ଦିନେ ବହି ଧରି ପିଲାଙ୍କ ଭବିଷ୍ୟତ ଗଢ଼ିବାକୁ ପ୍ରତ୍ୟହ ସ୍କୁଲ ଯାଉଥିଲା ସେ କର୍ମକୁ ଆଦରି ପ୍ରତ୍ୟହ ଲୁଗାବୁଜୁଳା ଧରି ଯାଇଛି ତୁଠକୁ । ଅନୁତାପରେ କଟିଛି ଜୀବନ ।

ଭାଇର ବାହାଘର ଖବର ପାଇ ତା'ମନ ଆଉ ଟିକିଏ ଗୁମୁରି ଉଠିଛି । ଯେଉଁଠି ସେ ତା' ନୂଆ ବୋହୂକୁ ବଉଳପାଟରେ ସଜେଇଥାନ୍ତା ସେଇଠି ସେ ପାଟକୁ ସଫା କରିବାକୁ ପଡ଼ୋଶୀ ଆଗରେ ନେହୁରା ହୋଇଛି । ଭାଇକୁ ଦେଖିବା ଆଳରେ ସେ ଯିଦି କରିଛି ଭାଇ ଆସିଲେ ଯାଇ ପାଟଦେବ କହି । ରାତ୍ରିର ଦ୍ୱିତୀୟ ପ୍ରହରରେ ଭାଇ ଆସିଛି ସମାଜର ଲକ୍ଷ୍ମଣଗାରକୁ ଡେଇଁ । ଭାଇକୁ କୁଣ୍ଢେଇ ପକାଇ ସ୍ନେହଭରା ଓ କୋହଭରା କଣ୍ଠରେ କହିପକାଇଛି, "ମୁଁ ଚାଲିଆସିଲି ବୋଲି ତୁ ଚାଲିଆସିଲୁ ? ଲୋକେ ବୋଲିବେ କ'ଣ ? ତୁ ମଧ୍ୟ କୁଳରେ କଳଙ୍କ ଲଗାଇବୁ ? ଫେରିଯା ଫେରିଯା !" ଏହିଠାରେ ଗୋଦାବରୀଶଙ୍କ ଲେଖନୀରେ ନୀଳ ଇତିହାସରେ ପୂର୍ଣ୍ଣଛେଦ ପଡ଼ିଛି ।

ଲୁଗାବୁଜୁଳା ଭିତରେ ମୁହଁଗୁଞ୍ଜି କାନ୍ଦିବା ହିଁ ସାର ଭାବି ନେଇଥିବା ନୀଳକୁ ଶ୍ରୀ ସାହୁ ସ୍ନେହର ସ୍ପର୍ଶ ଦେଇ ଉଠାଇଛନ୍ତି ଏବଂ ସମାଜରେ ପଶ୍ଚାତାପ କିମ୍ବା ଅପମାନରେ ନୁହେଁ ବରଂ ଆଦର୍ଶ ଭାବରେ ବଂଚିବା ଦରକାର, ଏପରି ସ୍ୱପ୍ନଟିଏ ତା' ଭିତରେ ଭରି ଦେଇଛନ୍ତି । ନୀଳକୁ ଲୁଗା ଓ ତୁଠ ଜୀବନରୁ ମୁକ୍ତ କରି ଆଣ୍ଟୁଆ ଗ୍ରାମପଂଚାୟତର ସରପଂଚ ପ୍ରାର୍ଥୀ କରାଇଛନ୍ତି । ଯେଉଁ ବିଶିଆମାନେ ତାକୁ ଧୋବଣୀ କହି ନାକଟେକି ଦୂର୍‌ଦୂର୍ ହେଉଥିଲେ ତା' ଘର ଦୁଆରବନ୍ଧ ଡେଇଁ ଚା ପିଇଲେଣି । ଯେଉଁ ରାସ୍ତାରେ ନୀଳ ପଦପାତ କଲାମାତ୍ରେ ତିନୋଟି ଗାଁର ନରନାରୀ ଗଛ ଉହାଡ଼ରେ ଫୁସୁରୁଫାସୁରୁ ହୋଇ ନାନା କଟୁବାଣୀ ଶୁଣାଉଥିଲେ ସେମାନାଙ୍କ ପିଲାମାନେ ନୀଳନାନୀ ନୀଳନାନୀ କହି ପଛୁଆରରେ ଧାଇଁଛନ୍ତି । ଲେଖକ ଶ୍ରୀ ସାହୁ ଏ ମର୍ମରେ ବକ୍ତବ୍ୟ ରଖି କହନ୍ତି, "ଜାତି ହେଉଛି ମଣିଷମନର ଅଂହକାରରୁ ସୃଷ୍ଟି । ଏସବୁ ଜାତିର ସଂଜ୍ଞା ବଦଳି ଗଲାଣି । ଏ ସଂସାରରେ ସବୁଠାରୁ ବଡ଼ଜାତି ହେଉଛି ଟଙ୍କା ଓ ଶକ୍ତି । ଯିଏ ସିଧା ମୁହଁକୁ ବଙ୍କା କରିଦିଏ ।" ଯେଉଁ ନୀଳକୁ ଶାସନୀ ବ୍ରାହ୍ମଣ ସାହିରୁ ସବୁଦିନ ପାଇଁ ବିଦା କରାଯାଇଥିଲା ସେଇଠି ବସି ସେ ପଖାଳ ଖାଇଛି । ଏଇଠି କହିପାରିବା ଯେ ଶ୍ରୀ ସାହୁଙ୍କ ଗଳ୍ପଟି କାଳୋପଯୋଗୀ ହୋଇପାରିଛି ନିଶ୍ଚୟ । ଜାତିପ୍ରଥାରଗଣ୍ଡି ଭିତରୁ ନୀଳ ହୋଇଛି ମୁକ୍ତ ।

ପୁରୁଷ ପ୍ରଧାନ ସମାଜ ଭିତରେ ନାରୀଟିଏ ପାଖରେ ନଥାଏ ଅଭିଯୋଗ ଓ ମତାମତ ଦେବାର ସ୍ୱାଧୀନତା । ମାତ୍ର ସମୟ ଧାରାରେ ଏ ଋଗ୍‌ଣମାନସିକତା ଆମ ସମାଜ ମଧ୍ୟରେ ଧିରେ ଧିରେ ବଦଳିଛି । ନାରୀ ଆଜି ବି ପୂର୍ଣ୍ଣ ସ୍ୱାଧୀନତା ପାଇଁ ଲଢ଼େଇ କରି ଚାଲିଛି । ବିଂଶ ଶତକର ଅଶୀଦଶକ ପରେ ପରେ ନାରୀ ସ୍ୱାଧୀନତାକୁ ନେଇ ଅମ ଓଡ଼ିଆ ସାହିତ୍ୟ ଅଧିକ ସଚେତନ ହୋଇ ଉଠିଛି । ଲେଖକ ଶ୍ରୀ ସାହୁଙ୍କ ଲେଖନୀ ମଧ୍ୟ ଏ ଦିଗରେ ସଚେତନ ଥିବାର ଦେଖାଯାଏ । ଯେଉଁ ମଦନା ଦିନେ କଂଚା ଯୌବନକୁ ନେଇ ଆଉଟୁପାଉଟୁ ହେଉଥିବା ନୀଳର ବିଶ୍ୱାସ ଜିଣିବାକୁ କହିଥିଲା, "ଏ ବାହୁରେ ଜୁଥିବାଯାଏ ତୋ ପେଟକୁ ଆଉ ଅ ଣ୍ଟାକୁ କ'ଣ ଜୋଗାଇ ପାରିବିନି ଭାବୁଛୁ ନୀଳ ?" ସେ ମଦ୍ୟପ ହୋଇ ନୀଳର କଅଁଳ ଦେହରେ ପ୍ରହାର କରିଛି । ମଦନାର ମିଥ୍ୟାଚାରରେ ପଡ଼ି ନିଜର କଅଁଳ ମନକୁ ବନ୍ଧା ପକାଇଥିବା ନୀଳ ହୋଇଛି ଅତ୍ୟାଚାରିତ । ନୀଳ ଉଜ୍ୱଳ ଭାଗ୍ୟର ନିୟାମକ ଶ୍ରୀ ସାହୁଙ୍କ ଲେଖନୀ ମଦନା ବିରୋଧରେ ଲଢ଼ିବାକୁ ନୀଳ ଭିତରେ ଜୁ-ଖଞ୍ଜି ଦେଇଛି । ମଦନା ନୀଳ ଆଗରେ ହାତ ଉଠାଇବାର ସାହସ ହରାଇଛି । ନୀଳର ଅନୁଗତ୍ୟ ହୋଇ ରହିଛି ସେ । ମାତ୍ର ଲେଖକ

ଏଠାରେ ଭାରତୀୟ ପରଂପରାକୁ ଭୁଲି ନାହାନ୍ତି । ଭାରତୀୟ ନାରୀ ଯେତେ ଉପରକୁ ଗଲେ ମଧ୍ୟ ସ୍ୱାମୀ ତା'ପାଇଁ ଦେବତା । ଯେଉଁ ଦେବାତଙ୍କ ତୃପ୍ତି ପାଇଁ ଏ ଭାରତୀୟ ନାରୀ ଫୁଲପରି ନିଜକୁ ସମର୍ପି ଦିଏ । ରାତି ଅଧରେ ନୀଳ ନିଶାଖୋର ହୋଇ ଶୋଇଥିବା ମଦନାକୁ କୋଳକୁ ଟାଣି ଆଣି ମୁଣ୍ଡକୁ ଆଉଁସି ପକାଏ । ଲେଖକଙ୍କ ଭାଷାରେ, 'ନାହିଁ ନାହିଁର ଅନ୍ଧାର ଭିତରେ, ଦୁଇଟା ଶରୀର ଏକାଠି ହୁଏ ।'

ଗଳ୍ପର ଶେଷ ପର୍ଯ୍ୟାୟରେ ଶ୍ରୀ ସାହୁ ନୀଳ ଜୀବନରେ ଅନ୍ୟ ଏକ ଅଧ୍ୟାୟକୁ ଯୋଗ କରିଛନ୍ତି । ସରପଂଚ ନିର୍ବାଚନରେ ସେ ବିଜୟିନୀ ହୋଇ ହୋଇଛି ନୀଳ ସରପଂଚିଆଣୀ । ନୀଳବ୍ରାହ୍ମଣୀ-ନୀଳମାଷ୍ଟ୍ରାଣୀ-ନୀଳଧୋବଣୀ-ନୀଳସରପଂଚିଆଣୀ ଏପରି ଚାରିଗୋଟି ଅଧ୍ୟାୟରେ ଯୋଡ଼ି ହୋଇଯାଇଛି ନୀଳ ଜୀବନର ଇତିହାସ । ନାରୀ ଯେ କେବଳ ପରିବାର ନୁହେଁ ଦେଶକୁ ମଧ୍ୟ ଚଳାଇବାରେ ସକ୍ଷମ, ତା'ର ଏକ ସୁନ୍ଦର ଦୃଷ୍ଟାନ୍ତ ଦେଇଛନ୍ତି ଶ୍ରୀ ସାହୁ ନୀଳ ଚରିତ୍ର ମାଧ୍ୟମରେ । ନିର୍ବାଚନ ଜିତିବା ପରେ ନୀଳ ଆଣ୍ଡୁଆ ଗ୍ରାମପଂଚାୟତର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଆପ୍ରାଣ ଉଦ୍ୟମର ସହ ଲାଗି ପଡ଼ିଛି । ନିଜ ଦଳର ସଦସ୍ୟମାନଙ୍କର ବିରୁଦ୍ଧରେ ଯାଇ ଜନମଙ୍ଗଳ ପଦକ୍ଷେପମାନ ନେଇ ନାରୀଶକ୍ତିର ପ୍ରମାଣ ଦେଇଛି । ଶେଷରେ ସେ ଶ୍ରେଷ୍ଠ ସରପଂଚ ଭାବରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛି ମଧ୍ୟ ।

ନୀଳ ଜୀବନ ଇତିହାସର ଦୁଇ ଲେଖନୀକାର ଚାରିଗୋଟି ଅଧ୍ୟାୟର ଚିତ୍ର ଆଙ୍କିଛନ୍ତି । ଶ୍ରୀ ମହାପାତ୍ର ଯେଉଁ ତିନିଗୋଟି ଅଧ୍ୟାୟକୁ ରୂପ ଦେଇଛନ୍ତି ତାହା ଏକ ସତ୍ୟ କାହାଣୀ ଆଧାରିତ, ମାତ୍ର ଶ୍ରୀ ସାହୁ ଯେଉଁ ଅଧ୍ୟାୟଟିକୁ ରୂପ ଦେଇଛନ୍ତି ତାହା ସଂପୂର୍ଣ୍ଣ କାଳ୍ପନିକ, ମାତ୍ର କାଳପୋଯୋଗୀ । ପ୍ରଥମ ଗଳ୍ପଟି ପାଠ କରିଥିବା ପାଠକଟିଏ ମନରେ ପ୍ରଶ୍ନ ଜନ୍ମୁଥିବ, "ସତରେ କ'ଣ ନୀଳର ବକେୟା ଜୀବନ ସେଇ ଲୁହଭିଜା ଲୁଗାଗଣ୍ଠିରା ଭିତରେ କଟିଲା ।" ପର ଗଳ୍ପଟି ପାଠକଲା ପରେ ସେ ଯେଉଁ ନୀଳକୁ ଲୁଗାଗଣ୍ଠିରା ଭିତରେ ମୁହଁଗୁଞ୍ଜି ଲୁହ ଗଡ଼ାଉ ଥିବାର ଶେଷଥର ଦେଖିଥିଲା ନୀଳ ସେଥିରୁ ଉଠିଛି ଏବଂ ସ୍ୱାମୀ ଓ ନିତିନିୟମବନ୍ଧିତ ସମାଜ ବିରୁଦ୍ଧରେ ଲଢ଼େଇ କରି ପଶ୍ଚାତାପ ନୁହଁ ବରଂ ଗର୍ବର ସହ ଆଦର୍ଶ ନାରୀଟିଏ ହୋଇ ବଂଚିଛି, ଏହାହିଁ ଦେଖିବ । ବିଂଶ ଶତାବ୍ଦୀର ସମାଜ ଦୃଷ୍ଟିରେ ଯିଏ ଥିଲା ଏକ କଳୁଷିତ ନାରୀ ଏକବିଂଶ ଶତାବ୍ଦୀର ସମାଜ ଦୃଷ୍ଟିରେ ସେ ସମାଜ ପାଇଁ ହୋଇଛି ଆଦର୍ଶ ।


ଅଧ୍ୟାପକ
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ,
ବାଙ୍କୀ- ୭୫୪୦୦୮

ISSN -2583-147X (P), **Vol.- 9, Issue No. V, August 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସ୍ୱିଫ୍ଟଲେଟ ପକ୍ଷୀ ଲାଳର ବସାରୁ ବ୍ୟଞ୍ଜନ ବ୍ୟବସାୟ

**ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ**

ସ୍ୱାଦିଷ୍ଟ ଖାଦ୍ୟ ଦେଖିଲେ କ୍ଷୁଧାର୍ଥ ପାଟିରୁ ଲାଳ ଗଡେ, ହେଲେ ଆପଣମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ପକ୍ଷୀଲାଳରୁ ପ୍ରସ୍ତୁତ ବ୍ୟଞ୍ଜନ ପାଇଁ ଲାଳ ଗଡାଇ ଥାଆନ୍ତି ଅନେକେ । କ୍ଷୁଧା ନିବାରଣ ବ୍ୟତିରେକ ଖାଦ୍ୟ ବିଳାସୀ ମଣିଷ ଯୁଗେ ଯୁଗେ ଜିହ୍ୱା ଲାଳସା ପରିତୃପ୍ତ କରିବା ପାଇଁ ନିଆରା ସ୍ୱାଦ ଅନ୍ୱେଷଣରେ ବହୁ ସ୍ୱାଦିଷ୍ଟ ଦ୍ରବ୍ୟ ନିଜ ଭୋଜନ ଅନ୍ତର୍ଭୁକ୍ତ କରିଆସିଛି । ପୃଥିବୀର ବିଭିନ୍ନ ସ୍ଥାନରେ ରହୁଥିବା ଲୋକଙ୍କ ଖାଦ୍ୟ ରୁଚି ଓ ପସନ୍ଦ ମଧ୍ୟ ଭିନ୍ନ, ଅନନ୍ୟ ବେଳେବେଳେ ଅଦ୍ଭୁତ ମଧ୍ୟ ହୋଇଥାଏ । ତେବେ ଏହି ଖାଦ୍ୟ ଦ୍ରବ୍ୟର ଚାହିଦାକୁ ଦେଖି ସ୍ଥାନୀୟ ଓ ଆନ୍ତର୍ଜାତିକ ବ୍ୟବସାୟ ଖୁବ୍ ସଙ୍ଗଠିତ ଭାବେ ଚାଲିଅଛି । ଥାଇଲାଣ୍ଡରେ ସେମିତି ଏକ ଅଦ୍ଭୁତ ଖାଦ୍ୟ ପ୍ରସ୍ତୁତ କରାଯାଏ ସ୍ୱିଫ୍ଟଲେଟ ନାମକ କ୍ଷୁଦ୍ର ପକ୍ଷୀଲାଳରୁ ତିଆରି ବସାରୁ । ଏଥିରୁ ପ୍ରସ୍ତୁତ ବ୍ୟଞ୍ଜନ ଝୋଳର ଚାହିଦା ଆନ୍ତର୍ଜାତିକ ସ୍ତରରେ, ବିଶେଷକରି ଚାଇନାରେ ଏତେ ଯେ ଏହି ବ୍ୟବସାୟ କରିବା ପାଇଁ ଥାଇଲାଣ୍ଡରେ ଖୁବ ପ୍ରତିଯୋଗିତା ହୋଇଥାଏ । ଏହି ବିରଳ ଚଢେଇର ଖାଦ୍ୟ ଯୋଗ୍ୟ ଏକ କିଲୋଗ୍ରାମ ବସାର ଦାମ ଭାରତୀୟ ମୁଦ୍ରା ଅନୁସାରେ ପ୍ରାୟ ଏକଲକ୍ଷ ଟଙ୍କା ହୋଇଥାଏ । ବିଶ୍ୱାସ କରାଯାଏ ଯେ ପକ୍ଷୀବସା ସୁପ୍ ଶିଶୁମାନଙ୍କ ଅଭିବୃଦ୍ଧିରେ ସହାୟକ ହୋଇଥାଏ । ଏଥିରେ ପ୍ରୋଟିନ, ଆମିନୋଏସିଡ୍ ଥିବାରୁ ଏହା ଯୌନ ଶକ୍ତିବୃଦ୍ଧି, ତ୍ୱକ ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଓ ଥଣ୍ଡା ପରି ବହୁ ରୋଗ ଉପସମ ପାଇଁ ଔଷଧ ରୂପେ ବ୍ୟବହାର କରାଯାଇଥାଏ । ଏହାର ରଙ୍ଗ, ଆକାର ମୁତାବକ ତାର ମୂଲ୍ୟ ନିର୍ଣ୍ଣୟ କରାଯାଇଥାଏ । ଚୀନ ଦେଶରେ ୫୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ଚଢେଇ ଲାଳରୁ ତିଆରି ତାର ବସାରସୁପ୍‌କୁ ବ୍ୟବହାର କରାଯାଉଛି । ସିଙ୍ଗାପୁର, ମାଲେସିଆ, ଚୀନ, ତାଇୱାନ, ଥାଇଲାଣ୍ଡ, କାମ୍ବୋଡିଆ, ଭିଏତନାମ ଓ ମିଆଁମାର ଆଦି ଦେଶରେ ସ୍ୱିଫ୍ଟଲେଟ ଚଢେଇ ଲାଳରୁ ତିଆରି ତାର ବସାର ସୁପ୍‌କୁ ଅତ୍ୟନ୍ତ ସ୍ୱାଦିଷ୍ଟ ବ୍ୟଞ୍ଜନ ଭାବେ ବିବେଚନା କରାଯାଏ । ପକ୍ଷୀବସାକୁ ପରିଷ୍କାର କରି ସୁଗନ୍ଧିତ ସୈନ୍ଧବ ଚିନି ପକାଇ ପାଣିରେ ସିଝାଇଏହାର ଝୋଳ ପ୍ରସ୍ତୁତ କରାଯାଏ ।

ଦକ୍ଷିଣ ଏସିଆ, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ, ଉତ୍ତର ଅଷ୍ଟ୍ରେଲିଆରେ ଦେଖା ଯାଉଥିବା ଏହି ସ୍ୱିଫ୍ଟଲେଟ ନାମକ କ୍ଷୁଦ୍ର ପକ୍ଷୀ କେବଳ ପ୍ରାକୃତିକ ପରିବେଶରେ ୧୫ରୁ ୧୮ ବର୍ଷ ପର୍ଯ୍ୟନ୍ତ ବଞ୍ଚି ଥାଆନ୍ତି । ବର୍ଷକୁ ମାତ୍ର ଦୁଇଥର ପ୍ରଜନନ ଋତୁରେ (ଫେବୃଆରୀ-ଏପ୍ରିଲ ଓ ଜୁଲାଇ-ଅଗଷ୍ଟ) ସେମାନେ ଏକାନ୍ତ ସ୍ଥାନରେ ଥିବା ଉଚ୍ଚ ବୃକ୍ଷ ବା ପାହାଡିଆ ଗୁମ୍ଫାରେ ନିଜ ଅଠାଳିଆ ଲାଳରେ ଛୋଟ କପ୍ ଆକାରର ଅର୍ଦ୍ଧ ସ୍ୱଚ୍ଛ ଧଳାଳିଆ ବସା ତିଆରି କରି ଏକରୁ ଦୁଇଟି ପର୍ଯ୍ୟନ୍ତ ଅଣ୍ଡା ଦିଅନ୍ତି । ଏମାନେ ଦଳଗତ ଭାବେ ବାସ କରି ଥାଆନ୍ତି । କ୍ଷୀପ୍ରଗତିରେ ଉଡ଼ି କୀଟପତଙ୍ଗଙ୍କୁ ଆହାର କରି ବଞ୍ଚୁଥିବା ଏହି ପକ୍ଷୀମାନଙ୍କ ଲମ୍ବ ୫ ରୁ ୬ ଇଞ୍ଚ ହୋଇଥିବା ବେଳେ ଓଜନ ମାତ୍ର ୧୫ ରୁ ୧୮ ଗ୍ରାମ ହୋଇଥାଏ । ଏହାର ଉପରାର୍ଦ୍ଧ କଳା ବାଦାମୀ ରଙ୍ଗର ହୋଇଥିବା ବେଳେ କ୍ଷୁଦ୍ର ଥଣ୍ଟ ଓ ଗୋଡ କଳା ରଙ୍ଗର ହୋଇଥାଏ । ପ୍ରତିଧ୍ୱନୀ ସ୍ଥାନ ନିର୍ଦ୍ଧାରଣ କରି ଉଡ଼ିବା ସମୟରେ ଏହା କ୍ରସଚିହ୍ନ ପରି ଦିଶିଥାଏ । ମାତ୍ର ଛଅଟି ପ୍ରଜାତିର ସ୍ୱିଫ୍ଟଲେଟର ବସାକୁ ବ୍ୟଞ୍ଜନ ଭାବେ ଉପଯୋଗ କରାଯାଇପାରେ । ଭାରତର ଆଣ୍ଡାମାନ ଉପଦ୍ୱୀପରେ ମଧ୍ୟ ଏମାନେ ରହିଥିବାର ଦେଖାଯାଏ ।

ସାରା ପୃଥିବୀରେ ଇଣ୍ଡୋନେସିଆ ଏହି ସ୍ୱିଫ୍ଟଲେଟ ପକ୍ଷୀର ସ୍ୱାଦିଷ୍ଟ ନୀଡ଼ର ସର୍ବବୃହତ ଉତ୍ପାଦକ ହୋଇଥିବା ବେଳେ ଥାଇଲାଣ୍ଡ

ଏହି ସ୍ୱାଦିଷ୍ଟ ବସାର ଶ୍ରେଷ୍ଠ ଉତ୍ପାଦକ ଭାବେ ପ୍ରସିଦ୍ଧି ଲାଭ କରିଛି । ସେଠାରେ ଅନେକ ସ୍ୱିଫ୍ଟଲେଟ ପକ୍ଷୀର ସ୍ୱାଦିଷ୍ଟ ନୀଡ଼ ତଦାରଖକାରୀ ସମିତିଙ୍କୁ ନେଇ ପ୍ରଦେଶର ଅଧକ୍ଷଙ୍କ ଦ୍ୱାରା ପରିଚାଳିତ ସଙ୍ଗଠନ ପକ୍ଷୀବସା ଉତ୍ପାଦକ କମ୍ପାନୀମାନଙ୍କୁ ନିୟନ୍ତ୍ରଣ କରୁଛି । ଏହି ସ୍ୱିଫ୍ଟଲେଟ ପକ୍ଷୀର ସ୍ୱାଦିଷ୍ଟ ନୀଡ଼କୁ ଗୁରୁତ୍ୱ ଦେଇ – ଧଳାସୁନା ବା ପୂର୍ବାଞ୍ଚଳର ଦାମୀମାଛ ଅଣ୍ଡା ବୋଲି ସମ୍ମାନ ସୂଚକ ଭାବେ କୁହାଯାଇଥାଏ । ଥାଇଲାଣ୍ଡର ପାକ-ଫାୟୁନ ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଫଠାଲୁଙ୍ଗ ପ୍ରଦେଶରେ ଥିବା ପ୍ରାୟ ୨୨୪ ହେକ୍ଟର ବ୍ୟାପୀ ଅଞ୍ଚଳ ପରିମିତ ୭ଟି ଦ୍ୱୀପ ଏହି ବ୍ୟବସାୟ ପାଇଁ ଖୁବ୍ ଜଣାଶୁଣା । ଏଠାର ସଂଖ୍ଲାହ୍ରଦ ନିକଟରେ ସ୍ୱିଫ୍ଟଲେଟ ପକ୍ଷୀର ଖାଦ୍ୟ ଓ ବାସସ୍ଥାନ ପାଇଁ ବେଶ ଅନୁକୂଳ ହୋଇଥିବାରୁ ଏଠାରେ ଧଳା ପରିଷ୍କାର ବସା ମିଳିଥାଏ ।

ତେଣୁ ଏଠାରେ ସରକାରୀ ନିୟନ୍ତ୍ରଣରେ ୯ ଟି ପ୍ରଦେଶରେ ଏହି ବ୍ୟବସାୟ କରୁଥିବା କମ୍ପାନୀମାନଙ୍କୁ ଅନୁମତି ମିଳିଥାଏ । ପର୍ଯ୍ୟଟକମାନଙ୍କୁ ଏଠାରେ ପ୍ରବେଶ କରିବା ପୂର୍ବରୁ ଅନୁମତି ନେବାକୁ ହୋଇଥାଏ । ପକ୍ଷୀଙ୍କ ପ୍ରଜନନ ସମୟରେ ଜନ କୋଳାହଳକୁ ପ୍ରତିହତ କରିବା ପାଇଁ କୌଣସି ପର୍ଯ୍ୟଟକମାନଙ୍କୁ ଏଠାରେ ପ୍ରବେଶ କରିବା ପାଇଁ ଅନୁମତି ମିଳେ ନାହିଁ । ପକ୍ଷୀଙ୍କୁ ପ୍ରଜନନ ଓ ନୀଡ଼ ରଚନା ପାଇଁ ଆକୃଷ୍ଟ କରିବା ଲାଗି ବହୁ ରାଷ୍ଟ୍ରୀୟ କମ୍ପାନୀମାନେ ସେହି ଉପଦ୍ୱୀପର ୪୩ଟି ସ୍ଥାନରେ ପକ୍ଷୀଙ୍କୁ ସୁହାଇଲା ପରି ପ୍ରାୟ ୧୦୦୦୦ କୃତ୍ରିମ ଗୁମ୍ଫା ନିର୍ମାଣ କରିବା ସହ ସେମାନଙ୍କ କିଚିରି ମିଚିରି ଧ୍ୱନୀକୁ ରେକର୍ଡ଼ କରିଲା ଉଡ଼ସ୍ପିକର ମାଧମରେ ବଜାଇ ଥାଆନ୍ତି । କାରଣ ଏହି ବ୍ୟବସାୟରୁ ସେ ଦେଶ ପ୍ରଚୁର ବିଦେଶୀ ମୁଦ୍ରା ଉପାର୍ଜନ କରିଥାଏ । ବେଳେବେଳେ ସହରାଞ୍ଚଳର ଲୋକବସତିଗୁଡ଼ିକ ଏଥିଲାଗି ଭୋଗୁଥିବା ଅସୁବିଧା ହେତୁ ଏହାକୁ ବିରୋଧ କରିଥାଆନ୍ତି । ନିୟମତଃ ଚୀନକୁ ମାତ୍ର ୧୦ ପ୍ରତିଶତ ରପ୍ତାନି ହେଉଥିବା ବେଳେ ବଳକା ୯୦ ପ୍ରତିଶତ ଚୋରାରେ ଯାଇଥାଏ । ୨୦୧୧ ମସିହାରେ ଚୀନ ଚୋରା ଆମଦାନୀକୁ ଅବୈଧ ବିବେଚନା କରିବା ସହ ନକଲି ବସା କାରବାର ନିଷିଦ୍ଧ କରିଥିଲା ।

ହୁହୁ ହୋଇ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ଥାଇଲାଣ୍ଡ ସରକାର ଏ କ୍ଷେତ୍ରରେ ଚୋରା ବ୍ୟବସାୟକୁ ରୋକିବା ଲାଗି ଏହି ପକ୍ଷୀବସା କାରବାରକୁ ପଞ୍ଜିକରଣ କରିବା ସହ ଏହା ଉପରେ ଟିକସ ଆଦାୟ କରିଥାଏ । ଦକ୍ଷିଣ ପୂର୍ବ ଏସିଆରେ ବାର୍ଷିକ ପ୍ରାୟ ୨୮୦୦ ଟନ୍‌ର ବସା ଉତ୍ପାଦନ ବ୍ୟବସାୟ ହୋଇଥାଏ । ସ୍ୱିଫଲେଟ ପକ୍ଷୀଙ୍କୁ ବନ୍ୟଜନ୍ତୁ ସଂରକ୍ଷଣ ତାଲିକାରୁ ହଟାଇବା ଲାଗି ସେଠାର ଲୋକମାନେ ଦାବୀ କରୁଛନ୍ତି । ପୂର୍ବେ ୭୫ ଭାଗ ପକ୍ଷୀବସା ପ୍ରାକୃତିକ ଗୁମ୍ଫାରୁ ସଂଗ୍ରହ କରାଯାଉଥିବା ବେଳେ ବଳକା ଘରୋଇ ଉତ୍ପାଦନ ହେଉଥିଲା, କିନ୍ତୁ କ୍ରମଶଃ ଏହି ସ୍ଥିତି ବଦଳି ଗଲାଣି । କାରଣ ପ୍ରାକୃତିକ ଗୁମ୍ଫାରୁ ବସା ସଂଗ୍ରହ କରିବା ଅପେକ୍ଷା ପକ୍ଷୀଘରୁ ନୀଡ଼ ସଂଗ୍ରହ କରିବା ସହଜସାପେକ୍ଷ । ଜଗତିକରଣ ହେତୁ ଆନ୍ତର୍ଜାତିକ ବଜାରର କ୍ଷିପ୍ର ପ୍ରବେଶ ଭାରତରେ ବଦଳୁ ଥିବା ଲୋକଙ୍କ ଖାଦ୍ୟ ରୁଚି ପ୍ରଭାବିତ କରି ସ୍ୱିଫ୍ଟଲେଟ ପକ୍ଷୀଙ୍କ ବସାର ସ୍ୱାଦ ଚଖାଇ କେବେ ଜନପ୍ରିୟ କରିବ ତାହା କେବଳ ସମୟ କହିପାରିବ । ଉଦ୍ୟୋଗୀଙ୍କ ପାଇଁ ଜୀବିକା ଉପାର୍ଜନର ନୂଆ ମାଧମ ହୋଇଥିବାରୁ ଓଡିଶା ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଏ ସମ୍ଭାବନାରୁ ଅଛୁଆଁ ନୁହଁ ।

ଓଡିଶା ପ୍ରଶାସନିକ ସେବା ଅଧିକାରୀ
ଦୂରଭାଷ : ୯୪୩୭୨୭୦୦୪୫

ISSN -2583-147X (P), **Vol.- 9, Issue No. V, August 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ପୂର୍ବ ଓ ପଶ୍ଚିମ ଓଡ଼ିଶାରେ ପ୍ରଚଳିତ ଲୋକନୃତ୍ୟ : ଏକ ଦୃଷ୍ଟିପାତ

**ରୁବିନା ପାତ୍ର**

ନୃତ୍ୟ ମନୁଷ୍ୟର ଏକ ସହଜାତ ପ୍ରବୃତ୍ତି । ନୃତ୍ୟ ହେଉଛି ମନୋରଞ୍ଜନର ଏକ ବଳିଷ୍ଠ ମାଧ୍ୟମ । ମନୁଷ୍ୟର ପରିଶ୍ରମ ଓ କ୍ଳାନ୍ତିରୁ ମୁକ୍ତି ପାଇଁ ନିମନ୍ତେ ନୃତ୍ୟଗୀତ ଏକାନ୍ତ ଲୋଡ଼ା । ଲୋକସଂସ୍କୃତି ଓ ଲୋକନୃତ୍ୟ ପରସ୍ପର ସମ୍ପର୍କିତ । ନିଜର ଖୁସି ଓ ମନୋରଞ୍ଜନ ପାଇଁ ଲୋକନୃତ୍ୟ କରିଥାନ୍ତି । ପର୍ବପର୍ବାଣୀ ସମୟରେ ନୃତ୍ୟଗୀତ ପରିବେଷଣ ପରିବେଶକୁ ଅଧିକ ରସମୟ କରିଥାଏ ।

ଭାରତ ବର୍ଷରେ ବିଭିନ୍ନ ପ୍ରକାରର ନୃତ୍ୟ ପ୍ରଚଳିତ, ଭାରତର ରାଜ୍ୟ ମାନଙ୍କ ମଧ୍ୟରେ ଓଡ଼ିଶା ଅନ୍ୟତମ । ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମଧ୍ୟ ବହୁତ ପ୍ରକାରର ନୃତ୍ୟ ପ୍ରଚଳିତ । ସେଥିମଧ୍ୟରୁ କେତେକ ଶାସ୍ତ୍ରୀୟ ନୃତ୍ୟ ଓ ଆଉ କେତେକ ଲୋକନୃତ୍ୟ ବିଶେଷକରି ଆଦିବାସୀମାନଙ୍କର ବିଭିନ୍ନ ପ୍ରକାରର ଲୋକନୃତ୍ୟ ଆମ ଜୀବନଧାରାର ଅଙ୍ଗ ହୋଇଯାଇଛି ।

**ଲୋକନୃତ୍ୟର ମାଧୁର୍ଯ୍ୟ :**

ଲୋକନୃତ୍ୟର ସୃଷ୍ଟି କେବେଠାରୁ, ତାର ସଠିକ୍ ଇତିହାସ ଜଣାପଡ଼େ ନାହିଁ । କିନ୍ତୁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋକନୃତ୍ୟ ମଣିଷ ଜୀବନ ସହିତ ଯୋଡ଼ିହୋଇ ରହିଥାଏ । ନୃତ୍ୟ ଗବେଷକମାନେ ମତ ଦିଅନ୍ତି ଯେ, ଆଦିମ ମାନବ ଗୋଷ୍ଠୀଗତ ଓ ସାମାଜିକ ଜୀବନ ଜିଇଁବାର ଶୈଳୀ ସହିତ ସଂସ୍କୃତିର ଅଭ୍ୟୁଦୟ ଘଟିଲା । ପରବର୍ତ୍ତୀ ସମୟରେ ଏହି ଆଦି ସଂସ୍କୃତିରୁ ଲୋକନୃତ୍ୟର ଉତ୍ପତ୍ତି ହୋଇଥିବାର କେତେକ ତଥ୍ୟର ଜଣାଯାଏ । ତେବେ ଲୋକ ସମାଜ ଦ୍ୱାରା ପରିବେଷିତ ହେଉଥିବା ନୃତ୍ୟକୁ ହିଁ ଲୋକନୃତ୍ୟ କୁହାଯାଏ ।

ଓଡ଼ିଶାରେ ପ୍ରଚଳିତ ନୃତ୍ୟମାନଙ୍କ ମଧ୍ୟରୁ ଡ଼ାଲ୍‌ଖାଇ, ରସରକେଳି, ମାଇଲାଜଡ଼, ଜାଇଫୁଲ ଆଦି ସମ୍ବଲପୁରୀ ଲୋକନୃତ୍ୟ ବେଶ୍ ଲୋକପ୍ରିୟ । ସେହିପରି ଝୁମର ନୃତ୍ୟ, ଛଉ ନୃତ୍ୟ, ଗୋଟିପୁଅ, ଢ଼େମ୍‌ସା, ରଣପା, ଋଙ୍ଗୁ, ଚଇତିଘୋଡ଼ା, କଣ୍ଢେଇନାଚ, କୋୟାନାଚ, ପଶୁମୁଖା ନାଚ, ବାଘନୃତ୍ୟ, ଘୁମୁରା, ଘୁଡୁକାନାଚ, ଘୁମୁରା, କରମାନାଚ ପ୍ରଭୃତି ଅନ୍ୟତମ । ଲୋକନୃତ୍ୟ ଏବେ ଆଦିବାସୀ ଅଂଚଳରେ ବଂଚି ରହିଛି । ପ୍ରକୃତରେ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ନୃତ୍ୟଗୀତ । ଆଜି ମଧ୍ୟ ସନ୍ଧ୍ୟାବେଳେ ଆଦିବାସୀ ପଲ୍ଲୀରେ ନୃତ୍ୟଗୀତର ଆସର ଜମିଉଠେ । ତେବେ ଆଧୁନିକ ସଭ୍ୟତାର ପ୍ରଭାବରେ ଧୀରେ ଧୀରେ ଲୋକ ନୃତ୍ୟଗୁଡ଼ିକ ମାଧୁର୍ଯ୍ୟ ହରାଇ ବସିଲାଣି ।

ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର, କୋରାପୁଟ ଆଦି ଜିଲ୍ଲାରେ ଲୋକନୃତ୍ୟର ଆଦୃତି ଅଧିକ । ଝୁମର ନୃତ୍ୟ, ଛଉନୃତ୍ୟ ଆଦି ନୃତ୍ୟର ମାଦକତା ଦର୍ଶକ ମନରେ ରୋମାଂଚ ଭରିଦିଏ । ସେହିପରି କୋରାପୁଟ, କେନ୍ଦୁଝର, ସୁନ୍ଦରଗଡ଼ ଆଦି ଜିଲ୍ଲାର ଢ଼େମ୍‌ସା, ଋଙ୍ଗୁ ନୃତ୍ୟର ଆଦର ଅଧିକ । ଋଙ୍ଗୁ ଏକ ବାଦ୍ୟଯନ୍ତ୍ର, ବାଦ୍ୟଯନ୍ତ୍ର ଅନୁସାରେ ଏହି ନୃତ୍ୟକୁ ଋଙ୍ଗୁ ନୃତ୍ୟ କୁହାଯାଏ । ପୂର୍ବ ଓଡ଼ିଶାରେ ମଧ୍ୟ କେତେକ ଲୋକନୃତ୍ୟ ପ୍ରଚଳିତ । ପୁରୀ ଜିଲ୍ଲାରେ ଗୋଟିପୁଅ, ସାହିଯାତ, ମେଢ଼ ନାଚ, ନାଗା ନାଚ, ସାହିଯାତରେ ରାବଣ ନୃତ୍ୟର ଆଦର ରହିଛି । ଖୋର୍ଦ୍ଧାରେ ପାଇକ ନାଚ ଅଧିକ ଲୋକପ୍ରିୟ । ପାଇକ ଜାତିର ବୀରତ୍ୱ ଗାଥା ଫୁଟି ଉଠିଥାଏ ଏହି ନୃତ୍ୟରେ । ଦକ୍ଷିଣ ଓଡ଼ିଶାରେ ପ୍ରଚଳିତ ଲୋକନୃତ୍ୟ ମଧ୍ୟରୁ ମୁଖାନାଚ, ବାଘ ନାଚ, ଯୋଡ଼ିଶଙ୍ଖ ଆଦି ପ୍ରସିଦ୍ଧ, ବିଭିନ୍ନ ବାହାଘର, ମେଳଣ, ଭସାଣି, ପର୍ବପର୍ବାଣୀ ଆଦିରେ ମୁଖାନାଚ ପରିବେଷଣ କରାଯାଇଥାଏ । ବାଘ, ଷଣ୍ଢ, ଘୋଡ଼ା ଆଦି କୌତୁକିଆ ବେଶରେ ମୁଖା ଲଗାଇ ସଜେଇ ହୋଇ କଳାକାରମାନେ ନୃତ୍ୟ ପରିବେଷଣ କରୁଥିଲେ, ଏହାକୁ ମୁଖାନାଚ କୁହାଯାଇଥାଏ । ବାଘନାଚ, ଗଞ୍ଜାମ ଜିଲ୍ଲାର ଏକ ପାରମ୍ପରିକ ଲୋକପ୍ରିୟ ନୃତ୍ୟ । ବାଘମୁଖା ପିନ୍ଧି ବାଘ

ପରିପାଟୀରେ ସଜ୍ଜିତ ହୋଇ କଳାକାରମାନେ ନୃତ୍ୟ ପରିବେଷଣ କରିଥାନ୍ତି । ଠାକୁରାଣୀଙ୍କ ଯାତ୍ରା ସମୟରେ ବାଘନାଚର ଚାହିଦା ଅଧିକା । ଏହି ନୃତ୍ୟରେ ଚାଙ୍ଗୁ ବାଦ୍ୟ ବଜାଯାଇଥାଏ ।

ଲୋକନୃତ୍ୟ ସହିତ ଆଦିବାସୀ ଜନଜୀବନର ଘନିଷ୍ଠ ସଂପର୍କ ରହିଛି । ତେଣୁ କେତେକ ଲୋକନୃତ୍ୟରେ ଆଦିବାସୀମାନଙ୍କ ସଂସ୍କୃତି, ପରମ୍ପରା, ଚଳଣି ପ୍ରସ୍ଫୁଟିତ ହୋଇ ଉଠିଥାଏ । କେଳା-କେଲୁଆଣୀ, ଚଢ଼େୟା-ଚଢ଼େୟାଣୀ, ଶବର-ଶବରୁଣୀ ଆଦି ଲୋକନୃତ୍ୟ କେଳା, ଶବର ଆଦି ସଂପ୍ରଦାୟର ଲୋକନୃତ୍ୟ । ଷୋହଳ ସୁଆଙ୍ଗ ମଧ୍ୟରୁ ଏହା ଗୋଟିଏ ଗୋଟିଏ ସୁଆଙ୍ଗ ଭାବରେ ପରିଚିତ । ସେହିପରି ଚଇତିଘୋଡ଼ା ଲଉଡ଼ି ନାଚ, କଣ୍ଢେଇ ନାଚ, ସଖୀନାଚ ଆଦି ଲୋକନୃତ୍ୟ ଓଡ଼ିଶାର ବିଭିନ୍ନ ଅଂଚଳରେ ପ୍ରଚଳିତ । ସେହିପରି ମାଲକାନାଗିରି ଅଂଚଳରେ ସଖୀନାଚ, ଅନୁଗୁଳର ରାବଣଛାୟା ଆଦି ଲୋକନୃତ୍ୟ ବେଶ୍ ପ୍ରସିଦ୍ଧି ଅର୍ଜନ କରିଛି ।

**ପଶ୍ଚିମ ଓଡ଼ିଶାରେ ଲୋକପ୍ରିୟ ନୃତ୍ୟ:**

**ଡ଼ାଲଖାଇ :-** ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଲୋକଗୀତ ନୃତ୍ୟ ହେଉଛି 'ଡ଼ାଲ୍‌ଖାଇ' । ଡ଼ାଲ୍‌ଖାଇ ଏକ ବାଦ୍ୟ ସଂଯୋଜିତ ନୃତ୍ୟ । ଆଶ୍ୱିନ ମାସରେ ଶୁକ୍ଳପକ୍ଷ ଷଷ୍ଠୀଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ମା' ଦୁର୍ଗାଙ୍କର ପୂଜା ଆରାଧନା ନିଷ୍ଠାର ସହ କରାଯାଏ । ସେତେବେଳେ ପଶ୍ଚିମ ଓଡ଼ିଶାର ଗୀତଗୁଡ଼ିକ ମା' ଦୁର୍ଗାଙ୍କ ଆଦି ରୂପ ଡ଼ାଲ୍‌ଖାଇ ଷୋହଳ ଦେବତାଙ୍କ ମଧ୍ୟରେ ଅଭିଷିକ୍ତା ହୋଇ ପୂଜା ପାଆନ୍ତି । ଡ଼ାଲଖାଇ ହେଉଛନ୍ତି ଲୋକ ଦେବୀ । ଢ଼ୋଲ, ନିସାନ, ତାସା, ଟିମିକିଡ଼ି, ମହୁରୀର ତାଳେ ତାଳେ 'ଡ଼ାଲ୍‌ଖାଇର କୁଠି', ସମ୍ମୁଖରେ ପରିବେଷିତ ହୋଇଥାଏ, ଡ଼ାଲ୍‌ଖାଇ ନୃତ୍ୟ, ଡ଼ାଲ୍‌ଖାଇ ଗୀତଗୁଡ଼ିକ ମୁଖ୍ୟତଃ ଦୁଇଧାଡ଼ିରୁ ଆରମ୍ଭ କରି ଷୋହଳ ଧାଡ଼ି ବିଶିଷ୍ଟ ଗୀତର ଆରମ୍ଭ ଓ ଶେଷରେ ଦୁଇଥର ଡ଼ାଲ୍‌ଖାଇ ଶବ୍ଦକୁ ସମ୍ବୋଧନ କରାଯାଇଥାଏ । ଦୁଲଦୁଲି ବାଜାର ତାଳେ ତାଳେ ପଲ୍ଲୀ ଯୁବତୀମାନେ ଆଣ୍ଠୁ ଓ ଅଣ୍ଟାକୁ ଭାଙ୍ଗି ପାଦ ଦୁଇଟି ଏକ ସାଙ୍ଗରେ ଯୋଡ଼ି ନାଚୁ ଥିବାର ଦୃଶ୍ୟ ଅତ୍ୟନ୍ତ ରୋମାଂଚକର । ଡ଼ାଲ୍‌ଖାଇର ସଙ୍ଗୀତ ଓ ନୃତ୍ୟ ବେଶ୍ ହୃଦୟସ୍ପର୍ଶୀ ।

**ରସରକେଲି:-** ରସ୍‌ରକେଲି ମଧ ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ଲୋକନୃତ୍ୟ । ଏହି ଗୀତକୁ ପୁରୁଷ ଓ ନାରୀମାନେ ଗାଇଥାନ୍ତି । ଏହି ଗୀତରେ ଶୃଙ୍ଗାର ରସର ଅଧିକ ପ୍ରାଧାନ୍ୟ ରହିଥାଏ । ରସର୍‌କେଲି ଗୀତରେ ନାରୀ-ପୁରୁଷର ପ୍ରେମପ୍ରଣୟର ବର୍ଣ୍ଣନା ସହ ଲୋକଗୀତରେ ସାମାଜିକ ଚିତ୍ର ଦେଖିବାକୁ ମିଳେ । ରସର୍‌କେଲି ନୃତ୍ୟ ବେଶ୍ ମନୋମୁଗ୍ଧକର ।

**ନଚ୍‌ନିଆଁ:-** ପଶ୍ଚିମ ଓଡ଼ିଶାର ବହୁ ପ୍ରଚଳିତ ଏକ ଲୋକନୃତ୍ୟ 'ନଚ୍‌ନିଆଁ' 'ନଚ୍‌ନିଆଁ' ଶବ୍ଦର ଅର୍ଥ ନିର୍ଭିକ' ବା 'ନୃତ୍ୟଶିଳ୍ପୀ । ସ୍ୱୟଂଗାୟକ ନିଜେ ଗାଇ ଗାଇ ନୃତ୍ୟ ପରିବେଷଣ କରନ୍ତି । ଦୁଇଜଣଙ୍କୁ ନେଇ ଗୋଟିଏ ନଚ୍‌ନିଆଁ ଦଳ ଗଠିତ ହୋଇଥାଏ । ଜଣେ ଗାୟକ ଓ ଅନ୍ୟ ଜଣେ ପାଳିଆ । ତେବେ କେତେକ ସ୍ଥାନରେ ତିନିଜଣଙ୍କୁ ନେଇ ଦଳଗଠନ କରାଯାଏ । ବରଯାତ୍ରୀ ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ ଓ ସଙ୍ଗୀତ ମୁଖର କରିବାପାଇଁ 'ନଚ୍‌ନିଆଁ' ପରିବେଷଣ କରାଯାଏ ।

**ଜାଇଫୁଲ:-** ଜାଇଫୁଲ ସମ୍ବଲପୁରର ଏକ ସଂଗୀତ ଭିତ୍ତିକ ଲୋକନୃତ୍ୟ । ଜାଇଫୁଲ ଗୀତ ମୁଖ୍ୟତଃ ପ୍ରେମପ୍ରଣୟ ଉପରେ ଆଧାରିତ । ଏହି ଗୀତଗୁଡ଼ିକରେ ପ୍ରେମିକ ପ୍ରେମିକାର ରୂପ ବର୍ଣ୍ଣନା, ଭାବର ଆଦାନ ପ୍ରଦାନ, ମାନ ଅଭିମାନ, ରାଗରୁଷା, ବିରହ ବେଦନା ଅତି ଚମତ୍କାର ଭାବରେ ପ୍ରସ୍ଫୁଟିତ ହୋଇଥାଏ । ବାଦ୍ୟର ତାଳେ ତାଳେ ଗ୍ରାମ୍ୟ କିଶୋରୀମାନେ ବିଶେଷକରି ଜାଇଫୁଲ ଗୀତଗାଇ ବିଭୋର ହୋଇ ନାଚିଥାନ୍ତି । ଏଠାରେ 'ଜାଇଫୁଲ' ସମ୍ବୋଧନ ସୂଚକ ଭାବରେ ବ୍ୟବହାର କରାଯାଏ । ସଖୀ, ବାନ୍ଧବୀ ଭାବେ ସମ୍ବୋଧନ କରି ଗୀତର ଆରମ୍ଭ କରାଯିବାର ନିୟମ ରହିଛି ।

**କରମା ନାଚ :** କରମା ଆଦିବାସୀ ସଂପ୍ରଦାୟର ଏକ ନାଚ । ଏହା ଏକ ଗୋଷ୍ଠୀନାଚ, କରମାର ମୁଖ୍ୟ ବାଦ୍ୟ ହେଉଛି ମାନ୍ଦଲ, ଝାଁଜ ବା କସ୍‌ତାଳ । ଏଥିରେ ସ୍ତ୍ରୀ ଓ ପୁରୁଷ ଉଭୟେ ନୃତ୍ୟ କରିଥାନ୍ତି । ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ଼, ଆଦି ଅଂଚଳରେ ବିଂଝାଲ୍, କୋଲହ, ଓରାମ୍, ସାନ୍ତାଳ, କିସାନ, ଭୂୟାଁ, ଗଣ୍ଡ, ସହଁରା ପ୍ରଭୃତି ଆଦିବାସୀ ସଂପ୍ରଦାୟର ଲୋକେ କରମା ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି । କରମାସାନୀ ଏହି ପର୍ବର ମୁଖ୍ୟଦେବୀ, ମରୁଡ଼ି, 'ସଲହାନି ରୋଗରୁ ଆରୋଗ୍ୟ, ସନ୍ତାନଲାଭ, ସୁଖ ସମୃଦ୍ଧି ବୃଦ୍ଧି ଆଦି ନିମନ୍ତେ କରମା ଡ଼ାଳକୁ ବେଦୀରେ ପୋତାଯାଇ ପୂଜା କରାଯାଏ ।

**ଘୁମୁରା ନୃତ୍ୟ :** କଳାହାଣ୍ଡିର ବୀରତ୍ୱ ବାଦ୍ୟ କହିଲେ ଘୁମୁରା ବାଦ୍ୟକୁ ବୁଝାଯାଏ । ଏହା ଏକ ଦଳଗତ ନୃତ୍ୟ । ଘୁମୁରା ବାଦ୍ୟ ମାଟିରେ ନିର୍ମିତ ବେକ ଥିବା ମାଠିଆ ଆକୃତିର ମୁହଁକୁ ଗୋଧି ଚମଡ଼ାରେ ଛାଉଣୀ କରାଯାଇଥାଏ । ଏହାକୁ ଦୁଇହାତ ଆଙ୍ଗୁଠିରେ ବଜାଇଲେ ଗୁରୁଗମ୍ଭୀର ଧ୍ୱନି ସୃଷ୍ଟି ହୁଏ । କଳାହାଣ୍ଡିର ଗାଁ ଗାଁରେ ଘୁମୁରା ନୃତ୍ୟ ଦଳ ରହିଛି । ବିଶେଷକରି ଗଣପର୍ବ

ନୂଆଖାଇ ପରେ ଘୁମୁରା ଦଳଗୁଡ଼ିକ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତି । ଶ୍ରାବଣ ମାସ ପରେ ଘୁମୁରା ନୃତ୍ୟ ହୁଏ ।

**ଢାପ୍ ନୃତ୍ୟ :** ପଶ୍ଚିମ ଓଡ଼ିଶାର ଢ଼ାପ୍ ନୃତ୍ୟ ହେଉଛି ଏକ ଆଦିବାସୀ ନୃତ୍ୟ କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାର କନ୍ଧ ଆଦିବାସୀଙ୍କର ଏହା ଏକ ସାମାଜିକ ଓ ଗୋଷ୍ଠୀଗତ ନୃତ୍ୟ । ଢ଼ାପ୍ ନୃତ୍ୟରେ ଯୁବକ ଓ ଯୁବତୀ ମିଶି ନୃତ୍ୟ କରିଥାନ୍ତି । ଯୁବତୀମାନେ ବଳାକ୍ରାରରେ ଢ଼ାପ୍ ବାଦ୍ୟର ତାଳେ ତାଳେ ନୃତ୍ୟ କରିଥାନ୍ତି । ନୃତ୍ୟରେ ବିଭୋର ଯୁବକମାନେ 'ହୁର୍ ହୁର୍' ଓ ଯୁବତୀମାନେ 'ଉର୍‌ଉର୍' ବୋଲି ସମ୍ବୋଧନ କରିଥାନ୍ତି ।

**ଶବର-ଶବରୁଣୀ ନାଚ :** ଶବର-ଶବରୁଣୀ ହେଉଛି ଦଣ୍ଡନାଟର ଷୋହଳ ସୁଆଙ୍ଗ ମଧ୍ୟରେ ଅନ୍ୟତମ । ପ୍ରକୃତି ସହିତ ଶବର-ଶବରୁଣୀ ସୁଆଙ୍ଗର ନିବିଡ଼ ସଂପର୍କ ରହିଛି । ପ୍ରଥମେ ଶବର ନିଜର ପରିଚୟ ଦେଲା ପରେ ଶବରୁଣୀକୁ ଡ଼ାକିଥାଏ । ଏହାପରେ ଶବରୁଣୀ ନିଜର ପରିଚୟ ଦେଇଥାଏ । ଉଭୟେ ପ୍ରେମ ଆଧାରିତ ଗୀତ ଗାଇ ନାଚିଥାନ୍ତି । ପାରମ୍ପରିକ ଶବର-ଶବରୁଣୀ ବେଶଭୂଷାରେ ସଜ୍ଜିତ ହୋଇ ସେମାନେ ନୃତ୍ୟ କରିଥାନ୍ତି । ଚୈତ୍ର ମାସରେ ଦଣ୍ଡଯାତ୍ରା ସମୟରେ ପଶ୍ଚିମ ଓଡ଼ିଶାର ବୌଦ୍ଧ, ସୁବର୍ଣ୍ଣପୁର ଆଦି ଜିଲ୍ଲାରେ ଶବର-ଶବରୁଣୀ ନାଚ ଦେଖିବାକୁ ମିଳିଥାଏ ।

**ଘୁଡୁକା ନାଚ :** ଘୁଡୁକା ହେଉଛି ପଶ୍ଚିମ ଓଡ଼ିଶାର ଏକ ଲୋକନୃତ୍ୟ । ଏହାକୁ ଘୁବୁକୁଡୁ ବୋଲି କହିଥାନ୍ତି । ଶବର ସଂପ୍ରଦାୟର ଏକ ପାରମ୍ପରିକ ନୃତ୍ୟ ହେଉଛି ଘୁଡୁକା ନୃତ୍ୟ । ପାରମ୍ପରିକ ଶବର ବେଶରେ ସଜ୍ଜିତ ପୁରୁଷ ଘୁଡ଼ିକା ବଜାଇଥାନ୍ତି ଓ ଅନ୍ୟ ଦୁଇଜଣ ମହିଳା ନୃତ୍ୟ କରିଥାନ୍ତି । ଘୁଡୁକା ବଜାଉଥିବା ଲୋକ ଗୀତ ଗାଏ ଓ ନୃତ୍ୟରତା ସ୍ତ୍ରୀଲୋକ ପାଳିଧରି ନୃତ୍ୟ କରିଥାଏ । ଶବର ସଂପ୍ରଦାୟର ଲୋକେ ପେଟ ପୋଷିବା ପାଇଁ ଗାଁ ଗାଁ ବୁଲି ଘୁଡୁକା ନୃତ୍ୟ ପରିବେଷଣ କରୁଥିଲେ ।

**ପର୍‌ଭା ନୃତ୍ୟ :** ଦଣ୍ଡନାଟର ଆଉ ଏକ ସୁଆଙ୍ଗ ହେଉଛି ପର୍‌ଭା ନୃତ୍ୟ । ଦଣ୍ଡନାଟର ଅନ୍ୟତମ ଦେବୀ ହେଉଛନ୍ତି ମା' କାଳୀ, ଯିଏକି ପ୍ରଭା ବା ଉଜ୍ଜ୍ୱଳ ଜ୍ୟୋତି ଭାବେ ଆବିର୍ଭୂତା ହୁଅନ୍ତି । ପାଟଭୋକ୍ତା ନିଜକୁ ଶିବ, କାଳୀ କିମ୍ବା ଦୁର୍ଗା ମନ୍ଦିରରେ ପବିତ୍ର କରାଇଥାନ୍ତି । ସ୍ୱପ୍ନାଦେଶ ପାଇବା ପରେ ପାଟଭୋକ୍ତା ମାନେ ମିଶି ବାଉଁଶ ଆଣିଥାନ୍ତି । ସେହି ବାଉଁଶରୁ ପ୍ରଭା ନିର୍ମିତ ହୁଅନ୍ତି । ପ୍ରତି ୧୨ ବର୍ଷରେ ଥରେ ନୂଆ ପ୍ରଭା ନିର୍ମାଣ କରାଯାଏ । ସୁଆଙ୍ଗ ଦଣ୍ଡର ପ୍ରାରମ୍ଭରେ ଯେଉଁ ନୃତ୍ୟ କରାଯାଇଥାଏ, ତାହାକୁ ପର୍‌ଭା ନୃତ୍ୟ କୁହାଯାଏ । ଏଥିରେ ପାଟଭୋକ୍ତାଙ୍କ ପିଠି ସହିତ ଏହି ପର୍‌ଭାକୁ ବନ୍ଧା ଯାଇଥାଏ । ଯାହାକି ନୃତ୍ୟ ସମୟରେ ଖସିପଡ଼େ ନାହିଁ ।

ପଶ୍ଚିମ ଓଡ଼ିଶାରେ ଦଣ୍ଡନାଟ, ବନାବାଡ଼ି, ସଂଚର, ଝୁମର ବଜାଶାଳ ଆଦି ଆହୁରି ଅନେକ ଲୋକନୃତ୍ୟ ରହିଛି, ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ ବେଶ୍ ସମୃଦ୍ଧ ଓ ମନମୁଗ୍ଧକର । ଓଡ଼ିଶାରେ ପ୍ରଚଳିତ ଲୋକନୃତ୍ୟ ଗୁଡ଼ିକରେ ଗ୍ରାମ୍ୟ ଜୀବନ, ଗ୍ରାମ୍ୟ ସଂସ୍କୃତି, ପରମ୍ପରା ଓ ସାମାଜିକ ଚଳିଚଳଣିର ବାସ୍ତବ ଚିତ୍ର ଅତି ନିଖୁଣ ଭାବରେ ଫୁଟି ଉଠିଥାଏ ।

**ପୂର୍ବ ଓଡ଼ିଶାର ଲୋକପ୍ରିୟ ନୃତ୍ୟ :**

**ଗୋଟିପୁଅ ନୃତ୍ୟ :** ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରିବେଶକ ବେଶ୍ ଆକର୍ଷଣ କରିଛି 'ଗୋଟିଏ ପୁଅ ନୃତ୍ୟ' । ଓଡ଼ିଶୀ ନୃତ୍ୟର ମୁଖ୍ୟ ଅଙ୍ଗ ହେଉଛି 'ଗୋଟିପୁଅ ନୃତ୍ୟ' । ପୁରୀ ଜିଲ୍ଲାରୁ ଏହି ନୃତ୍ୟ ଜନ୍ମଲାଭ କରିଥିବାର କୁହାଯାଏ । କିଶୋରମାନେ ନାରୀ ରୂପରେ ବେଶ ହୋଇ ସୁନ୍ଦର ଭାବରେ ନୃତ୍ୟାଭିନୟ ପ୍ରଦର୍ଶନ କରନ୍ତି । ଗୀତ ଓ ପଖାଉଜର ତାଳେ ତାଳେ ନୃତ୍ୟବେଷିତ ହୋଇଥାଏ । ଗୋଟିପୁଅ ନୃତ୍ୟର ମୁଖ୍ୟ ବିଭବ ହେଲା ବାନ୍ଧନୃତ୍ୟ, ଯାହା ବିଭିନ୍ନ ଅଙ୍ଗଚାଳନା ଓ ମୁଦ୍ରା ଉପରେ ପର୍ଯ୍ୟବେସିତ ।

**ସାହିଯାତ :** ଜଗନ୍ନାଥ ସଂସ୍କୃତି ସହ ସାହିଯାତ ଓତପ୍ରୋତ ଭାବରେ ଜଡ଼ିତ । ଏହି ଯାତ୍ରା ରାମ ଜନ୍ମଠାରୁ ଆରମ୍ଭ ହୋଇ ରାମାଭିଷେକ ଉତ୍ସବରେ ସମାପ୍ତ ହୁଏ । ଏଥିରେ ଶ୍ରୀରାମଚନ୍ଦ୍ରଙ୍କର ବିଭିନ୍ନ ଲୀଳା, ପାରମ୍ପରିକ ସମରକଳା, ଲୋକକଳା, ଲୋକନୃତ୍ୟ, ଲୋକଗୀତ, ଲୋକକାବ୍ୟ ମାଧ୍ୟମରେ ସମ୍ପାଦିତ ହୁଏ । ସାହିଯାତରେ କଳାକାରମାନେ ଶ୍ରୀରାମ, ଲକ୍ଷଣ, ସୀତା, ହନୁମାନ ଆଦିରେ ଅଭିନୟ କରିଥାନ୍ତି । ସାହିଯାତ ଶ୍ରୀକ୍ଷେତ୍ରର ସଂସ୍କୃତି ଓ ପାରମ୍ପରିକ ସମରକଳାର ପ୍ରତୀକ ।

**ନାଗାନୃତ୍ୟ :** ସାହିଯାତର ଅନ୍ୟଏକ ପ୍ରମୁଖ ଆକର୍ଷଣ ହେଉଛି ନାଗାନୃତ୍ୟ । ବିଭିନ୍ନ ଜାଗା, ଆଖଡ଼ାର ଯୁବକମାନେ ରାବଣ ଓ ନାଗା ବେଶରେ ସଜ୍ଜିତ ହୋଇ ନୃତ୍ୟ ପ୍ରଦର୍ଶନ କରନ୍ତି । ଏଥିପାଇଁ ଯୁବକମାନଙ୍କୁ ଅତ୍ୟନ୍ତ ଓଜନିଆ ତାଟି ଧାରଣ କରିବାକୁ ପଡ଼ିଥାଏ । ଯେଉଁଥିରେ କି ସେମାନେ ଶୁଦ୍ଧପୂତ ଭାବରେ ରହି ନିଷ୍ଠାର ସହିତ ଗୁରୁଙ୍କଠାରୁ ଏହି ନୃତ୍ୟ ଶିକ୍ଷାଲାଭ କରିଥାନ୍ତି, ବୀରବାଦ୍ୟର ତାଳେ ତାଳେ ନାଗା ଭିଡ଼ିଥିବା ଯୁବକମାନେ ବିଭିନ୍ନ ଠାଣିରେ ବୀରତ୍ୱ ପ୍ରଦର୍ଶନ ପୂର୍ବକ ନୃତ୍ୟ କରିଥାନ୍ତି ।

**ମେଢ଼ ନୃତ୍ୟ :** ସାହିଯାତର ଅନ୍ୟ ଏକ ପ୍ରମୁଖ ନୃତ୍ୟ ହେଉଛି ମେଢ଼ ନୃତ୍ୟ । ଏଥିରେ ଯୁବକମାନେ ବିଭିନ୍ନ

ଦେବାଦେବୀଙ୍କର ମେଢ଼ି ବନ୍ଧାଇଥାନ୍ତି । ଏଥିପାଇଁ ସେମାନେ କଠୋର ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି । ସାତ୍ତ୍ୱିକ ଆହାର ଗ୍ରହଣ କରି ପ୍ରତିଦିନ ଜାଗାଘରେ ମହଣେ ଓଜନର ଭାର ବହନ କରି ବାଦ୍ୟର ତାଳ ଲୟରେ ନୃତ୍ୟ ଅଭ୍ୟାସ କରିଥାନ୍ତି ।

**ଲଉଡ଼ି ନୃତ୍ୟ :** ଓଡ଼ିଶାର ଗୋପାଳ ସମ୍ପ୍ରଦାୟର ଏକ ପାରମ୍ପରିକ ନୃତ୍ୟ ହେଉଛି ଲଉଡ଼ି । ଏଥିରେ ଯୁବକମାନେ ଦୁଇଟି ବାଡ଼ି ଧରି ସଂଗୀତର ତାଳେ ତାଳେ ତାହାକୁ ବାଦ୍ୟ ଭଳି ବଜାଇ ଥା'ନ୍ତି । ତେଣୁ ଏହାକୁ ଗଉଡ଼ ନାଚ, ବାଡ଼ି ଖେଳ, ଦାଣ୍ଡିଖେଳ ବା ଲଉଡ଼ି ଖେଳ ବୋଲି କୁହାଯାଏ । ଦୋଳପୂର୍ଣ୍ଣିମାର ସନ୍ଧ୍ୟାରେ ଗୋପାଳମାନେ ସମାନ ରଙ୍ଗ, ବେଶ ଓ ପୋଷାକରେ ସଜ୍ଜିତ ହୋଇ ଅଂଟାରେ କାଛଟା, ଘାଗୁଡ଼ି ଓ ବଂଶୀ ବାନ୍ଧିଥାନ୍ତି । ମଥାରେ ପଗଡ଼ିବାନ୍ଧି ଜାମୁଡ଼ାଳ ଓ ଗଳାରେ ଫୁଲହାର ପିନ୍ଧନ୍ତି । ଲଉଡ଼ି ଗୁଡ଼ିକ ଭେରୁ ବା କେନ୍ଦୁ କାଠରେ ପ୍ରସ୍ତୁତ ହୋଇଥାଏ । ଏହା ଏକ ଦଳଗତ ନୃତ୍ୟ ଯେଉଁଠି ୧୨ ରୁ ୨୪ ଜଣ ଗୋପାଳ ଅଂଶଗ୍ରହଣ କରିଥାନ୍ତି । ଶିଙ୍ଘବାଦ୍ୟର ତାଳେ ତାଳେ ବିଭିନ୍ନ ଶୈଳୀରେ ସେମାନେ ନୃତ୍ୟ ପରିବେଷଣ କରିଥାନ୍ତି । ପଂଚସଖା ସାଧକ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ 'ଗୋପଳଙ୍କ ଓଗାଳ' ଗାନ ସାଙ୍ଗକୁ ବାଦ୍ୟର ତାଳେ ତାଳେ ଏହି ଲୋକନୃତ୍ୟ ବେଶ୍ ଚିତ୍ତାକର୍ଷକ । କେନ୍ଦ୍ରାପଡ଼ାରେ ୧୫ଦିନ ଧରି ଏହି ଲୋକନୃତ୍ୟ ପରିବେଷଣ କରାଯାଉଥିବାବେଳେ ଏବେ ସହର ମାନଙ୍କରେ ମଧ୍ୟ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏହି ଲୋକନୃତ୍ୟ ପରିବେଷଣ ହେଉଛି ।

**ଘୋଡ଼ା ନାଚ :-** ଭକ୍ତି ରସାଶ୍ରିତ ଘୋଡ଼ାନାଚ କୈବର୍ତ୍ତମାନଙ୍କର ଏକ ଅନ୍ୟତମ ନୃତ୍ୟ । ଏହି ଘୋଡ଼ା ନାଚକୁ ଚକୁତାଳି ଘୋଡ଼ା ନୃତ୍ୟ ମଧ୍ୟ କୁହାଯାଏ । ଓଡ଼ିଶାର ଉପକୂଳ ଜିଲ୍ଲା ଗୁଡ଼ିକରେ କୈବର୍ତ୍ତ ସମ୍ପ୍ରଦାୟର ଲୋକେ ପରିବେଷଣ କରିଥାନ୍ତି ଏହି ନୃତ୍ୟକୁ । ପୌରାଣିକ କଥା ଅନୁସାରେ ସତ୍ୟଯୁଗରେ କଳ୍ପବଟରେ ଶୟନ ମୁଦ୍ରାରେ ଶ୍ରୀବିଷ୍ଣୁ ନିଜ କର୍ଣ୍ଣମୂଳ ମଳିରୁ ଜଣେ ପୁରୁଷଙ୍କୁ ସୃଷ୍ଟି କରିଥିଲେ । ପାଣି ଭିତରେ ଥିବା ରାଘବ ନାମକ ମତ୍ସ୍ୟ ଉକ୍ତ ପୁରୁଷକୁ ଗିଳି ଦେଇଥିଲେ । ଚୈତ୍ର ପୂର୍ଣ୍ଣିମା ଦିନ ବିଷ୍ଣୁଙ୍କ ନିଦ ଭାଙ୍ଗିବା ପରେ, ସେ ମତ୍ସ୍ୟକୁ ହତ୍ୟା କରି ଉକ୍ତ ପୁରୁଷକୁ ଉଦ୍ଧାର କଲେ । ସେହି ପୁରୁଷ ପରବର୍ତ୍ତୀ ଯୁଗରେ କୈବର୍ତ୍ତ ନାମରେ ନାମିତ ହେଲେ ଓ ବିଷ୍ଣୁ କୈବର୍ତ୍ତଙ୍କୁ ଗୋଟିଏ ଘୋଡ଼ା ପ୍ରଦାନ କରି ମର୍ତ୍ତ୍ୟମଣ୍ଡଳରେ ମାଛ ଧରି ଜୀବିକା ନିର୍ବାହ କରିବାକୁ ଆଦେଶ ଦେଲେ । ସେହିଦିନରୁ କୈବର୍ତ୍ତମାନେ ଚୈତ୍ରପୂର୍ଣ୍ଣିମାରେ ବାସେଳୀଙ୍କୁ ପୂଜାକରି ଘୋଡ଼ାନଚ କରିଥାନ୍ତି । ଘୋଡ଼ା ନାଚର ନର୍ତ୍ତକମାନେ ଅଂଟା ପର୍ଯ୍ୟନ୍ତ ଘୋଡ଼ାର ଶରୀରକୁ ବାଉଁଶ ପାତିଆ ଏକ ଢ଼ୋଲ ଭଳି ତିଆରି କରିଥାନ୍ତି । ଏହାପରେ ସେହି ଢ଼ୋଲକୁ ରଙ୍ଗୀନ୍ କପଡ଼ା ଓ ଶାଢ଼ିରେ ଗୁଡ଼ାଯାଏ । ସେହି ଢ଼ୋଲ ଭିତରେ ରହି ନୃତ୍ୟ କରିଥାନ୍ତି । ଘୋଡ଼ାର ଲଗାମ ଭଳି ଏକ ଦଉଡ଼ି ଲଗାଯାଇଥାଏ । ଘୋଡ଼ାର ତଳଭାଗ ଖାଲିଥିବାରୁ ନର୍ତ୍ତକ ମାନଙ୍କର ପାଦ ଦେଖାଯାଏ ଏବଂ ସେମାନେ ପାଦରେ ଘୁଙ୍ଗୁର ପିନ୍ଧି ନୃତ୍ୟ କରିଥାନ୍ତି । ଏହି ନୃତ୍ୟ କୈବର୍ତ୍ତଙ୍କ ଇଷ୍ଟଦେବୀ ମା' ବାସେଳୀଙ୍କ ବନ୍ଦନାରୁ ଆରମ୍ଭ ହୋଇଥାଏ ।

ପୂର୍ବ ଓଡ଼ିଶାର ଲୋକପ୍ରିୟ ଲୋକନୃତ୍ୟ ଗୁଡ଼ିକ ଅତୀବ ମନୋରଞ୍ଜନ ଧର୍ମୀ ଅଟେ । ଏହି ଲୋକନୃତ୍ୟ ମାନଙ୍କ ମଧ୍ୟରେ ଓଡ଼ିଶାର ସଂସ୍କୃତି ପରମ୍ପରା ଜଡ଼ିତ ହୋଇ ରହିଛି । ପୌରାଣିକ ଉପଖ୍ୟାନ ଓ ଚରିତ୍ରମାନଙ୍କୁ ନେଇ ଲୋକନୃତ୍ୟର ମାଧୁର୍ଯ୍ୟ ବଢ଼ିଥାଏ ।

ଲୋକନୃତ୍ୟର ଏତେ ସୁନ୍ଦର ବଢ଼ିମା ଥାଉଥାଉ, ସାମ୍ପ୍ରତିକ ସ୍ଥିତିରେ ଏହାର ମାଧୁର୍ଯ୍ୟ କମିକମି ଯାଉଛି । ଆଧୁନିକ ଗୀତ ଓ ନୃତ୍ୟର ଭାବାଳାପ ଲୋକମାନଙ୍କ ମନରେ ପୌରାଣିକ ଗାଥାକୁ ଲିଭେଇ ଦେଉଛି । ଆଧୁନିକତାର ସାମଗ୍ରୀ ଦୂରଦର୍ଶନ ତଥା ଅନ୍ୟ ସମସ୍ତ ଡ଼ିଜିଟାଲ୍ ମିଡ଼ିଆରେ ପୌରାଣିକ ଗାଥାର ଚ୍ୟାନେଲ୍‌ମାନ ଖୋଲାଗଲେ ଲୋକମାନଙ୍କ ମନରେ ଲୋକନୃତ୍ୟ ଓ ପରମ୍ପରା ପ୍ରତି ସଜାଗଭାବ ଜାଗ୍ରତ ହୁଅନ୍ତା ।

**ସହାୟକ ଗ୍ରନ୍ଥ ସୂଚୀ :**


୧) ମହାପାତ୍ର, ପ୍ରେମାନନ୍ଦ - ଓଡ଼ିଆ ସାହିତ୍ୟର ଇତିହାସ, ବିନୋଦ ବିହାରୀ, କଟକ-୨, ୫ମ ସଂସ୍କରଣ – ୨୦୧୯ ।

୨) ସକାଳ ସିନ୍ଦୁରା – 'ସିନ୍ଦୁରା' ସକାଳ ମିଡ଼ିଆ ପ୍ରା.ଲି., ନୟାପଲ୍ଲୀ, ଭୁବନେଶ୍ୱର-୧୫ ।

୩) ପ୍ରଧାନ, କୃଷ୍ଣଚନ୍ଦ୍ର - ଓଡ଼ିଆ ଲୋକସାହିତ୍ୟ ଓ ଲୋକ ସଂସ୍କୃତି, ବିଦ୍ୟାପୁରୀ, କଟକ ।


ଗବେଷିକା

ISSN -2583-147X (P), **Vol.- 9, Issue No. V, August 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଓଡିଆ କ୍ଷୁଦ୍ରଗଳ୍ପ : ପ୍ରବାସୀର ଅନ୍ତରଙ୍ଗ ଜୀବନପ୍ରବାହ

**ମମତାମୟୀ ଦାଶ**

ପୃଥିବୀର ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ମାନବ ହିଁ ସର୍ବଶ୍ରେଷ୍ଠ । ଯେହେତୁ ତା’ ପାଖେ ଥାଏ ବୋଧ ଶକ୍ତି, ଚେତନା ଶକ୍ତି, ଆବେଗ-ଭାବପ୍ରବଣତା ଏବଂ ସର୍ବକର୍ମମୟ ଦକ୍ଷତା । ସମୟକ୍ରମେ ଶିଳ୍ପବିପ୍ଳବ, ଜଗତୀକରଣ ଏବଂ ବିଜ୍ଞାନର ଦ୍ରୁତବିକାଶ ଫଳରେ ମାନବ ସମାଜ ବିକାଶନ୍ମୋଖି ଦିଗରେ ଗତି କରିଛି । ତା’ର ମସ୍ତିଷ୍କରେ କୌଣସି ଅସମ୍ଭବର ପରିକଳ୍ପନା ତିଳେ ମାତ୍ର ଜନ୍ମି ନାହିଁ । ସେ କଳନା କରିବାକୁ ଚାହିଁଲେ ପୃଥିବୀର ଯେକୌଣସି ଗୋଲାର୍ଦ୍ଧରେ ଥାଇ ନିମିଷକ ମଧ୍ୟରେ ସମଗ୍ର ପୃଥିବୀର ଖବର ତା ପାଖେ ଉପଲବ୍ଧ ହେବାର ଯୋଗ୍ୟତା ରଖେ । କେବଳ ସେତିକି ନୁହେଁ ନିଜର ସାଧନା ଓ ଉଚ୍ଚାଭିଳାଷ ଯୋଗେ ନିଜର ସଂକୀର୍ଣ୍ଣ ଅଂଚଳରୁ ମୁକ୍ତ ହୋଇ ପ୍ରଦେଶ ଏବଂ ବିଦେଶରେ ବାସ କରିବାର ସୁଯୋଗ ଲାଭ କରେ । ଏହାପରେ ସେ ପ୍ରବାସୀ ବୋଲାଏ । ଯେଉଁମାନେ ନିଜର ଜନ୍ମଭୂମିକୁ ଛାଡି ପୃଥିବୀର କୌଣସି ସ୍ଥାନରେ ଅର୍ଥାତ୍ ଭିନ୍ନ ଏକ ପ୍ରଦେଶ କିମ୍ବା ବିଦେଶରେ ବାସ କରିଥାନ୍ତି, ସେମାନଙ୍କୁ ସାଧାରଣତଃ ପ୍ରବାସୀ କୁହାଯାଇଥାଏ । ସେହି ପରିପ୍ରେକ୍ଷୀରେ ପ୍ରବାସୀମାନଙ୍କ ଦ୍ୱାରା ଲିଖିତ ହେଉଥିବା ସାହିତ୍ୟକୁ ପ୍ରବାସୀ ସାହିତ୍ୟ ଭାବେ ଗ୍ରହଣ କରାଯାଏ ।

ସୁ-ବିଶାଳ ସାହିତ୍ୟ ମଧ୍ୟରେ ଗଳ୍ପ ହେଉଛି ଏକ ପ୍ରମୁଖ ବିଭାଗ । ଗଳ୍ପକୁ ଆଧାରକରି ଅନେକ ଗାଳ୍ପିକ ସେମାନଙ୍କର ପ୍ରବାସ ଜୀବନର ପ୍ରତ୍ୟକ୍ଷ ଓ ପରୋକ୍ଷରେ ସାଉଁଟି ଥିବା ଅନୁଭୂତିକୁ ଏକତ୍ରୀଭୂତକରି ସୁନ୍ଦର ଭାବେ ଚିତ୍ରିତ କରିଛନ୍ତି । ସେମାନଙ୍କ ମଧ୍ୟରେ କିଶୋରୀ ଚରଣ ଦାସ, ଅଖିଳମୋହନ ପଟ୍ଟନାୟକ, କୃଷ୍ଣ ପ୍ରସାଦ ମିଶ୍ର, ମନୋଜ ଦାସ, ପ୍ରତିଭା ରାୟ, ଜଗନ୍ନାଥ ପ୍ରସାଦ ଦାସ, ସୁଧୀର କୁମାର ବିଜୟେନ୍ଦ୍ର ନାରାୟଣ, ଯଶୋଧାରା ମିଶ୍ର, ଗୌରହରି ଦାସ, ଦାଶ ବେନୁହୁର, କୃପାସାଗର ସାହୁ, କଇଳାଶ ପଟ୍ଟନାୟକ, ଦୀପ୍ତିରଞ୍ଜନ ପଟ୍ଟନାୟକ, ଦେବାଶିଷ ପାଣିଗ୍ରାହୀ, ସସ୍ମିତା ବାଗ୍‌ଚି, ବିଜ୍ଞାନୀ ଦାସ, ହିରଣ୍ମୟୀ ମିଶ୍ର, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଆଦି ଅନ୍ୟତମ ।

ପ୍ରତ୍ୟେକ ସୃଷ୍ଟିରେ କିଛି ନା କିଛି ଅନ୍ତଃନିହିତ ସ୍ୱର ରହିଥାଏ । ହୁଏତ ସ୍ରଷ୍ଟା ତାହାର ଜଣା ଅଜଣାରେ ଏକ ନିର୍ଦ୍ଦିଷ୍ଟ ସ୍ୱରକୁ ସ୍ଥାନ ଦେଇଥାଏ । ସେହିପରି ପ୍ରବାସୀ ଜୀବନର ଚିତ୍ରଥିବା ଗଳ୍ପଗୁଡିକରେ ମଧ୍ୟ ଲେଖକୀୟ ଉଦ୍ଦେଶ୍ୟ ପରିଲକ୍ଷିତ ହୁଏ । ପ୍ରକୃତରେ ନିଜ ମାତୃଭୂମିର ଅବିକଳ କୌଣସି ସ୍ଥାନ ନାହିଁ । ମାତୃଭୂମିର ସୁଖ ମଧ୍ୟ ଅନ୍ୟ କେଉଁଠରେ ମିଳେନା । ତେଣୁ ଏହି ଗଳ୍ପଗୁଡିକ ମାଧ୍ୟମରେ ଗାଳ୍ପିକ ନିଜ ଦେଶକୁ ଫେରିଯାଇ ଜନ୍ମଭୂମିର ପ୍ରକୃତ ଆନନ୍ଦକୁ ଅନୁଭୁବ କରିବାକୁ ପରାମର୍ଶ ଦେଇଛନ୍ତି । ଆମ ଦେଶର ଧର୍ମ, ଦର୍ଶନ, ସଂସ୍କୃତିର ମହନୀୟତା ଏବଂ ପ୍ରବାସୀ ଜୀବନପ୍ରବାହର ଚିତ୍ର କିଭଳି, ତାହା ଏହି ଗଳ୍ପଗୁଡିକରେ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି । ଏହା ସହିତ ଗାଳ୍ପିକମାନେ ଭାରତୀୟମାନଙ୍କ ପ୍ରତି ବିଦେଶୀମାନଙ୍କ ସୃଷ୍ଟି ହେଉଥିବା ମନୋଭାବ ଏବଂ ଗାଳ୍ପିକ

ସ୍ୱଦେଶର ଦୋଷ, ଦୁର୍ବଳତା ସ୍ପଷ୍ଟ ଭାବରେ ଧାରଣା ଦେବାରେ ଉଦ୍ଦେଶ୍ୟ ଅନୁମେୟ ହୁଏ ।

- **ପ୍ରବାସୀର ଅବସୋସ :**

ସାଧାରଣତଃ ଜନ୍ମଭୂମିରୁ ଅନ୍ୟତ୍ର ଅର୍ଥାତ୍ ରାଜ୍ୟ କିମ୍ବା ଦେଶକୁ ଉଚ୍ଚଶିକ୍ଷା, ବୃତ୍ତି କିମ୍ବା କେହି କେହି ଭ୍ରମଣ ଉଦ୍ଦେଶ୍ୟରେ ଯାତ୍ରା କରିଥାନ୍ତି । ଶିକ୍ଷା ପରେ କାହାକୁ ବିଦେଶର ମାୟା ଚିରଦିନ ପାଇଁ ବାନ୍ଧି ରଖେ । ଯେଉଁମାନେ ବିଦେଶରେ ରହିଯାଆନ୍ତି, ପରବର୍ତ୍ତୀ ସମୟରେ ବିଦେଶର ମୋହ ଭାଙ୍ଗେ । ଫଳରେ ସେମାନେ ମାତୃଭୂମିକୁ ଝୁରି ହୁଅନ୍ତି ଏବଂ ଫେରିବାର ଉପାୟ ନଥିବାରୁ ଅବସୋସ କରିଥାନ୍ତି । ପ୍ରବାସୀ ଜୀବନରେ ଏହିପରି ଭାବବସ୍ତୁର ପ୍ରବାହ ଗାଳ୍ପିକ କୃଷ୍ଣପ୍ରସାଦ ମିଶ୍ରଙ୍କ 'ପୁରାତନ' ଗଳ୍ପରେ ଦେଖିବାକୁ ମିଳେ । ଗଳ୍ପଟିରେ ଗଳ୍ପପୁରୁଷ କାନାଡାର ଟରଣ୍ଟୋ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଭାବେ ନିଯୁକ୍ତ ଥିଲେ । ଏହା ସହିତ ତାଙ୍କର ଆମେରିକାନ୍ ବୋହୂ ମଧ୍ୟ ଟରଣ୍ଟୋ ବିଶ୍ୱବିଦ୍ୟାଳୟରେ ଦର୍ଶନ ଅଧ୍ୟାପିକା ଏବଂ ପୁଅ ଟରଣ୍ଟୋ ଜେନେରାଲ୍ ହସ୍ପିଟାଲରେ ସିନିୟର ସର୍ଜନ । ଗଳ୍ପରେ ଉଭୟଙ୍କ ସହ ଗଳ୍ପପୁରୁଷ କାନାଡାରେ ବାସକରୁଥିବାର ସ୍ମୃତି ଅନୁଭୂତି ଆତ୍ମକଥନ ଶୈଳୀରେ ଚିତ୍ରିତ । ବାର୍ଦ୍ଧକ୍ୟ ଅବସ୍ଥାରେ ତାଙ୍କର ପୁଅ ଯେତେବେଳେ ତାଙ୍କୁ ଓଲ୍ଡ.ଏଜ୍.ହୋମ୍‌ରେ ରହିବାର ବ୍ୟବସ୍ଥା କରିଛନ୍ତି, ସେତେବେଳେ ସେ ଦେଶ କଥା ଭାବିଛନ୍ତି । ଯଦି ସେ ଭାରତବର୍ଷରେ ଥାନ୍ତେ, ତେବେ ତାଙ୍କୁ ଏଭଳି ଓଲ୍ଡ.ଏଜ୍.ହୋମ୍‌ରେ ରହିବାର ବ୍ୟବସ୍ଥା କରାଯାଇନଥାନ୍ତା । ଏହିପରି ଭାବବସ୍ତୁ ଗାଳ୍ପିକ ସୁଧୀର କୁମାର ବିଜୟେନ୍ଦ୍ର ନାରାୟଣଙ୍କ 'ତ୍ରିଶଙ୍କୁ' ଗଳ୍ପରେ ପରିଲକ୍ଷିତ ହୁଏ । ଗଳ୍ପରେ ଗଳ୍ପ ପୁରୁଷଙ୍କ ବାପା ସ୍ୱଜନ୍ମିତ ଭୂମିକୁ ଛାଡି ବିଦେଶରେ ଚାକିରୀକରି ରହିଯାଉଥିବା ଭାରତୀୟମାନଙ୍କୁ ତ୍ରିଶଙ୍କୁ ବୋଲି କୁହନ୍ତି । ବାପାଙ୍କର ଏହି କଥାକୁ ମିଥ୍ୟା ରୂପେ ପ୍ରମାଣିତ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ଗଳ୍ପନାୟକ କଥା ରଖିପାରି ନାହାନ୍ତି । ପରବର୍ତ୍ତୀ ସମୟରେ ସ୍ୱଦେଶକୁ ଫେରିବାର ବହୁ ଚେଷ୍ଟା ପରେବି ନ ଫେରିପାରି ଅବସୋସ କରିଛନ୍ତି ।

- **ପ୍ରବାସୀର ସ୍ୱଜନ୍ମିତ ଭୂମିରେ ସ୍ମୃତି :**

ସମୟ ସ୍ରୋତରେ ଆଗେଇ ଯାଇଥିବା ମଣିଷ ଯେତେବେଳେ ତା' ଅତୀତକୁ ସ୍ମରଣ କରେ, ସେତେବେଳେ ତା ଆଖି ସାମ୍‌ନାରେ ସ୍ମୃତି ସବୁ ନାଚି ଉଠେ । ମଣିଷ ଯେତେ ଦୂର ଗଲେ ବି ସ୍ମୃତି ତା'ର ସାଥୀରେ ଥାଏ । ସେହିଭଳି ଜଣେ ବ୍ୟକ୍ତି ଯେତେବେଳେ ଜନ୍ମସ୍ଥାନରୁ ଦୂର ପ୍ରବାସରେ ବସବାସ କରି ରହିଥାଏ, ସେ ମଧ୍ୟ ତା'ର ସ୍ମୃତିକୁ ମନେ ପକାଏ । ତଫାତ୍ ଏତିକି ତା ସ୍ମୃତିଗୁଡ଼ିକ କେବଳ ଅଧିକାଂଶ ଦେଶ ସଂପର୍କିତ କିମ୍ବା ଜନ୍ମଭୂମି ସଂପର୍କୀୟ ହୋଇଥାଏ ।

ପ୍ରବାସୀ ଗଳ୍ପଗୁଡିକରେ ସୂକ୍ଷ୍ମ ଭାବରେ ହେଉ ବା ସ୍ଥୁଳ ଭାବରେ ହେଉ ଦେଶ ସମ୍ପର୍କୀତ ସ୍ମୃତି ସବୁ ରହିଛି । ସେଥିମଧ୍ୟରୁ କିଶୋରୀ ଚରଣ ଦାସଙ୍କ ଗଳ୍ପ 'ଯନ୍ତ୍ରଣା'ରେ ପତ୍ରଧର୍ମୀ ଶୈଳୀ ପ୍ରୟୋଗ ଦ୍ୱାରା କାହାଣୀଟି ଅତି ବାସ୍ତବିକ ହୋଇଉଠିଛି । ଗଳ୍ପରେ ଉଚ୍ଚଶିକ୍ଷା ପାଇଁ ଆମେରିକା ଯାଇଥିବା ଚନ୍ଦନ, ସୁଦୂରରୁ ତା'ର ଅତିପ୍ରିୟ ମାଙ୍କ ପାଖକୁ ଚିଠି ମାଧ୍ୟମରେ ନିଜ ଦେଶ ସମ୍ପର୍କିତ ସ୍ମୃତିକୁ ପ୍ରକାଶ କରିଛି । କୃଷ୍ଣ ପ୍ରସାଦ ମିଶ୍ରଙ୍କ 'ଡାଫୋଡିଲ୍‌ଠୁ ଗଙ୍ଗଶିଉଳିର ଦୂରତା' ଗଳ୍ପରେ ବିଜୟ, ସ୍ତ୍ରୀ, ଦୁଇପୁଅଙ୍କ ସହ ଆମେରିକାରେ ବସବାସ କରନ୍ତି । ପିଲାମାନଙ୍କର ବିଚିତ୍ର ହାବଭାବ ଦେଖି ନିଜର ବାଲ୍ୟ ସ୍ମୃତିସବୁ ମନେ ପଡିଛି । ପୂର୍ବେ କିପରି ଅଭାବ ଅନଟନରେ ବିଜୟ ପାଠ ପଢି ମଣିଷ ହୋଇଛନ୍ତି, ସେସବୁ ତାଙ୍କ ଦୃଶ୍ୟପଟ୍ଟରେ ନାଚିଉଠିଛି । ବାଲ୍ୟବନ୍ଧୁ ରାଧେଶ୍ୟାମଙ୍କ ଘରେ ଦୁହେଁ ଗୋଟିଏ ବତୀରେ ସେମାନେ ପାଠ ପଢନ୍ତି । ସାହିତ୍ୟ ପରୀକ୍ଷାରେ ସତୁରୀ ନମ୍ବର ରଖିବା ଏବଂ ଶ୍ରେଣୀ ଗୃହରେ ସାହିତ୍ୟ ମାଷ୍ଟ୍ରେଙ୍କ ପ୍ରଶଂସା । ସେହି ପ୍ରଶଂସା ଥିଲା ଏହିଭଳି– "ଦେଖିବ, ଏ ପିଲା ଦିନେ ବହୁତ ନାମ କରିବ, ଖୁବ୍ ବଡ ଲୋକ ହେବ । ଗରିବ ପିଲା ହେଲେ କ'ଣ ହେଲା, ଦିନେ ଏ ବିଦେଶ ଯିବ ।" (ଗଳ୍ପ-ଯନ୍ତ୍ରଣା, କିଶୋରୀ ଚରଣ ଦାସ, ପୃଷ୍ଠା-୩୩୭)

ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟକଙ୍କର 'ଜଉଘର' ଗଳ୍ପରେ ଗଳ୍ପନାୟକ ହାମ୍‌ବୁର୍ଗ ସହରରେ ସ୍ତ୍ରୀ ଜେନିଙ୍କ ସହ ବସବାସ

କରନ୍ତି । ଚାକିରିରୁ ଅବସର ନେବା ପରେ ଦେଶକୁ ଫେରିବାର ମୋହ ପ୍ରତିମୁହୂର୍ତ୍ତରେ ଆନ୍ଦୋଳିତ କରିଛି ଏବଂ ବାଲ୍ୟଜୀବନର ଜଡିତ କାହାଣୀ ବାଲ୍ୟବନ୍ଧୁ ପର୍ଶୁର କଥା ମନେ ପଡିଛି । ଏହା ବ୍ୟତୀତ ଗାଁର ଖୋଲା ପଡିଆ, ଧାନଜମି, ଚିର ଶ୍ୟାମଳ ଧ୍ୟାନଗଭୀର ବରୁଣେଇ ପାହାଡ, ଆଷାଢ଼ର ପ୍ରଥମ ବର୍ଷା ସହିତ ପଡିଆ ଯାକ ଛୋଟ-ଛତା ପରି ଫୁଟିଥିବା ଅସଂଖ୍ୟ ବାଲିଛତୁ ଆଉ ଲାଲ୍ ଟକ୍‌ଟକ୍ ସାଧବବୋହୂ ଆଦି କୈଶୋରର ସ୍ମୃତି ସବୁ ମନେପଡିଛି ।

ସେହିପରି କୃଷ୍ଣ ପ୍ରସାଦ ମିଶ୍ରଙ୍କ 'ନାଏଗ୍ରା ଓ ଦେବଯାନୀ' ଗଳ୍ପରେ ଦେଶ ସମ୍ପର୍କୀତ ଏକ କରୁଣ ବିଜଡିତ ସ୍ମୃତିର ଚିତ୍ର ଦେଖିବାକୁ ମିଳେ । ଗଳ୍ପନାୟକଙ୍କ ସ୍ତ୍ରୀ ଦେବଯାନୀ ଥିଲେ ଧର୍ମବିଶ୍ୱସୀ ଏବଂ ଗଳ୍ପନାୟକ ଥିଲେ ପ୍ରକୃତିପ୍ରେମୀ । ଏ ପ୍ରସଙ୍ଗକୁ ନେଇ ଉଭୟଙ୍କ ଭିତରେ ଅଳ୍ପବହୁତେ କଳହ ମଧ ହୁଏ । କିନ୍ତୁ ଦେବଯାନୀଙ୍କ ମୃତ୍ୟୁ ପରେ ଗଳ୍ପନାୟକ ଦେଶ ଛାଡି ଚାଲିଆସିଥିଲେ ବିଦେଶକୁ । ପରେ ତାଙ୍କ ସ୍ତ୍ରୀଙ୍କ ସହ ଜଡିତ ଦେଶ ସମ୍ପର୍କୀତ ସ୍ମୃତି ସବୁ ମାନସପଟ୍ଟରେ ନାଚି ଉଠିଛି । 'ମାଛ' ଗଳ୍ପରେ ଶ୍ରୀଯୁକ୍ତ ମିଶ୍ର ଆଉ ଏକ ଜୀବନର ଚିତ୍ର ଦର୍ଶାଇଛନ୍ତି, ଯେଉଁଥିରେ ବିଦେଶକୁ ଦୁଇ ଦମ୍ପତି ଭ୍ରମଣରେ ଆସିଥିଲେ ମଧ୍ୟ ନିଜ ଦେଶକୁ ଛତ୍ରେ ଛତ୍ରେ ଅନୁଭବିଛନ୍ତି । ସେଇ ସମୟରେ ସ୍ୱଦେଶ ଭାରତ ସଂପର୍କରେ ସେମାନଙ୍କ ଭାବନା ରଖିଛନ୍ତି, ଏହିପରି- "ଭାରତ ପରି ଏଠି ସାଇ ପଡିଶା କଥା ନାହିଁ ଯେ, ଯେତେବେଳେ ଇଚ୍ଛା ପଡିଶା ଘରକୁ ଯାଇ ବୁଲି ଦେଇ ଆସ, କଫି ପିଇବା ବି ଦରକାର ନାହିଁ – କ'ଣ କରୁଛ, ରନ୍ଧା ସରିଲାଣି କି, ଆଜିକାଲି ସଉଦା କେତେ ମହର୍ଗ ହେଲାଣି, ରାମାମୃତମ ଦୋକାନର ପାମ୍ପଡ ଭାରୀ ଭଲ, ଏହିପରି କଥା ବାହା-ବେଶ !" (ଗଳ୍ପ- ମାଛ, ଗାଳ୍ପିକ- କୃଷ୍ଣ ପ୍ରସାଦ ମିଶ୍ର, ପୃଷ୍ଠା-୨୫) ଗଳ୍ପରେ ଭାରତୀୟ ଦାମ୍ପତ୍ୟ ଜୀବନରେ ଯେଉଁ ଅନ୍ତରଙ୍ଗତା ଦେଖାଯାଏ, ତାହା ବିଦେଶ ଭୂଇଁରେ ଦେଖାଯାଏ ନାହିଁ ।

ଗାଳ୍ପିକ ସୁଧୀର କୁମାର ବିଜୟେନ୍ଦ୍ର ନାରାୟଣଙ୍କ 'ପ୍ରଫୁଲ ମହାନ୍ତିଙ୍କ ଗାଁ' ଗଳ୍ପରେ ମଧ୍ୟ ଗଳ୍ପନାୟକ ଗାଁର ସବୁଜିମା, ମହନୀୟ ପାହାଡ ତଳେ ବିରୂପାର ସ୍ୱଚ୍ଛ ଜଳଧାର, ସନ୍ଧ୍ୟାରେ ଭାଗବତ ପାଠ, ଶଙ୍ଖ ହୁଳହୁଳି ଶବ୍ଦ ଆଉ ଚାଟଶାଳୀରେ ପିଲାଙ୍କ ପଣିଖିଆ ଡାକ, ଖଞ୍ଜଣି ବାଜି ହରିବୋଲ ଶବ୍ଦରେ ଈଶ୍ୱର ଚର୍ଚ୍ଚା ଏବଂ ବନ୍ଦେ ଉତ୍କଳ ଜନନୀର ସୁମଧୁର ସମୂହ ଗାନ ପବନରେ ଭାସିଗଲା ଭଳି ଅତି ସୁନ୍ଦର ଭାବରେ ତାଙ୍କ ସ୍ମୃତିକୁ ଉପସ୍ଥାପନ କରିଛନ୍ତି । ଏହା ବ୍ୟତୀତ ଗାଈଗୋଠ, ନଈକୂଳର ସୁଲୁସୁଲିଆ ବାଆ, ପୋଡ଼ପିଠା, ଚୁଡା ମୁଢ଼ି, ଦୁଧ ଘିଅ ଆଦି ବ୍ୟାକୁଳ ଅନୁଭୂତି ତାଙ୍କୁ ବ୍ୟଥିତ କରିଛି ।

ଗାଳ୍ପିକ ଦୀପ୍ତି ରଞ୍ଜନ ପଟ୍ଟନାୟକଙ୍କ 'ଆମେରିକା ଏକ ପ୍ରେମ ଗଳ୍ପ' ଗଳ୍ପରେ ବିବେକର ମା' ଆମେରିକାରେ ରହି ନିଜ ଓଡିଶା ମାଟିକୁ ଭୁଲି ପାରିନାହାନ୍ତି । ଏତେ ବର୍ଷ ଆମେରିକାରେ ରହିଗଲା ପରେ ନିଜର ଶାଗପଖାଳ ଜୀବନକୁ ଭୁଲିପାରି ନାହାନ୍ତି । କଥାରେ କଥାରେ ସେ ସଜନା ଛୁଇଁ ଭଜା, ବଡିଚୁରା, ଚୁନା ମାଛ ଚଡ଼ଚଡ଼ି ଆଉ ତାଙ୍କ ବୋଉ ହାତରେ ଶାଗଭଜା, ଆଳୁଚଟଣୀ କଥା ବଖାଣି ବସନ୍ତି । ଖାଲି ସେତିକି ନୁହେଁ ହଜିଲା ଦିନର ସ୍ମୃତି ଭିତରେ ନିଜକୁ ମିଶାଇ ନିଜ ଗାଁ, ବିଲ, ପାହାଡ, ନଈନାଳ, ଆମ୍ବତୋଟା, ସ୍କୁଲ୍ ଘର, କଇଁ ପୋଖରି, ଧୂଳିଦାଣ୍ଡ, ଶଗଡଗାଡି, ସବାରିରେ ଝିଅର ଶାଶୁଘର ଯିବା, କବାଡିଖେଳ, ବାପା ମା, ଭାଇଭଉଣୀ, ଆତ୍ମୀୟ ସ୍ୱଜନଙ୍କୁ ଖୋଜିବୁଲନ୍ତି ।

- **ବିଦେଶୀଙ୍କ ଆକର୍ଷଣ: ଭାରତୀୟ ଏବଂ ଓଡିଶାର ସଂସ୍କୃତି ଓ ପରମ୍ପରା :**

ଭାରତ ଏକ ଏମିତି ଦେଶ, ଯେଉଁଠାରେ ପୃଥିବୀର ବିଖ୍ୟାତ ବୀରପୁତ୍ରମାନେ ଜନ୍ମଗ୍ରହଣ କରିଛନ୍ତି । ଭାରତକୁ ବିଶ୍ୱସ୍ତରରେ ଏକ ମହାନ୍ ଦେଶ ରୂପେ ପରିଚିତ କରାଇବାରେ ବୀରପୁତ୍ରମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ମଧ୍ୟରୁ ଗୌତମବୁଦ୍ଧ, ସ୍ୱାମୀ ବିବେକାନନ୍ଦ, ମହାତ୍ମାଗାନ୍ଧୀ, ନେତାଜୀ ସୁବାଷ ବୋଷ, ରବିନ୍ଦ୍ରନାଥ ଠାକୁର ଅନ୍ୟତମ । ଏହି

ବୀରପୁତ୍ରମାନଙ୍କର ଆଦର୍ଶରେ ବହୁ ବିଦେଶୀ ପ୍ରଭାବିତ ହୋଇଛନ୍ତି ।

ଗାଳ୍ପିକ କୃଷ୍ଣ ପ୍ରସାଦ ମିଶ୍ରଙ୍କ 'ଟ୍ରେଜାନ ଅଶ୍ୱ' ଗଳ୍ପରେ ମିସେସ୍ କାର୍ଟରାଇଟ୍ ଗାନ୍ଧୀଙ୍କ ଦର୍ଶନରେ ପ୍ରଭାବିତ । ଆମେରିକାର ନାଗରିକ ହୋଇ ମଧ୍ୟ ତାଙ୍କ ମନରେ ଭାରତୀୟଙ୍କ ପ୍ରତି ଅହେତୁକ ପ୍ରେମ ରହିଛି । ଏହା ସହିତ ତାଙ୍କର ଭାରତର ଆଦର୍ଶ ଚରିତ୍ରମାନେ ଏବଂ ଧର୍ମ, ଦର୍ଶନ, ସଂସ୍କୃତି ପ୍ରତି ବହୁ ଦୁର୍ବଳତା ରହିଛି । କଥା କଥାକେ ଉଦାହରଣ ଦେଇ ବସନ୍ତି ଭାରତର ନୀତି ଆଦର୍ଶର କଥା । ଖାଲି ସେତିକି ନୁହେଁ, ମିଷ୍ଟର କାଟ୍‌ରାଇଟ୍ ସହ ମଧ୍ୟ କେବେ କଳହ ହେଲେ ଉଦାହରଣ ଦେଇଥାନ୍ତି ଭାରତର । ସେଥିପାଇଁ ମିଷ୍ଟର କାଟ୍‌ରାଇଟ୍ ତାଙ୍କ ପତ୍ନୀଙ୍କୁ ଗାନ୍ଧୀଙ୍କ ଶିଷ୍ୟା ବୋଲି ମନ୍ତବ୍ୟ ଦେଇଥାନ୍ତି । ଗଳ୍ପରେ ଗଳ୍ପନାୟକ ଲ୍ୟାଣ୍ଡଲେଡ଼ି ମିସେସ୍ କାଟ୍‌ରାଇଟ୍‌ଙ୍କ ଠାରୁ ଗାନ୍ଧୀଙ୍କ ମହନୀୟତା ସମ୍ପର୍କରେ ଶୁଣି ଆର୍ଶ୍ଚଯ୍ୟ ହୁଅନ୍ତି । ତାହାର ଉଦାହରଣ ଦିଆଯାଇପାରେ- "ନାଁ, ନାଁ ! ପାଶ୍ଚାତ୍ୟରେ ଯେତେବେଳେ ବଡ ବଡ ଚିନ୍ତାଶୀଳ ଲୋକେ ସେମାନଙ୍କୁ ମହାତ୍ମା ବୋଲି, ମହାପୁରୁଷ ବୋଲି ଭାବୁଛନ୍ତି, ସେତେବେଳେ ଆପଣ ସେମାନଙ୍କୁ ଏତେ ଖରାପ ଭାବିବା ଉଚିତ ନୁହେଁ ।" (ଗଳ୍ପ–ଟ୍ରେଜାନ ଅଶ୍ୱ, କୃଷ୍ଣ ପ୍ରସାଦ ମିଶ୍ର, ପୃଷ୍ଠା-୭୮)

ଶ୍ରୀଯୁକ୍ତ ମିଶ୍ରଙ୍କ 'ମାର୍ଥାର ସମାଧି'ରେ ମଧ ସମାନ ଚେତନାର ଭାବବସ୍ତୁ ପରିଲକ୍ଷିତ ହୁଏ । ସାଧାରଣତଃ ମାର୍ଥା ଏକ ଶ୍ୱେତାଙ୍ଗୀ ତରୁଣୀ, ଯିଏ ଭାରତୀୟ ହିନ୍ଦୁ ଦର୍ଶନରେ ଗଭୀର ବିଶ୍ୱାସୀ । ରମେଶ କାନାଡ଼ା ଯିବା ପରେ ଶ୍ୱେତାଙ୍ଗୀ ଯୁବତୀ ମାର୍ଥା ସହ ପରିଚିତ ହୋଇଛି । ଭାରତର ଯେତେ କୁସ୍କାର, ଅନ୍ଧବିଶ୍ୱାସର କଥା ରମେଶ, ମାର୍ଥା ପାଖରେ ଯେତେ କହିଲେ ମଧ ମାର୍ଥା ସେ ସବୁ ଭୂକ୍ଷେପ କରିଛି । ବରଂ ତା ପରିବର୍ତ୍ତେ ମାର୍ଥା ଭାରତୀୟଙ୍କ ସପକ୍ଷରେ କହିଛି । ବିବାହ ବିଚ୍ଛେଦ ସଂପର୍କରେ ତାହାର ମନ୍ତବ୍ୟ ଥିଲା ଏହିପରି– "କିନ୍ତୁ ଆମେ ଶୁଣୁଛୁ ଏହା ସତ୍ତ୍ୱେ ବି ବିବାହ ବିଚ୍ଛେଦ ଭାରତରେ ଆଦୌ ନାହିଁ । ସ୍ୱାମୀ ସ୍ତ୍ରୀ ସେଠି ସୁଖରେ ରହନ୍ତି ।" (ଗଳ୍ପ– ମାର୍ଥାର ସମାଧି, ଗାଳ୍ପିକ- କୃଷ୍ଣ ପ୍ରସାଦ ମିଶ୍ର, ପୃଷ୍ଠା-୧୬)

ଏହି ବିଦେଶିନୀ ମାର୍ଥା ନିଜର ସାଧାନା ଦ୍ୱାରା ମୃତ୍ୟୁ ଜୟ କରିପାରିଛି ଏବଂ ରେମଶ ପରି ବୁଦ୍ଧିହୀନ ସୁଖଲୋଭୀ ଯୁବକକୁ ହୀନପ୍ରତିପତ୍ନ କରିଦେଇଛି । ଗଳ୍ପରେ ମାର୍ଥାର ବଳିଷ୍ଠ ବ୍ୟକ୍ତିତ୍ୱ ଲକ୍ଷଣୀୟ । ଆଲୋଚ୍ୟ ଗଳ୍ପର କଥାବସ୍ତୁ ଚରିତ୍ରର ବିକାଶ ଓ ଘଟଣା ସମନ୍ୱୟରେ ଗାଳ୍ପିକଙ୍କ ଦକ୍ଷତାକୁ ଅସ୍ୱୀକାର କରି ହୁଏ ନାହିଁ । ଏହା ବ୍ୟତୀତ ତାଙ୍କର 'ମିନାକ୍ଷୀ' ଗଳ୍ପରେ ମଧ୍ୟ ମାର୍ଥା ଭଳି ମିନାକ୍ଷୀ ଭାରତୀୟ ଦର୍ଶନ ଓ ଯୋଗ ମାଧ୍ୟାମରେ ଏଡ଼ସ୍ ରୋଗରୁ ମୁକ୍ତି ପାଇବା ପାଇଁ ପ୍ରୟାସ କରିଛି ।

ଶ୍ରୀଯୁକ୍ତ ମିଶ୍ରଙ୍କ 'ପ୍ରକୋଷ୍ଠ' ଗଳ୍ପରେ ଆମେରିକାର ସମାଜରେ ଜେନେଟ୍ ପରି ଝିଅଟିଏ ସଂପୂର୍ଣ୍ଣ ବ୍ୟତିକ୍ରମ । ଜେନେଟ୍ ନିଜ ସମାଜର ଚଳଣି ସହିତ ଖାପ୍ ଖୁଆଇ ନ ପାରି, ଏକରକମର ବାସନ୍ଦ ହୋଇଯାଇଛି ତା' ନିଜ ପ୍ରକୋଷ୍ଠ ମଧରେ । ନିର୍ଜୀବ ବହିପତ୍ର ସାଙ୍ଗରେ, ଅଥଚ ଆମେରିକାର ଝିଅଟିଏ ପରି ଖୋଲା, ମୁକ୍ତ ଝିଅଟିଏ ହୋଇପାରିନି । ଗାଳ୍ପିକଙ୍କ ଆଉ ଏକ ଗଳ୍ପ 'ମିସ୍ ଏଡିସ୍ ହର୍ଣ୍ଣ'ରେ ଏହିଭଳି ଏକ ଚରିତ୍ର ଟରଣ୍ଟୋ ଆର୍ଟ ଗ୍ୟାଲେରୀରେ ଦେଖିବାକୁ ମିଳେ । ଗଳ୍ପରେ ଏକ ସୁନ୍ଦରୀ ଆକର୍ଷଣୀୟା ବ୍ୟକ୍ତିତ୍ୱ ସଂପନ୍ନା, ଏକ ପୌଢ଼ ଚିତ୍ରଶିଳ୍ପୀଙ୍କଠାରେ ଭାରତୀୟ ଧର୍ମ-ଦର୍ଶନ-ସଂସ୍କୃତି ସମ୍ବନ୍ଧରେ ପ୍ରବଳ ଆଗ୍ରହାନ୍ୱିତ ଦେଖିବାକୁ ମିଳେ । ଏହା ବ୍ୟତୀତ ଗାଳ୍ପିକଙ୍କ ଅନ୍ୟାନ୍ୟ ଗଳ୍ପରେ ଯଥା-'ଜଣେ ହିପି ତରୁଣୀର ଇତିବୃତ୍ତ', 'ଗୁଡାଏ ରଙ୍ଗ ଗୁଡାଏ ରେଖା' ଗଳ୍ପଗୁଡିକରେ ମଧ୍ୟ ଏହିପରି ଭାବବସ୍ତୁ ପରିଲକ୍ଷିତ ।

ଗାଳ୍ପିକ ମନୋଜ ଦାସଙ୍କ 'ଆବୁପୁରୁଷ' ଗଳ୍ପଟି ଯେତିକି ଆଶ୍ଚର୍ଯ୍ୟଜନକ, ତା'ଠୁ ଅଧିକ ଗଭୀର ବାସ୍ତବତାର କଥାବସ୍ତୁ ମଧ । ଗଳ୍ପନାୟକ ଆବୁପୁରୁଷ ଅର୍ଥାତ୍ ମିଷ୍ଟର ଶର୍ମା ଆମେରିକାକୁ ନିଜର ବୃହତ ଆବୁ ଅସ୍ତ୍ରୋପଚାର କରିବା ପାଇଁ ଯାଇଁ ସେଠି ବିଶ୍ୱବିଖ୍ୟାତ ଆବୁପୁରୁଷ ନାମରେ ପରିଚିତ ହୋଇଛନ୍ତି । ମାତ୍ର

ଏହା ପୂର୍ବରୁ ନିଜ ଦେଶରେ ତାଙ୍କୁ ଏଥିପାଇଁ ବହୁ ଅପମାନିତ ହେବାକୁ ହୋଇଛି ।

ଗାଳ୍ପିକ ସୁଧୀର କୁମାର ବିଜୟେନ୍ଦ୍ର ଦେବଙ୍କ 'ଭେନେଜୁଏଲଙ୍କ ଝିଅ ଲିଡିଆ' ଗଳ୍ପରେ ନିଜ ଦେଶରେ ପିଲାଏ ଓଡିଆ ବା ହିନ୍ଦୀ ଭାଷାରେ କଥା ହେବାକୁ ସଂକୋଚ କରୁଥିବା ବେଳେ ଆମେରିକାର ଗୋଟିଏ ତିନି-ଚାରି ବର୍ଷର ଝିଅ ଲିଡ଼ିଆ ମୁଖରୁ ଓଡିଆରେ 'ଅଙ୍କିତା ଆସ' କହିବା ଶୁଣି ଗଳ୍ପନାୟକ ଆଶ୍ଚର୍ଯ୍ୟ ହୋଇଛନ୍ତି । ସେହିପରି ଗାଳ୍ପିକ ଦେବାଶିଷ ପାଣିଗ୍ରାହୀଙ୍କ 'ରାସେଶ୍ୱରୀ' ଗଳ୍ପରେ ଗଳ୍ପନାୟିକା ସାରା ମରିନସ୍ ଜଣେ ବିଦେଶୀ ତରୁଣୀ ହୋଇ ମଧ୍ୟ ଜଗନ୍ନାଥ ସଂସ୍କୃତି, ନୃତ୍ୟ, ପରମ୍ପରାରେ ପ୍ରଭାବିତ । ଉତ୍କଳର ଶାସ୍ତ୍ରୀୟ ଓଡିଶୀନୃତ୍ୟ ଶିକ୍ଷା ନିମନ୍ତେ ସୁଦୂର ନିଉୟର୍କରୁ ସେ ଅତି ଆଗ୍ରହରେ ଦୌଡ ଆସିଥିଲେ ପୁରୀର ରଘୁରାଜପୁର ଗ୍ରାମକୁ ।

- **ପ୍ରବାସୀ ନିଜ ସଂସ୍କୃତି ପ୍ରତି ହୀନମାନ୍ୟତା ଭାବାବେଗ:**

ଜଣେ ଭାରତୀୟ ଯେତେବେଳେ ନିଜ ଦେଶ ଛାଡି ବିଦେଶରେ ବସବାସ କରେ, ସେତେବେଳେ ତାକୁ ବିଦେଶର ମୋହ ବାନ୍ଧିରଖେ । ସେ ଦେଶରେ ରହିବାର ସୁଯୋଗ ଖୋଜି ବୁଲେ । ଫଳରେ ନିଜ ଦେଶର ସଂସ୍କୃତିରେ ଥିବା ଅନ୍ଧବିଶ୍ୱାସ, କୁସଂସ୍କାର, ଏବଂ ଭାରତୀୟଙ୍କ ଦୋଷ, ଦୁର୍ବଳତା ଆଦି ଆଖିରେ ଦୃଶ୍ୟମାନ ହୁଏ । ଫଳରେ ସେଗୁଡିକୁ ସେ ଧରି ରଖେ । ଏହିପରି ଭାବବସ୍ତୁ ବହୁଗୁଡିଏ ଗଳ୍ପରେ ଦେଖିବାକୁ ମିଳେ । ଯେପରି- କିଶୋରୀ ଚରଣ ଦାସଙ୍କ 'ଯନ୍ତ୍ରଣା' ଗଳ୍ପରେ ଚନ୍ଦନ ଆମେରିକାରୁ ତା' ମାଇଁ ପାଖକୁ ଚିଠି ଦେଇଛି । ସେଥିରେ ସେ ଲେଖିଛି, ସେ ଆଉ ଦେଶକୁ ଫେରିବନି ଏବଂ ଆମେରିକା ରହିବାର କାରଣରେ ସ୍ୱଦେଶର ଦୋଷ ଦୁର୍ବଳତା ଗୁଡିକୁ ଗୋଟି ଗୋଟି କରି ପ୍ରକାଶ କରିଛି । ଯଥା- "ଯେଉଁଠି ସରକାର ବୋଲି କିଛି ନାହିଁ, ହେଲେ ଗଣତନ୍ତ୍ର କାଏମ୍ ଅଛି, କାରଣ ଭୋଟଦିଆ ଚାଲିଛି, ଭୋଟ୍ର କିଣାବିକା, ଏବଂ ସେଥିରେ ରକ୍ତବୁହା ମଉଜ, ସର୍କସ । ଯେଉଁଠି ଶିକ୍ଷା ପଛକୁ ଜ୍ଞାନ ନାହିଁ, ଖାଲି ଠେଲାପେଲା ହୋଇ ଶ୍ରେଣୀର ଅମୁକ କି ସମୁକ ଠଣାରେ ପଶିଯିବା କଥା । ଯେଉଁଠି ଧର୍ମ ବୋଲି କିଛି ନାହିଁ, କିନ୍ତୁ ରାମ ଅଛନ୍ତି ଓ ବାବର ଅଛନ୍ତି ଏବଂ ରକ୍ତାକ୍ତ ଯୁଦ୍ଧ ଚାଲିଛି ତାଙ୍କ ଭିତରେ । ଯେଉଁଠି ନୂଆବୋହୂ ପାଇଁ ଗୋଟିଏ ନୂଆଧରଣର ଚିତା ମଧ୍ୟ ଜଳା ହୋଇପାରେ, ତା' ଦେହରେ କିରିସିନି ଢ଼ାଳି, ସେଇଠୁଁ ନିଆଁ ଲଗେଇ ।"

କୃଷ୍ଣପ୍ରସାଦ ମିଶ୍ରଙ୍କ 'ମାର୍ଥାର ସମାଧି' ଗଳ୍ପରେ କାନାଡ଼ାକୁ ପଢିବା ଉଦ୍ଦେଶ୍ୟରେ ଆସିଥିବା ଭାରତୀୟ ଯୁବକ ରମେଶ, ମାର୍ଥା ନାମକ ଶ୍ୱେତାଙ୍ଗୀକୁ କଥା ପ୍ରସଙ୍ଗରେ ଭାରତର କୁସଂସ୍କାର ଏବଂ ସଂକୀର୍ଣ୍ଣତା, ଅଳସୁଆ ମନୋଭାବ ସଂପର୍କରେ କହିଛି । ଯେପରି- "ହଁ, ଏଠି ବି ଅଛି; କିନ୍ତୁ ଭାରତରେ ବ୍ୟବଧାନଟା ଖୁବ୍ ବେଶି । ଉଦାହରଣ ସ୍ୱରୂପ, କାହାକୁ ଭଲ ପାଇଲେ ତାକୁ ପ୍ରେମ କରିବା ଉଚିତ ଓ ପ୍ରେମ କରି ମନ ପାଇଲେ ତାକୁ ବିବାହ କରିବା ଉଚିତ ବୋଲି ମୁଁ କହିବି; କିନ୍ତୁ ସେଠି କ'ଣ ହେଉଛି ? ଚିହ୍ନା ନାହିଁ, ପରିଚୟ ନାହିଁ, ଜଣକୁ ଆଣି ଅନ୍ୟ ଜଣକ ବେକରେ ଛନ୍ଦି ଦିଆଯାଉଛି । ତା'ପରେ ସେ ଦୁଇଜଣଙ୍କୁ ପରସ୍ପରକୁ ଭଲ ପାଇବାକୁ, ପ୍ରେମ କରିବାକୁ କୁହାଯାଉଛି ।"

ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ ଗଳ୍ପ 'ଆମେରିକା ଏକ ପ୍ରେମଗଳ୍ପ'ରେ ବିବେକ ଚରିତ୍ର ମାଧ୍ୟମରେ ଭାରତୀୟ ସମାଜର ରୀତିନିୟମ, ଛଳନା, ମିଥ୍ୟା ପରମ୍ପରା ବିରୋଧରେ ମତ ପ୍ରକାଶ କରିଛନ୍ତି । ମା'କୁ ବୁଝେଇବାକୁ ଯାଇ କହିଛନ୍ତି- "ଏଠାକାର ଖରାଦିନ ଭଳି ନୁହେଁ । ଏଠିକା ପରି ସେଠି କେହି କାହାର ଆମ୍ବଗଛ, ବେଲଗଛକୁ ଟେକା ମାରନ୍ତିନି । ତମ ବଗିଚାରେ ସେଉ, କମଳା ଝଡିକି ଗଦା ହେଇଥିବ, ବାହାର ଲୋକ କେହି ଅନେଇବ ନାହିଁ । ଏକାଠି ହେଇ ଯା ନାଁରେ ଗପିବା ତ ଦୂରର କଥା, ନିହାତି ଦରକାର ନ ପଡିଲେ କେହି କାହାରିକୁ ଡିଷ୍ଟର୍ବ କରନ୍ତିନି ।" (ଗଳ୍ପ- ଆମେରିକା ଏକ ପ୍ରେମ କାହାଣୀ, ଗାଳ୍ପିକ- ଦୀପ୍ତିରଞ୍ଜନ ପଟ୍ଟନାୟକ, ପୃଷ୍ଠା-୧)

ଗାଳ୍ପିକ ସୁଧୀର କୁମାର ବିଜୟେନ୍ଦ୍ର ନାରାୟଣଙ୍କ 'ଭାଷା' ଗଳ୍ପରେ ଗଳ୍ପପୁରୁଷ ପୁଅ, ବୋହୂ ରହୁଥିବା ଆମେରିକାକୁ ବୁଲିବାକୁ

ଯାଇଛନ୍ତି । ସେଇ ବର୍ଷ ଆମେରିକା ଓଡିଆ ଏସୋସିଏସନ୍‌ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଉତ୍ସବ କେବଳ ଓଡିଶା ଉନ୍ନତ ପାଇଁ ନାମକୁ ମାତ୍ର ସେମିନାର – ୱାର୍କସପ୍ ।  ନୂଆ ପରିଚୟର ଆନନ୍ଦ ବା ବହୁ ଦିନର ଦେଖା ସାକ୍ଷାତର କୋଳାକୋଳି, ଓଡିଶାର ସମ୍ପର୍କୀୟମାନଙ୍କ ସୁଖ ଦୁଃଖର ଖବରାଖବର ଛଡା, ଏହି ଅନୁଷ୍ଠାନକୁ ଓଡିଶାରୁ ଆସିଥିବା କାହାର ବାପା ମା, ଶାଶୁ ଶ୍ୱଶୁର, ଭାଇ ଭାଉଜ, ଭଉଣୀ ଭିଣେଇ କି ବନ୍ଧୁମାନଙ୍କ ସହ ପରିଚୟ ଆଦାନ ପ୍ରଦାନ ନେଇ ସମସ୍ତେ ବ୍ୟସ୍ତ । ଓଡିଶାର ଉନ୍ନତି, ଓଡିଶାର ଅଭାବ-ଅସୁବିଧା ବିଷୟରେ ଆଲୋଚନା କରିବାକୁ କାହାର ମନ କିମ୍ବା ଆଗ୍ରହ ଦେଖାଯାଇନାହିଁ । ତେଣୁ ଏସବୁର ଆୟୋଜନ ଦେଖି ଗଳ୍ପପୁରୁଷ ଦୁଃଖରେ ତାଚ୍ଛଲ୍ୟ କରିଛନ୍ତି ।

- **ପ୍ରବାସୀର ଅନୁଭବ: ବିଦେଶ ସମାଜରେ ସମ୍ବେଦନ ହୀନତା :**

ଭାରତରେ ସାଧାରଣତଃ ଯୌଥ ପରିବାରର ପ୍ରଚଳନ ଦେଖାଯାଏ । ଯଦିଓ ସାମ୍ପ୍ରତିକ ସମୟରେ ଏହି ଯୌଥ ପରିବାର ଏକକ ପରିବାରରେ ପରିଣତ ହେଉଛି । ଏହା ସତ୍ତ୍ୱେ ଏଠାରେ ପରିବାରର ସମସ୍ତ ସଦସ୍ୟ ପରସ୍ପର ପ୍ରତି ସ୍ନେହବନ୍ଧନରେ ବାନ୍ଧିହୋଇ ରହିଥାଏ । ଏହା କେବଳ ପରିବାର ଭିତରେ ସୀମିତ ହୋଇ ରହିନଥାଏ । ପାଖ ପଡୋଶୀମାନେ ମଧ୍ୟ ବିଭିନ୍ନ ପର୍ବପର୍ବାଣୀ ଏବଂ ବିପଦ ଆପଦରେ ଆସି ଠିଆ ହୋଇଥାନ୍ତି । କିନ୍ତୁ ଏସବୁର ମୂଲ୍ୟ ବିଦେଶ ଭୂମିରେ ଦେଖାଯାଏ ନାହିଁ କହିଲେ ଚଳେ । ଘରର ପିଲାମାନେ ବଡ ହେବା ମାତ୍ରେ ପିତା, ମାତାଙ୍କଠୁ ଦୂରେଇ ରହିବାକୁ ପସନ୍ଦ କରନ୍ତି । ଅପର୍ଯ୍ୟାପ୍ତ ସ୍ୱାଧୀନତା ଖୋଜିଥାନ୍ତି ଏବଂ ସମ୍ବେଦନଶୀଳ ହୋଇନଥାନ୍ତି । ଏହିପରି ଭାବବସ୍ତୁ ବହୁଗୁଡିଏ ଗଳ୍ପରେ ଦେଖିବାକୁ ମିଳେ ।

ଗାଳ୍ପିକ କୃଷ୍ଣ ପ୍ରସାଦ ମିଶ୍ରଙ୍କ 'ହିମପଦ୍ମ' ଗଳ୍ପରେ କାନାଡ଼ାର ଏକ ଭଡ଼ା ଘରେ ମନୋଜ, ମଞ୍ଜରୀ ଏବଂ ଏକମାତ୍ର ପୁତ୍ର ସୁଜିତ ରହୁଥିଲେ । ସେଇ ସମାନ ଆପାର୍ଟମେଣ୍ଟରେ ଏକ ଆମେରିକାନ୍ ପରିବାର ରହୁଥିଲେ । ପରିବାର କହିଲେ ମିସେସ୍ ହ୍ୱାଇଟ୍, ମିଷ୍ଟର ହ୍ୱାଇଟ୍ ଏବଂ ଚାରି ବର୍ଷର କନ୍ୟା ମାର୍ଶା । ବିଦେଶୀ ପରିବାରଟିରେ ସର୍ବଦା କଳହ ଲାଗିରହୁଥିବାର ଦେଖିବାକୁ ମିଳେ । ମିସେସ୍ ହ୍ୱାଇଟ୍‌ଙ୍କ ସ୍ୱାମୀ ଥାଇ ମଧ୍ୟ, ସେ ଅନ୍ୟ ଏକ ପୁରୁଷଙ୍କୁ ପ୍ରେମ କରନ୍ତି । ଗଳ୍ପରେ ସ୍ୱାମୀ ଓ କୁନିଝିଅ ପ୍ରତି ବିଦେଶୀ ମାଆଟିର ମନରେ କୌଣସି ଆବେଗ କିମ୍ବା କର୍ତ୍ତବ୍ୟ ଦୃଷ୍ଟ ହୁଏ ନାହିଁ । ପରଦିନ ସକାଳୁ ଅଜିତକୁ ସ୍କୁଲ୍ ନେବା ରାସ୍ତାରେ ମନୋଜ ମାର୍ଶାର ମୃତ ଶରୀରକୁ ଦେଖି ଆଶ୍ଚର୍ଯ୍ୟ ହୋଇଛି । ଏଠାରେ ଗାଳ୍ପିକ ସୁନ୍ଦର ଭାବେ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟର ସାମାଜିକ ଜୀବନର ଚିତ୍ର ଦର୍ଶାଇଛନ୍ତି । ଗୋଟିଏ ପଟେ ସମ୍ବେଦନଶୀଳ, ଆଉ ଗୋଟେ ପଟେ ସମ୍ବେଦନହୀନ ସଂପର୍କ । ଗୋଟିଏ ପାର୍ଶ୍ୱରେ ଅନାବିଳ ମାତୃତ୍ୱ, ଅନ୍ୟ ପାର୍ଶ୍ୱରେ ହୃଦୟହୀନ ମାତୃତ୍ୱ । ଯାହା ସ୍ପଷ୍ଟ ଭାବେ ମଞ୍ଜରୀର ଅଜିତ ପ୍ରତି ଏବଂ ମିସେସ୍ ହ୍ୱାଇଟ୍ ମାର୍ଶା ପ୍ରତି ଲକ୍ଷ୍ୟ କରିହୁଏ ।

ଶ୍ରୀଯୁକ୍ତ ମିଶ୍ରଙ୍କ 'ଯଶୋଦାର ଶୋକ' ଗଳ୍ପରେ ମିସେସ୍ ଲାଣ୍ଡଙ୍କର ସ୍ୱାମୀ ଏବଂ ଦୁଇପୁତ୍ରକୁ ନେଇ ପରିବାର । ମିଷ୍ଟର ଲାଣ୍ଡ ଏବଂ ଗୋଟିଏ ପୁତ୍ରର ଅକାଳ ମୃତ୍ୟୁ ପରେ ଅନ୍ୟ ପୁତ୍ରଟି ଚାକିରି ପାଇ ସାନ୍‌ଡିଗୋରେ ସ୍ତ୍ରୀ ସହ ବାସ କରୁଛି । କୋଉ ଛଅମାସରେ ଥରେ ଚିଠି ଲେଖେ । ମିସେସ୍  ଲାଣ୍ଡଙ୍କ ଅବସ୍ଥା ଭଳି 'ପୁରାତନ' ଗଳ୍ପରେ ଗଳ୍ପପୁରୁଷ ପୁତ୍ର ସ୍ନେହରୁ ବଂଚିତ ହୋଇଛନ୍ତି । ଶ୍ରୀଯୁକ୍ତ ମିଶ୍ରଙ୍କ 'ପଲାସୀ ଅବସାନ' ଗଳ୍ପରେ ବିଦେଶୀ ତରୁଣୀମାନଙ୍କ ସମ୍ବେଦନହୀନତାର ଦୃଶ୍ୟ ଦେଖିବାକୁ ମିଳେ । ଏହି ଗଳ୍ପରେ ରହିଛି, ବିଦେଶୀଙ୍କ ପ୍ରତି ଜଣେ ଭାରତୀୟଙ୍କ ମନୋଭାବ । ଲଣ୍ଡନର ଏକ ଗୋରା ଝିଅର ବିଶ୍ୱାସଘାତକତାରେ, ଭାରତୀୟ ଯୁବକ ଶ୍ରୀ ଦତ୍ତଙ୍କ ମନରେ ସୃଷ୍ଟି ହେଇଛି, ଅବିଶ୍ୱାସର ଏକ ଶୀତଳ ବରଫ-ସ୍ରୋତ । ମଣିଷ ହେଇ ମଣିଷକୁ ସେ ବିଶ୍ୱାସ କରିବାର ସାମର୍ଥ୍ୟତା ହରାଇଛନ୍ତି, କେବଳ ବିଦେଶିନୀ ଝିଅଟିଏ ପାଇଁ । ସେଥିପାଇଁ ସେ କଥାକାରଙ୍କୁ କହିଛନ୍ତି– "ମୁଁ ଆପଣଙ୍କୁ ସବୁ କଥା କହିଥାନ୍ତି କିପରି ? ଏଠାରେ ଝିଅମାନେ ଏତେ ଚଞ୍ଚଳ ପ୍ରକୃତିର ଯେ ଏମାନଙ୍କୁ ନେଇ କିଛି କହିବା କି ଆଶା କରିବା

ବିପଦଜନକ । ତୁମ ସହ ଡେଟିଂ କରୁଥିବେ, ଶନିବାର ଜଣକ ସହ ସିନେମା ଥିବ, ତାକୁ ନେଇ ତ, ରବିବାର ଆଉ ଜଣକ ସହ ନାଏଗ୍ରା ଫଲସ ! ତେଣୁ ଏଠି ଶେଷ କଥା ନ ହେବା ଯାଏଁ , କିଛି କହିବା ନିରାପଦ ନୁହେଁ ।" (ଗଳ୍ପ-ପଲାସୀ ଅବସାନ, ଗାଳ୍ପିକ- କୃଷ୍ଣ ପ୍ରସାଦ ମିଶ୍ର, ପୃଷ୍ଠା-୨୧)

ଗାଳ୍ପିକା ହିରଣ୍ମୟୀ ମିଶ୍ରଙ୍କ 'ରେଡ୍ ାଇନ୍‌ରର ରାତ୍ରୀ' ଗଳ୍ପରେ ବିଭୋର ମହାନ୍ତି ଇଂଲଣ୍ଡର ଏନ୍. ଆର୍. ଏସ୍‌ରେ ଡାକ୍ତର ଥିଲେ । ସେଇ ସମାନ ଡାକ୍ତରଖାନାରେ ତାଙ୍କ ସହ କାମ ଇସାବେଲା ନାମକ ବିଦେଶିନୀ ସହ ତାଙ୍କର ସଂପର୍କ ଗଢିଉଠେ । ସମୟର ପରିବର୍ତ୍ତନ ସହ ଇସାବେଲାର ମନ ପରିବର୍ତ୍ତନ ହୁଏ । ସେଥିପାଇଁ ବିଭୋର ମହାନ୍ତି ଆମେରିକା ଛାଡିବାକୁ ମନସ୍ଥ କରନ୍ତି । ଏହି ଗଳ୍ପରେ ମୁଖ୍ୟତଃ ବିଦେଶୀମାନଙ୍କର କଳା ଗୋରା ଭେଦଭାବ ଦେଖିବାକୁ ମିଳେ । ଏହା ବ୍ୟତୀତ ଭାରତୀୟଙ୍କ ଭଳି ଏମାନେ ଅତୀତକୁ ଜାବୋଡି ଧରିନଥାନ୍ତି ।

- **ଜୀବନରେ ନିସଙ୍ଗତା:**

ମଣିଷ ଏକ ସାମାଜିକ ପ୍ରାଣୀ । ତେଣୁ ସେ ସମାଜରେ ବାସ କରେ ଏବଂ ସମାଜର ଏକ ମୁଖ୍ୟ ଅଙ୍ଗ ପାଲଟି ଯାଏ । ବ୍ୟସ୍ତ ବହୁଳ ଦୁନିଆରେ ତରୁଣର ଦ୍ରୁତତା ପରି, ମଣିଷ ନିଜକୁ ବହୁ ବ୍ୟସ୍ତତା ଭିତରେ ରଖିନିଏ । ବୟସର କ୍ରମବିକାଶରେ ମଣିଷ ତା'ର କର୍ମ ଜୀବନରୁ ପୁଣି ବିରତି ନେଇଥାଏ । ତା'ପରେ ଆରମ୍ଭ ହୋଇଥାଏ ନୂଆ ଏକ ଜୀବନ । ହୁଏତ କାହା ଜୀବନରେ ଖୁସି ଭରିଯାଏ, ଆଉ କାହା ଜୀବନରେ ଭରିଯାଏ ନିଃସଙ୍ଗତା । ସେଇ ନିଃସଙ୍ଗ ଜୀବନ ଉଭୟ ଦେଶ ଏବଂ ବିଦେଶରେ ଦେଖାଯାଏ । ଯାହାର ବଳିଷ୍ଠ ଉଦାହରଣଗୁଡିକ ହେଉଛି-

ଗାଳ୍ପିକ କିଶୋରୀ ଚରଣ ଦାସଙ୍କ 'ଓଦା ମାଟି' ଗଳ୍ପରେ ଗଳ୍ପନାୟକ ଦୀର୍ଘ ଚାଳିଶି ବର୍ଷ ପରେ ନିଜ ଜନ୍ମମାଟିକୁ ଏକାକୀ ଫେରିଛନ୍ତି । ଜନଶୂନ୍ୟ ଘରଟିରେ ଚାକର ପୁଅ ଛଡା ଆଉ କେହି ନଥାନ୍ତି । କେବଳ ଖାଲି ଘରଟାରେ ପୁରୁଣା ଚୌକିରେ ବସି ଅତୀତ-ବର୍ତ୍ତମାନକୁ ତୁଳନା କରିଛନ୍ତି । ଘୋର ନିର୍ଜନତା ଭିତରେ ସେ କେବଳ ନିଜର ନିଃସଙ୍ଗତାକୁ ଭେଟିଛନ୍ତି ।

ଗାଳ୍ପିକ କୃଷ୍ଣପ୍ରସାଦ ମିଶ୍ର 'ଯଶୋଦାର ଶୋକ' ଗଳ୍ପରେ ମିସେସ୍ ଲାଣ୍ଡ ସେହିପରି ଏକ କରୁଣ ଚରିତ୍ର ଯେ ସ୍ୱାମୀ ଓ ପୁତ୍ରକୁ ହରାଇ ସଂପୂର୍ଣ୍ଣ ଏକାକୀ ହୋଇପଡିଛନ୍ତି । ପରିଣତ ବୟସରେ ସେ ହୁଏତ ଚାହୁଁଛନ୍ତି ନିଜ ଲୋକଙ୍କ ସାହାଚର୍ଯ୍ୟ । କିନ୍ତୁ ସେ ଆମେରିକୀୟ ପରିବେଶରେ ଏକାକୀ ହୋଇପଡିଛନ୍ତି । ପ୍ରକୃତରେ ମିସେସ୍ ଲାଣ୍ଡଙ୍କ ଚରିତ୍ରରେ ଏକ ସ୍ନେହମୟୀ, କରୁଣାମୟୀ ନିଃସଙ୍ଗ ମାତୃ ହୃଦୟର ମାର୍ମିକ ବେଦନା ହିଁ ଦେଖିବାକୁ ମିଳେ । ମନୋଜ ପରି ଭାରତୀୟ ଯୁବକକୁ ସେ ଅତିଥି କରିଛନ୍ତି । ଯାହା ସ୍ପଷ୍ଟ ସୂଚାଇ ଦିଏ ଯେ ସେ କେବଳ ବ୍ୟାକୁଳିତ ପ୍ରାଣ ମାଆଟିଏ, ଯାହା ମନରେ ଦେଶ-ବିଦେଶ, କଳା-ଗୋରାର ଭେଦଭାବ ନାହିଁ ।

- **ଅନ୍ୟାନ୍ୟ ପ୍ରସଙ୍ଗ :**

ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ନାଟାଲିଆ ଓଁକାର' ଗଳ୍ପରେ ଆମେରିକାର ଜେ. ବି. ପ୍ରିଷ୍ଟ୍‌ଲ ପାର୍କରେ ଷାଠିଏ ବର୍ଷର ଜଣେ ଭାରତୀୟ ନାଗରିକ ତାଙ୍କର ଆଠ-ନଅ ବର୍ଷ ବୟସର ଆମେରିକାନ୍ ନାଗରିକ ନାତିଟିଏ ସହିତ ହାତ ଧରାଧରି ହେଇ ଚାଲୁଥାନ୍ତି । ମଝିରେ ମଝିରେ କେହି ଏକ ବିଦେଶିନୀର ଉପସ୍ଥିତି ଏବଂ ଅନ୍ତର୍ଦ୍ଧାନ ହୋଇଯିବା ଗଳ୍ପରେ ବିସ୍ମୟତା ଭରିଦିଏ । ଏହିପରି ଗାଳ୍ପିକ କୃପାସାଗର ସାହୁଙ୍କ 'ଝଡ ଓ ଝାଉଁବଣ' ଗଳ୍ପଟି ବାଙ୍ଗଲାଦେଶର ପୃଷ୍ଠଭୂମିକୁ ନେଇ ଲିଖିତ । ଏହି ଗଳ୍ପଟି ସ୍ୱାଧୀନତା ପୂର୍ବର ଦେଶ ବିଭାଜନ ସମୟର ଏକ କରୁଣ ପରିସ୍ଥିତିକୁ ନେଇ ଲିଖିତ । ଉଦାସୀ ରହିମ୍ ନିଜର ଏକମାତ୍ର କନ୍ୟାକୁ ହରାଇଛି । ଦେଶ ସ୍ୱାଧୀନତା ହେବା ପରେ ମଧ୍ୟ ତା' ପାଇଁ କିଛି ଖୁସି ଫେରି ନାହିଁ । ଝିଅକୁ ପ୍ରାଣ ପ୍ରଣେ ଖୋଜି ଖୋଜି ଶେଷରେ ନିରାଶ ହୋଇଛି ।

ପ୍ରବାସ ଅର୍ଥାତ୍ ଶାନ୍ତିନିକେତରେ ଅବସ୍ଥାନ କରୁଥିବା ଗାଳ୍ପିକ କଇଳାଶ ପଟ୍ଟନାୟକଙ୍କ ଏକାଧିକ ଗଳ୍ପରେ ଶାନ୍ତିନିକେତର ବିଭିନ୍ନ

ଚରିତ୍ରମାନେ ଅନୁରୂପେ ପରିଦୃଷ୍ଟ ହୁଏ । ତତ୍‌ସହିତ ଗାଳ୍ପିକ ଦେବାଶିଷ ପାଣିଗ୍ରାହୀଙ୍କ 'ରାସେଶ୍ୱରୀ' ଗଳ୍ପ ସଙ୍କଳନସ୍ଥ ସମଗ୍ର ଗଳ୍ପ ଭିତରେ ପ୍ରବାସ ଜୀବନକୁ ନିରୀକ୍ଷଣ କରିହେବ । ସେ ହୋଇପାରେ ଆସାମ ସୁନ୍ଦରୀ ସଂଗୀତା ସାଇକିଆ, ନିଉୟର୍କରୁ ସାରା ମରିସନ୍, ନାୟିକା ବନ୍ୟା ଆଦି ଚରିତ୍ରମାନେ ।

- **ଉଭୟ ସଂସ୍କୃତିର ଆକଳନ:**

ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ ସଂସ୍କୃତି ରହିଥାଏ । ମଣିଷ ଯେଉଁ ପରିବେଶରେ ଜନ୍ମଗ୍ରହଣ କରେ, ସେହି ପରିବେଶର ସଂସ୍କୃତି ଦ୍ୱାରା ପ୍ରଭାବିତ ହୋଇଥାଏ । ଏହି ସଂସ୍କୃତିର ପ୍ରଭାବରେ ଗୋଟିଏ ଦେଶର ଅଧିବାସୀ ଅନ୍ୟ ଦେଶର ଅଧିବାସୀଙ୍କଠାରୁ ଚାଲିଚଳଣିରେ ଭିନ୍ନ ହୋଇଥାନ୍ତି । ସେହି କ୍ଷେତ୍ରରେ ଭାରତରେ ଜନ୍ମିତ ସନ୍ତାନଙ୍କ ଠାରେ ସଂସ୍କୃତି କ୍ଷେତ୍ରରେ ଭିନ୍ନତା ରହିଥାଏ । ସେଥିପାଇଁ ସ୍ୱଜନ୍ମଭୂମି ଏବଂ ଅନ୍ୟ ଦେଶ, ପ୍ରଦେଶ ଉଭୟେ ଉଭୟଙ୍କର ସଂସ୍କୃତିରେ ପ୍ରଭାବିତ । ତେଣୁ ଦେଖାଯାଏ ଜନ୍ମଭୂମିର ଜୀବନଶୈଳୀରେ ଯାହା ଅସ୍ୱାଭାବିକ ଘଟଣା, ପ୍ରବାସଭୂମିରେ ତାହା ସ୍ୱାଭାବିକତା ।

କୃଷ୍ଣ ପ୍ରସାଦ ମିଶ୍ରଙ୍କ 'ଡାଫୋଡ଼ିଲଠୁ ଗଙ୍ଗଶିଉଳି ପର୍ଯ୍ୟନ୍ତ'ଗଳ୍ପରେ ବିଜୟ ଓ ସୁମଙ୍ଗଳାଙ୍କର ପୁତ୍ର ସତୀଶ ପାଠପଢାରେ ମନ ନଦେଇ ଆମେରିକୀୟ ସନ୍ତାନମାନଙ୍କ ଭଳି ଅତ୍ୟଧିକ ବିଳାସୀ ହୋଇଉଠିଛି । ବିଜୟ ବିଦେଶର ପ୍ରଭାବକୁ ଲକ୍ଷ୍ୟକରି କହିଛନ୍ତି ଯେ- "ପରୀକ୍ଷାରେ ଖରାପ ଗ୍ରେଡ୍ ରଖିଲେ ବି ଏମାନଙ୍କ ଟି. ଭି. ଦେଖା ବନ୍ଦ ହୁଏନା, ଆଉ ବାପା ମା' ଯେତେ ଇଛା କଲେ ବି ଏମାନଙ୍କୁ ମାରି ପାରନ୍ତିନି; କାରଣ ଏ ଅଦ୍ଭୁତ ଦେଶରେ ସନ୍ତାନ ସନ୍ତତି ରାଗିଗଲେ ଅନେକ କଥା କରି ପାରନ୍ତି, ଉଦାହରଣ ସ୍ୱରୂପ, ଡ୍ରଗ୍ ଷ୍ଟୋର୍ ପାଖରେ ଠିଆ ହୋଇ ଗପି ଗପି ସାରା ଜୀବନ କଟାଇ ଦେଇପାରନ୍ତି, ନ ହେଲେ ହିପ୍ପି ହୋଇଯାଇ ପାରନ୍ତି, ନ ହେଲେ ଦେଶ ବୁଲିବା ପାଇଁ ନିରୁଦ୍ଦେଶ୍ୟ ହୋଇ ଯାଇପାରନ୍ତି ।" (ଗଳ୍ପ- ଡାଫୋଡ଼ିଲଠୁ ଗଙ୍ଗଶିଉଳି ପର୍ଯ୍ୟନ୍ତ, କୃଷ୍ଣପ୍ରସାଦ ମିଶ୍ର, ପୃଷ୍ଠା-୧) ଅପର ପକ୍ଷରେ ଭାରତରେ ଜନ୍ମିତ ବାଲ୍ୟଦିନର ବନ୍ଧୁ ରାଧେଶ୍ୟାମର ତିନୋଟି ପୁତ୍ରର ଉଦାହରଣ ଦିଆଯାଇଛି । ସେମାନେ ସମସ୍ତେ ବୋଲକରା, ପରିଶ୍ରମୀ, ବୁଦ୍ଧିଆ । ଏସବୁ ପ୍ରବାସୀ ଜୀବନ ଶୈଳୀରେ ସ୍ୱାଭାବିକ ହୋଇଥିବା ବେଳେ ସ୍ୱଦେଶୀ ଜୀବନ ଶୈଳୀରେ ନୁହେଁ ।

ଗାଳ୍ପିକା ହିରଣ୍ମୟୀ ମିଶ୍ରଙ୍କ 'ଅଜଣା ଲଗ୍ନର ବର୍ଷା'ଗଳ୍ପରେ ଇଂଲଣ୍ଡକୁ ରୂପାଲି ପାଠ ପଢିବାକୁ ଆସିଛି । ରୂପାଲି ବହୁ ବର୍ଷ ଆମେରିକାରେ ରହି ମଧ୍ୟ ଭାରତୀୟ ଆଦର୍ଶ ତା ପାଖେ ଊଣା ହୋଇନାହିଁ । ସେ ବହୁ ନିକଟରୁ ଆମେରିକୀୟ ସଭ୍ୟତାକୁ ନିରୀକ୍ଷଣ କରିଛି । ସେଠାରେ କିପରି ବାର-ତେର ବର୍ଷର ବୟସ୍କ ପୁଅ, ଝିଅଙ୍କର ବୟଫ୍ରେଣ୍ଡ୍ ବା ଗାର୍ଲଫେଣ୍ଡ୍ ନ ଥିଲେ ମାଆ,ବାପାମାନେ ବ୍ୟସ୍ତ ହୋଇପଡ଼ନ୍ତି ଏବଂ ଡାକ୍ତରଙ୍କୁ ପରାମର୍ଶ କରନ୍ତି । ସେମାନଙ୍କଠାରେ ପ୍ରେମକୁ ନେଇ କୌଣସି ସଂକୋଚତା ନଥାଏ । ସେମାନେ ଖୋଲା ଜାଗାମାନଙ୍କରେ, ସବୁ ମାର୍କେଟ୍ ଛକ, ବସ୍‌ଷ୍ଟାଣ୍ଡମାନଙ୍କରେ ପ୍ରେମ ମଗ୍ନାବସ୍ଥାରେ ଯୋଡ଼ିମାନଙ୍କୁ ଦେଖିବା, ସେଠାରେ ଏକ ସାଧାରଣ କଥା । କିନ୍ତୁ ଭାରତରେ ରକ୍ଷଣଶୀଳତାର ମନୋଭାବ ଲୋକମାନଙ୍କ ଠାରେ ପରିଲକ୍ଷିତ ହୁଏ ।

ପରିଶେଷରେ ଗଳ୍ପଗୁଡ଼ିକ ପ୍ରବାସୀ ଜୀବନର ସ୍ଥିତି ଏବଂ କେତେକ କ୍ଷେତ୍ରରେ ଛାଡ଼ିଆସିଥିବା ଜନ୍ମଭୂମିର ସାଉଁଟା ଅନୁଭୂତି, ଆବେଗ ଓ ଭାବପ୍ରବଣତାଗୁଡିକ ସ୍ଥାନ ପାଇଛି । ଏହିପରି ଗଳ୍ପ କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ସ୍ରଷ୍ଟାମାନସରେ ଜନ୍ମ ନେଇଥାଏ । ଏହା ବ୍ୟତୀତ ଏଥିରେ ଅପର ସଂସ୍କୃତି, ପରମ୍ପରାକୁ ଜାଣିବାର ସୁଯୋଗ ଥାଏ ଏବଂ ପାଠକ ଅନ୍ୟ ଦେଶ କିମ୍ବା ପ୍ରଦେଶ ସଂପର୍କରେ ଅବଗତ ହୋଇ ପ୍ରବାସକୁ ନଯାଇ ମଧ୍ୟ ପ୍ରବାସର ପ୍ରତିଛବି ହୃଦୟରେ ଆଙ୍କିପାରେ । ଯେ ପର୍ଯ୍ୟନ୍ତ ସ୍ରଷ୍ଟାମାନସରେ ଏହିଭଳି ଭିନ୍ନ ଭିନ୍ନ ଭୂମିର ଚରିତ୍ରମାନେ ଆତଜାତ ହେଉଥିବେ, ସେ ପର୍ଯ୍ୟନ୍ତ ଏହିପରି ପ୍ରବାସୀ ସାହିତ୍ୟ ଜନ୍ମ ନେଉଥିବ ।

**ସହାୟକ ଗନ୍ଥସୂଚୀ**


- ଦାସ, ଗୌରହରି, 'ଓଡ଼ିଆ ଗଳ୍ପ କାଲି, ଆଜି, ଓ କାଲି', ସମ୍ପାଦନା, ନୂଆଦିଲ୍ଲୀ, ସାହିତ୍ୟ ଏକାଡ଼େମୀ, ପ୍ରଥମ ସଂସ୍କରଣ – ୨୦୧୪ ।

- ପଟ୍ଟନାୟକ, ପ୍ରଫେସର କଇଳାଶ, 'ଗଳ୍ପ ବନାମ ଗଳ୍ପ', ବିନୋଦ ବିହାରୀ, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ପ୍ରଥମ ସଂସ୍କରଣ -୧୯୯୮ ।
- ବାରିକ୍, ଡକ୍ଟର କବିତା, 'ଶହେ ବର୍ଷର ଆଧୁନିକ ଓଡିଆ କ୍ଷୁଦ୍ରଗଳ୍ପ : ଏକ ତାତ୍ତ୍ୱିକ ବିଶ୍ଳେଷଣ (୧୮୯୮-୧୯୯୮)' ବାଲୁବଜାର, କଟକ, ବିଦ୍ୟାପୁରୀ, ପ୍ରଥମ ସଂସ୍କରଣ -୧୯୯୯ ।
- ମହାପାତ୍ର, ଖଗେଶ୍ୱର, 'ସମାଲୋଚନାର ଦିଗଦିଗନ୍ତ', ବିନୋଦ ବିହାରୀ, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ପ୍ରଥମ ସଂସ୍କରଣ – ୧୯୯୭ ।
- ସାମଲ, ଡ଼କ୍ଟର ବୈଷ୍ଣବ ଚରଣ, 'ସାହିତ୍ୟର ଗଠନ ରୀତି ', ବିନୋଦ ବିହାରୀ, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ପ୍ରଥମ ସଂସ୍କରଣ – ୨୦୦୦ ।
- ସାମଲ, ଡ଼କ୍ଟର ବୈଷ୍ଣବ ଚରଣ, 'ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ (୧୮୯୮-୧୯୨୦), ବିନୋଦ ବିହାରୀ ', କଟକ, ବୁକସ୍ ଏଣ୍ଡ୍ ବୁକସ୍, ପ୍ରଥମ ସଂସ୍କରଣ – ୧୯୯୦ ।
- ସାମଲ, ଡ଼କ୍ଟର ବୈଷ୍ଣବ ଚରଣ, 'ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟର ଭୂମି ଓ ଭୂମିକା', ସମ୍ପାଦନା, ବିନୋଦ ବିହାରୀ, କଟକ, ଓଡିଶା ବୁକ୍‌ଷ୍ଟୋର, ପ୍ରଥମ ସଂସ୍କରଣ – ୨୦୦୪ ।


**ପରିଶିଷ୍ଟ :**


- ଆଚାର୍ଯ୍ୟ, ଶ୍ରୀ ଶାନ୍ତନୁ କୁମାର, 'ନାଟାଲିଆର ଓଁକାର', ଲିଙ୍କ୍‌ରୋଡ, କଟକ, ଆର୍ଯ୍ୟ ପ୍ରକାଶନ, ପ୍ରଥମ ସଂସ୍କରଣ-୧୯୯୫ ।
- ଦାସ, କିଶୋରୀ ଚରଣ, 'ଗମନ', ବିନୋଦ ବିହାରୀ, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ପ୍ରଥମ ସଂସ୍କରଣ-୧୯୮୦ ।
- ଦାସ, ରାଜକିଶୋର, 'ଗାଁ କଥା', ସମ୍ପାଦନା, ପାରଳାଖେମୁଣ୍ଡି, ସାହିତ୍ୟ ଶ୍ୱେତାପଦ୍ମା, ପ୍ରଥମ ସଂସ୍କରଣ-୨୦୦୮ ।
- ପଟ୍ଟନାୟକ, ଅଖିଳ ମୋହନ, 'ଅଖିଳାୟନ : ଅଖିଳ ମୋହନ ପଟ୍ଟନାୟକଙ୍କ ସମଗ୍ର ଗଳ୍ପ', ଭୁବନେଶ୍ୱର, ଅଖିଳ ମୋହନ ଫାଉଣ୍ଡେସନ, ପ୍ରଥମ ସଂସ୍କରଣ-୧୯୯୮ ।
- ବିଜୟେନ୍ଦ୍ର ନାରାୟଣ, ସୁଧୀର କୁମାର, 'ଅତଳ ଜଳ', ଭୁବନେଶ୍ୱର, ଟାଇମ୍ ପାସ୍, ପ୍ରଥମ ସଂସ୍କରଣ- ୨୦୦୭ ।
- ପଟ୍ଟନାୟକ, ଦୀପ୍ତି ରଞ୍ଜନ, 'ଆମେରିକା ଏକ ପ୍ରେମ କାହାଣୀ', ବିନୋଦ ବିହାରୀ, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ପ୍ରଥମ ସଂସ୍କରଣ – ୨୦୦୭ ।
- ମିଶ୍ର, କୃଷ୍ଣ ପ୍ରସାଦ, 'ଡାଫୋଡ଼ିଲ ଓ ଗଙ୍ଗଶିଉଳି', ବାଲୁବଜାର, କଟକ, ଷ୍ଟୁଡେଣ୍ଟ ଷ୍ଟୋର, ପ୍ରଥମ ସଂସ୍କରଣ-୧୯୯୧ ।
- ମିଶ୍ର, ହିରଣ୍ମୟୀ, 'ରେଡ୍ ।ଇନ୍‌ର ରାତି', ଭୁବନେଶ୍ୱର, ପଶ୍ଚିମା ପବ୍ଲିକେଶନ୍ସ, ପ୍ରଥମ ସଂସ୍କରଣ- ୨୦୧୯ ।



ଗବେଷିକା

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, କେନ୍ଦୁଝର

ଦୂରଭାଷ : ୯୦୪୦୫୪୦୦୬୨

ISSN -2583-147X (P), **Vol.- 9, Issue No. V, August 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଶ୍ରୀଜଗନ୍ନାଥ ସାଂସ୍କୃତିକ ଚେତନା ବନାମ ବ୍ରହ୍ମତତ୍ତ୍ୱ

## ଡକ୍ଟର ସନ୍ତୋଷ କୁମାର ନାୟକ

'ବହ୍ମତତ୍ତ୍ୱ' କେବଳ ଆଧାତ୍ମିକ, ଦାର୍ଶନିକ, ଧାର୍ମିକ, ଭାବମୂଳକ ବା ଆଦର୍ଶବାଚକ ନୁହେଁ, ଅଧିକନ୍ତୁ ଏହା ଯଥେଷ୍ଟ ବୈଜ୍ଞାନିକ ମଧ୍ୟ । ପଦାର୍ଥ-ବିଜ୍ଞାନ ତତ୍ତ୍ୱ (Theory of Physics), ରସାୟନବିଜ୍ଞାନ ତତ୍ତ୍ୱ (Theory of Chemistry), ଜୀବବିଜ୍ଞାନ ତତ୍ତ୍ୱ (Theory of Biology) ଥିଓରି ଅଫ୍ ଜେନେସିସ୍ ଓ ଅନ୍ୟାନ୍ୟ Absolute Scientific Theory ଏହି ବ୍ରହ୍ମତତ୍ତ୍ୱ ବା ବିଶୁଦ୍ଧ ବ୍ରହ୍ମବାଦକୁ ସିଧାସଳଖ ସମର୍ଥନ ପ୍ରଦାନ କରିଥା'ନ୍ତି । କାରଣ ଏହା ନିଜେ ହିଁ ବିଜ୍ଞାନ (Science) । ବେଦ, ବେଦାନ୍ତ ଓ ପୁରାଣାଦି ଏହାର ଦାର୍ଶନିକ ପ୍ରତିସ୍ଥାପନ ମାତ୍ର କରିଛନ୍ତି । 'ବ୍ରହ୍ମ' ସଂପର୍କରେ ଯେତେକ ଯୁକ୍ତି, ଉକ୍ତି ସବୁ ରହିଛି ସେସବୁକୁ ଉପର୍ଯ୍ୟୁକ୍ତ ବିଜ୍ଞାନ ସବୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମର୍ଥନ ଜଣାନ୍ତି । ଯେଉଁଠାରେ 'ବ୍ରହ୍ମ' ବ୍ରହ୍ମାଣ୍ଡଯାକ ଆଲୋକର କାରଣ ଅଥଚ ନିଜେ ଘନଅନ୍ଧକାର, ଶୂନ୍ୟସ୍ଥାନ, ସେଠାରେ ପଦାର୍ଥ ବିଜ୍ଞାନର ଆଲୋକତତ୍ତ୍ୱ ଏହାକୁ ସମର୍ଥନ କରେ । ଯେଉଁଠାରେ 'ବ୍ରହ୍ମ' ସୃଷ୍ଟିର କାରଣ ଓ ବିଳୟର କାରଣ ସେଠାରେ ଜୀବବିଜ୍ଞାନ, ତଥା କୋଷ ରସାୟନ ତତ୍ତ୍ୱ, କୋଷବିଜ୍ଞାନାଦି ଏହାର ସମର୍ଥନ କରନ୍ତି । ଏହାଠାରୁ ବଡ଼କଥା ହେଲା ଯଦି Theory of Evolution ଓ Theory of Genesis କୁ ସୂକ୍ଷ୍ମରୁ ସୂକ୍ଷ୍ମତର ସ୍ତରରେ ବିଶ୍ଳେଷଣ ଅନୁଶୀଳନ କରିବା, ତେବେ ଏହି 'ବ୍ରହ୍ମତତ୍ତ୍ୱ' କଥା ଆହୁରି ସ୍ୱଷ୍ଟ ବୁଝି ହେବ । ସର୍ବୋପରି ବ୍ରହ୍ମତତ୍ତ୍ୱର ଆହୁରି ଅନେକ ତଥ୍ୟ ଓ ତତ୍ତ୍ୱ ଖୋଲିବାକୁ ଓ ବୁଝିବାକୁ ବେଶ୍ ବାକି ଅଛି ।

'ବ୍ରହ୍ମ' ଶବ୍ଦର ଅର୍ଥ ବିବିଧ ବିଦ୍ୱାନଙ୍କ ମତରେ ଭିନ୍ନ ଭିନ୍ନ । 'ବୃହ୍' ଧାତୁରୁ ଏହା ନିଷ୍ପନ୍ନ ହୋଇଛି । ସୁତରାଂ ଏହାର ଅର୍ଥ 'ବୃଦ୍ଧିଲାଭ' କରିବା ବା 'ବଢ଼ିବା' ହେବା କଥା । ମାତ୍ର ଏହାର ରହସ୍ୟମୟତା, ବିଶାଳତା ଓ ବିଶ୍ୱମୟତାକୁ ଲକ୍ଷ୍ୟ କରି ଏହାକୁ ହୌଗ୍ଙ୍କ ପରି ଦାର୍ଶନିକ 'ପ୍ରାର୍ଥନା' ଅର୍ଥରେ ଗ୍ରହଣ କରିଛନ୍ତି । ମାତ୍ର ଏହା ଯଥାର୍ଥ ମନେହୁଏ ନାହିଁ । ବ୍ରହ୍ମ ପ୍ରାର୍ଥନାର ଯୋଗ୍ୟ, ଯୋଗାନ୍ୱୟୀ ବିଶାଳ ବୃଦ୍ଧିଶୀଳ ତତ୍ତ୍ୱ ବିଶେଷ ଅଟେ । ଏହାର ଅର୍ଥ 'ଉତ୍ପତ୍ତିକାରକ' ମଧ୍ୟ ଧରା ଯାଇପାରେ । ତେବେ ଏହି 'ବ୍ରହ୍ମ' ବା 'ବ୍ରହ୍ମତତ୍ତ୍ୱ'କୁ ବିଚାର କରିବାକୁ ହେଲେ ଦ୍ୱିବିଧ ପଥଚାରଣ କରିବାକୁ ପଡ଼େ । ଯଥା:- (କ) ବ୍ୟାବହାରିକ ଦୃଷ୍ଟିଗତ (Empirical Perspective) ପଥ, (ଖ) ପାରମାର୍ଥିକ ଦୃଷ୍ଟି ଓ ଦର୍ଶନଗତ (Transcendental Perspective) ପଥ ।

ବ୍ୟାବହାରିକ ଦୃଷ୍ଟିରୁ ଏ ଜଗତର ସ୍ଥିତି ସ୍ୱୀକାର୍ଯ୍ୟ । ଏଣୁ ସ୍ଥିତିକୁ ସ୍ୱୀକାର କରିବା ଦ୍ୱାରା ଏହାର ଉତ୍ପତ୍ତି ଓ ବିଲୟକୁ ମଧ୍ୟ ସ୍ୱୀକାର କରିବା ଅନିବାର୍ଯ୍ୟ । ଏ ସୂତ୍ରରେ 'ବ୍ରହ୍ମ'କୁ ଜଗତର ସୃଷ୍ଟି, ସ୍ଥିତି, ଲୟ ଆଦିର କାରଣ କୁହାଯାଇପାରେ । ମାତ୍ର ପାରମାର୍ଥିକ ଦୃଷ୍ଟିକୋଣରୁ ଜଗତାଦି ବସ୍ତୁର ସ୍ଥିତି ମାତ୍ର ନାହିଁ । ଏଣୁ ଯେଉଁଠି ସ୍ଥିତି ନାହିଁ, ସେଠାରେ ସୃଷ୍ଟି ଓ ଲୟାଦି କଥା ଆସିବ କିପରି ? ତେଣୁ ସେ ସ୍ଥଳରେ ବ୍ରହ୍ମକୁ ଏସବୁର କାରଣ ରୂପେ ଅଭିହିତ କରିବା ଠିକ୍ ହେବ ନାହିଁ । ଆଚାର୍ଯ୍ୟ ଶଙ୍କର ଏହି ବ୍ୟାବହାରିକ ଦୃଷ୍ଟିକୋଣରୁ ହିଁ ବ୍ରହ୍ମକୁ 'ସଗୁଣ' ବୋଲି କୁହାଯାଇପାରିବ ବୋଲି କହିଛନ୍ତି । ଏ ବ୍ରହ୍ମଙ୍କୁ ପୂଜା-ଉପାସନାଦି କରାଯାଇପାରେ ।[୧] ପାରମାର୍ଥିକ ଦୃଷ୍ଟିକୋଣରୁ ଜଗତର ସ୍ଥିତିକୁ ସ୍ୱୀକାର

କରାଯାଉନଥିବାରୁ 'ବ୍ରହ୍ମ'କୁ ନିରାକାର, ନିର୍ଗୁଣ, ନିରଙ୍କୁଶ, ନିଃସର୍ତ୍ତ ଓ ନିର୍ବିଶେଷ କୁହାଯିବା ଉଚିତ୍ । ମାତ୍ର ତା'ବୋଲି ବ୍ରହ୍ମକୁ ଶୂନ୍ୟ (ଅଭାବ/ ଅନିତ୍ୟ/ Null / Void) ବୁଝିବା ଭୁଲ୍ । ଏହା (ବ୍ରହ୍ମ) ନିର୍ଗୁଣ, ନିରାକାର ଓ ନିର୍ବିକାର ହୋଇପାରେ, ମାତ୍ର ନିର୍ବେଦ, ନିଷ୍ପ୍ରାଣ ନୁହେଁ । ବରଂ ବ୍ରହ୍ମ ହେଉଛି ନିର୍ବିକଳ୍ପ ତଥା ପ୍ରାର୍ଥନୀୟ । 'ଜଗତ୍ ସ୍ରଷ୍ଟୃତ୍ୱ' ବ୍ରହ୍ମର ସ୍ୱରୂପ ଲକ୍ଷଣ (Essence) ନୁହେଁ । ଜଗତ ବିନା ବ୍ରହ୍ମର ସ୍ଥିତି ଅଛି ଓ ଥିଲା । ଜଗତ ବ୍ରହ୍ମର ଏକ ତଟସ୍ଥ ଲକ୍ଷଣ (Accidental quality ବା Accidental function) ଅଟେ ।[୨] ଏଣୁ ପାରମାର୍ଥିକ ଦୃଷ୍ଟିରୁ ବ୍ରହ୍ମ ସତ୍ୟ, ଜ୍ଞାନ ଓ ଅନନ୍ତ ଅଟେ । ବସ୍ତୁତଃ ଏହା ହିଁ ବ୍ରହ୍ମର ସ୍ୱରୂପ ଲକ୍ଷଣ । ଆଚାର୍ଯ୍ୟ ଶଙ୍କର ବ୍ରହ୍ମକୁ ବୌଦ୍ଧ ଶୂନ୍ୟବାଦ ଠାରୁ ପୃଥକ ବିବେଚନା କରି 'ନିର୍ଗୁଣ ବ୍ରହ୍ମବାଦ' ଓ 'ବୌଦ୍ଧ ଶୂନ୍ୟବାଦ' ମଧ୍ୟରେ ପାର୍ଥକ୍ୟ ଦର୍ଶାଇଛନ୍ତି । ମୋଟାମୋଟି ଭାବରେ ପାରମାର୍ଥିକ ଦୃଷ୍ଟିକୋଣରୁ ହିଁ ଆଚାର୍ଯ୍ୟ ଶଙ୍କର ବ୍ରହ୍ମକୁ ଶାଶ୍ୱତ-ନିତ୍ୟ ବିବେଚନା କରି ଜଗତକୁ ମିଥ୍ୟା କହିଛନ୍ତି ବୋଲି ବୁଝିବାକୁ ହେବ ।

ବ୍ରହ୍ମର ଅସ୍ମିତା ସର୍ବଦା ସ୍ୱୀକାର୍ଯ୍ୟ । ବ୍ରହ୍ମ ନିତ୍ୟ, ଶୁଦ୍ଧ, ବୁଦ୍ଧ, ମୁକ୍ତ ସ୍ୱଭାବ, ସର୍ବଜ୍ଞ ଓ ସର୍ବଶକ୍ତିମାନ ଅଟେ ।[୩] ପୁଣି 'ବ୍ରହ୍ମସୂତ୍ରଭାଷ୍ୟ'ରେ ଆଚାର୍ଯ୍ୟ ଶଙ୍କର କହନ୍ତି ଆତ୍ମା ସମସ୍ତଙ୍କ ଠାରେ ହିଁ ଅଛି । ଅତଏବ ଆତ୍ମାର ଅସ୍ତିତ୍ୱ ଦ୍ୱାରା ସମସ୍ତେ ବ୍ରହ୍ମକୁ ଉପଲବ୍ଧି କରିପାରିବେ ।[୪] ଗୀତାରେ ମଧ୍ୟ ଅନୁରୂପ କଥା ବ୍ରହ୍ମର ଅସ୍ତିତ୍ୱ ବାବଦରେ କୁହାଯାଇଛି । ଗୀତା ଭାଷ୍ୟରେ ଆଚାର୍ଯ୍ୟ ଶଙ୍କର କହନ୍ତି- "ଯେଉଁ ବିଷୟକ ବୁଦ୍ଧିର ବାଧକ ନଥାଏ ତାହା ସତ୍ ଅଟେ ଓ ଯାହାର ବାଧକ ଥାଏ ତାହା ଅସତ୍ ଅଟେ ।"[୫] ଏଠାରେ ସେ ସ୍ପଷ୍ଟ କରିଛନ୍ତି ଯେ, ମୃତ୍ତିକାକୁ ଛାଡ଼ି ଘଟ ନରହି ପାରିବା ଓ ଘଟର ଅନ୍ୟାନ୍ୟ ବାଧକ ବା ବ୍ୟଭିଚାର ଥିବାହେତୁ ଏହା ଅସତ୍ । ପୁଣି ଜନ୍ମ ପୂର୍ବରୁ ଓ ମୃତ୍ୟୁପରେ ଘଟର ଉପଲବ୍ଧି ହୋଇପାରୁ ନାହିଁ- ଏଣୁ ଏହା ଅନିତ୍ୟ, ଅସତ୍ । ମାତ୍ର ପଟ ଆଦିରେ ଏହି ବାଧକ ନାହିଁ । ଏଣୁ ଶରୀରାଦି ଅସତ୍ ଓ ଆତ୍ମା ବା ବ୍ରହ୍ମ ଅବ୍ୟଭିଚରିତ; ସୁତରାଂ ସତ୍ ଅଟେ । ମାଣ୍ଡୂକ୍ୟ ଉପନିଷଦ ତଥା ଆଚାର୍ଯ୍ୟ ଶଙ୍କରଙ୍କ ବ୍ୟାଖ୍ୟାନୁସାରେ ଆମର ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି ଓ ତୁରୀୟ ଅବସ୍ଥାରେ ଅବାଧିତ ଭାବରେ ଯେଉଁ ସତ୍-ଚିତ୍-ଆନନ୍ଦର ବିଶୁଦ୍ଧ ଚୈତନ୍ୟ ବିଦ୍ୟମାନ ତାହା ହିଁ ଆତ୍ମା/ ବ୍ରହ୍ମ । ପୁଣି ଏହା ସ୍ପଷ୍ଟ କରିଦେବା ଉଚିତ୍ ଯେ, 'ସତ୍ୟ', 'ଜ୍ଞାନ' ଓ 'ଅନନ୍ତ' ଶବ୍ଦତ୍ରୟୀ ବ୍ରହ୍ମବାଚକ ନୁହେଁ, ଏମାନଙ୍କ ଦ୍ୱାରା ବ୍ରହ୍ମଲକ୍ଷିତ ମାତ୍ର ହୋଇଥାଏ ।[୬]

ଓଁକାର ମଧ୍ୟରେ ଥିବା ଅ-ଉ-ମ ମାତ୍ର ତ୍ରିତୟ ହେଉଛନ୍ତି ଯଥାକ୍ରମେ ଜାଗ୍ରତ, ସ୍ୱପ୍ନ ଓ ସୁଷୁପ୍ତି ଅବସ୍ଥାତ୍ରୟ ।[୭] ଏହି ତିନି ଅବସ୍ଥାର ସାକ୍ଷୀ ହେଉଛି ଅମାତ୍ର ତୁରୀୟାବସ୍ଥା । ଏହା ଅମାତ୍ର, ନିର୍ଗୁଣ ଓ ନିର୍ମଳ ଚିଦାତ୍ମା । ଏହି ବ୍ରହ୍ମ ଭୋଜ୍ୟ ଓ ଭୋଜକ । ଏହା ମୁକ୍ତି ଓ ଭୁକ୍ତିର କାରଣ । ଜାଗ୍ରତ ଅବସ୍ଥାରେ ଦେହ ବା ଇନ୍ଦ୍ରିୟ ଜାଗ୍ରତ ଥିବା ସଂଗେ ସଂଗେ ଆତ୍ମା ମଧ୍ୟ ବହିର୍ଜଗତ ପ୍ରତି ସଚେତନ ଥାଏ । ଆତ୍ମା ଏଠାରେ ସ୍ଥୁଳଭୁକ୍ । ସ୍ଥୁଳ ଅର୍ଥ ଶବ୍ଦ, ସ୍ପର୍ଶ, ରୂପ-ରସ-ଗନ୍ଧ ପ୍ରଭୃତି । ଜାଗ୍ରତ ଅବସ୍ଥାର ଅଙ୍ଗ ସାତ । ମୂର୍ଦ୍ଧା, ଚକ୍ଷୁ, ପ୍ରାଣ, ଦେହ, ବସ୍ତି, ପାଦ ଓ ମୁଖ । ମୁଖ ଊଣେଇଶ । ଦଶେନ୍ଦ୍ରିୟ + ପଞ୍ଚପ୍ରାଣ + ମନ + ବୁଦ୍ଧି + ଚିତ୍ତ + ଅହଂକାର । ଏହି ଊଣେଇଶ ମୁଖ ଦ୍ୱାରା ଆତ୍ମା ଜଗତକୁ ଭୋଗକରେ । ଜାଗ୍ରତ୍ ଅବସ୍ଥାରେ ତିନୋଟିଯାକ ଶରୀର ଅର୍ଥାତ୍ 'ସ୍ଥୁଳ', 'ସୂକ୍ଷ୍ମ' ଏବଂ 'କାରଣ' ଶରୀର କ୍ରିୟାଶୀଳ ଥାଆନ୍ତି । ଆତ୍ମାର ଏହାକୁ ପ୍ରଥମ ପାଦ ବୋଲି ମାଣ୍ଡୂକ୍ୟ ଉପନିଷଦର ୩ୟ ମନ୍ତ୍ର କହିଥାଏ । ସେହିପରି ସ୍ୱପ୍ନ ଅବସ୍ଥାରେ ଆତ୍ମା ଅନ୍ତଃପ୍ରଜ୍ଞ ଥାଏ । ଏଥିରେ ମନ ଜାଗ୍ରତ, ଇନ୍ଦ୍ରିୟ ସୁପ୍ତ । ଏଠାରେ ମଧ୍ୟ ସପ୍ତାଙ୍ଗ, ଊନବିଂଶମୁଖ କାର୍ଯ୍ୟକରେ । ଏଠାରେ ଆତ୍ମା ପ୍ରବିବିକ୍ତଭୁକ୍ । ଅର୍ଥାତ୍ ଆତ୍ମା ଏ ଅବସ୍ଥାରେ ଏକାଧାରରେ ପବିତ୍ର, ବିବେକଶୀଳ, ଅନ୍ତର୍ମୁଖୀ, ସଂସ୍କାରମୁଖୀ ଓ ଏକାନ୍ତ ଅଟେ । ସ୍ୱପ୍ନାବସ୍ଥା ଆତ୍ମାର ଦ୍ୱିତୀୟ ପାଦ ଓ ଏହି ଅବସ୍ଥାରେ ଆତ୍ମାର ନାମ ହୁଏ ତୈଜସ । ତୃତୀୟ ଅବସ୍ଥା ହେଉଛି ସୁଷୁପ୍ତି (Dreamless sleep) । ଏଠାରେ ଶରୀର ଅଚେତନ, ଅମନ ହେଲେ ମଧ୍ୟ ଆତ୍ମା ଜାଗ୍ରତ । ଆତ୍ମା ଏ କାଳରେ ଆନନ୍ଦଭୋଜୀ, ଜ୍ଞାନସ୍ୱରୂପ ଓ ସ୍ୱଭୋଜୀ । ଆନନ୍ଦକୁ ଖାଇବା ଲାଗି ଆତ୍ମା 'ଚେତନା' ବା 'ଜ୍ଞାନ' ରୂପୀ ମୁଖ ବ୍ୟବହାର କରିଥାଏ । 'ଆତ୍ମା' ଏ ଅବସ୍ଥାରେ ଅଧିକ ସମୟ ରହିପାରେ ନାହିଁ । ସୁଷୁପ୍ତି ଅବସ୍ଥାର ଅନ୍ୟତମ ବିଶେଷତ୍ୱ ହେଲା ଏ କାଳରେ କେବଳ କାରଣ ଶରୀର ହିଁ ଜୀବିତ ଥାଏ । ଏହାରି ମାଧ୍ୟମରେ ସୂକ୍ଷ୍ମାତିସୂକ୍ଷ୍ମ କାରଣ ଜଗତକୁ ଜାଣିହୁଏ ।

ତେବେ ଏସବୁର ଉର୍ଦ୍ଧ୍ୱରେ ଆତ୍ମାର ଉପାଧିଶୂନ୍ୟ, ଆବରଣହୀନ ଅନ୍ୟ ଏକ ଅବସ୍ଥା ରହିଛି । ତୁରୀୟ ଅବସ୍ଥା । ମାଣ୍ଡୂକ୍ୟ ଉପନିଷଦର ୭ମ ମନ୍ତ୍ରରେ ଆତ୍ମାର ଚତୁର୍ଥ ତଥା ସର୍ବୋତ୍ତମ ଏହି ପାଦ ବା ଅବସ୍ଥା କଥା ବର୍ଣ୍ଣନା କରାଯାଇଛି । ଆତ୍ମାକୁ ବିଶେଷିତ କରିବାକୁ ଯାଇ ମାଣ୍ଡୂକ୍ୟ ଉପନିଷଦରେ କେତେକ ବିଶେଷଣରେ ଭୂଷିତ କରାଯାଇଛି । ଯଥା- ନାନ୍ତଃପ୍ରଜ୍ଞଂ, ନ ବହିଃପ୍ରଜ୍ଞଂ, ନୋଭୟତଃ ପ୍ରଜ୍ଞଂ, ନ ପ୍ରଜ୍ଞାନଘନଂ, ନ ପ୍ରଜ୍ଞଂ, ନାପ୍ରଜ୍ଞଂ, ଅଦୃଷ୍ଟଂ, ଆଗ୍ରାହ୍ୟଂ, ଅଲକ୍ଷଣଂ, ଅବ୍ୟପଦେଶ୍ୟଂ, ଅବ୍ୟବହାର୍ଯ୍ୟଂ, ଅଚିନ୍ତ୍ୟଂ, ପ୍ରପଞ୍ଚୋପଶମଂ, ଅଦ୍ୱୈତଂ ପ୍ରଭୃତି ଅଭାବବାଚି/ ନେତି ବାଚକ ବିଶେଷଣ ଓ ଶାନ୍ତ, ଶିବ ଓ ଏକାତ୍ମ ପ୍ରଭୃତି ଆସ୍ତିବାଚକ ବିଶେଷଣ ।[୮] ଏହି ଆତ୍ମା ଜଗତ୍‌ର ପ୍ରସବ କ୍ଷେତ୍ର । ଏହା ସୃଷ୍ଟି, ସ୍ଥିତି ଓ ବିଲୟର ପରମ କାରଣ । ସେହି ଆତ୍ମା ହିଁ ବିଶେଷଜ୍ଞାନର ଯୋଗ୍ୟ ।[୯] ତୁରୀୟ ଆତ୍ମା ହେଉଛି ଅନୁପହିତ ଚୈତନ୍ୟ ।[୧୦] ତୁରୀୟ ଆତ୍ମାର ତ୍ୱରଣ, ତରଣ, ପ୍ଲବନାଦି ସହ ସଂପୃକ୍ତି ରହିଛି । ଏହି ଆତ୍ମା ହିଁ ସମସ୍ତଙ୍କର ପ୍ରେମାସ୍ପଦ । ଏକଥା ଖାଲି 'ବୃହଦାରଣ୍ୟକ ଉପନିଷଦ୍'ରେ ନୁହେଁ, ଅଧିକନ୍ତୁ ଯାଜ୍ଞବଲ୍କ୍ୟ ମଧ୍ୟ ଏହି କଥାକୁ ସରଳ କରି କହିଛନ୍ତି । ଏହା ହିଁ ବ୍ରହ୍ମ । ଏହା ତୁରୀୟ ହୋଇଥିବାରୁ ଅକ୍ଷର ନୁହେଁ, ବରଂ ଅଧକ୍ଷର । ଏହା ଅମାତ୍ର, ଅପରିମିତ, ଆବରଣରହିତ । ଗୌଡ଼ପାଦ 'ଆଗମ ପ୍ରକରଣ'ରେ ମଧ୍ୟ ଦେଖାଇ ଦେଇଛନ୍ତି ଯେ, ବ୍ରହ୍ମ ଏହି ତୁରୀୟବସ୍ଥାରେ ପ୍ରପଞ୍ଚାବସ୍ଥାର ସାକ୍ଷୀ ମାତ୍ର ଥାଏ । ଯେଉଁ ସମୟରେ ଜୀବ ଜାଗ୍ରତ୍, ସୁଷୁପ୍ତି ଓ ସ୍ୱପ୍ନାବସ୍ଥାରୁ ଉର୍ଦ୍ଧ୍ୱକୁ ଯାଏ, ଜାଗ୍ରତ୍ ହୁଏ, ସେତେବେଳେ ତାକୁ ଜନ୍ମ-ସ୍ୱପ୍ନ-ନିଦ୍ରା-ରହିତ ଅଦ୍ୱୈତ ତତ୍ତ୍ୱର ଜ୍ଞାନ ହୋଇଥାଏ ।[୧୧] ଜୀବ ଓ ବ୍ରହ୍ମ ମଧ୍ୟରେ ପାର୍ଥକ୍ୟ ନାହିଁ ସତ, କିନ୍ତୁ ବ୍ରହ୍ମର ସଗୁଣ ରୂପ ହେଉଛି ପ୍ରଥମ ତିନିଗୋଟି ଅବସ୍ଥା ଓ ତୁରୀୟ ଅବସ୍ଥାଟି ହେଉଛି ମାୟାରହିତ ନିର୍ଗୁଣ ରୂପ । 'ପାରମାର୍ଥିକ ଦୃଷ୍ଟିରୁ ଜୀବ ଓ ବ୍ରହ୍ମ ମଧ୍ୟରେ ଭେଦ ନାହିଁ । ନିର୍ଗୁଣ ଓ ସଗୁଣ, ନିର୍ବିଶେଷ ଓ ସବିଶେଷ, ପର ଓ ଅପର ବ୍ରହ୍ମ ଅର୍ଥାତ୍ ମାୟାତୀତ ଈଶ୍ୱରଙ୍କ ମଧ୍ୟରେ ପ୍ରଭେଦ ନାହିଁ । କାରଣ ଅଦ୍ୱୈତରେ ଭେଦର ପ୍ରଶ୍ନ ହିଁ ଉଠୁନାହିଁ ।"[୧୨] ମଣିଷ ଅବିଦ୍ୟାଗ୍ରସ୍ତ ହୋଇ ପ୍ରପଞ୍ଚରେ ବୁଡ଼ିରହିଲେ ସ୍ୱରୂପ ଜାଣିପାରେ ନାହିଁ । ଅବିଦ୍ୟା ନଷ୍ଟହେଲେ ଅବିଦ୍ୟାର କାର୍ଯ୍ୟ ସ୍ୱରୂପ ଜୀବର ଅହଂ-ତ୍ୱ ଓ ମମ-ତ୍ୱ ମଧ୍ୟ ନଷ୍ଟ ହୋଇଥାଏ । ଏହା ସଂଗେ ସଂଗେ ବ୍ରହ୍ମ ଓ ଜୀବ ଏକ ହୋଇଯାଆନ୍ତି । ଏଣୁ ଆତ୍ମା ଓ ବ୍ରହ୍ମ ଅଭିନ୍ନ ହେଲା ସ୍ଥଳେ ଜୀବ ଏହିପରି ଭାବରେ ପରମ ସହ ମିଶିଯାଏ ।

ଉପନିଷଦ୍‌ରେ ଆତ୍ମାତତ୍ତ୍ୱ, ସୃଷ୍ଟିତତ୍ତ୍ୱ, ଜୀବାତ୍ମା ସ୍ୱରୂପ ତତ୍ତ୍ୱ, ପରଲୋକତତ୍ତ୍ୱ, କର୍ମ, ଦେହାନ୍ତରବାଦ, ମୋକ୍ଷତତ୍ତ୍ୱ ପ୍ରଭୃତି ଅନୁଶୀଳନ, ଅନୁଧ୍ୟାନ କଲାପରେ ବ୍ରହ୍ମର ସ୍ୱରୂପ ସଠିକ୍ ରୂପେ ଜାଣିହୁଏ । ମୋଟାମୋଟି ଭାବରେ ଏହା ସ୍ୱୀକାର କରାଯାଇପାରେ ଯେ, ବ୍ରହ୍ମ ହିଁ ଜଗତ୍‌ର ନିମିତ୍ତ ଓ ଉପାଦାନ ଉଭୟର କାରଣ ଅଟେ ।[୧୩] ତେବେ ଜୀବାତ୍ମା ଓ ପରମାତ୍ମାକୁ ନେଇ ଯେଉଁ ଧାରାବାହିକ ଦ୍ୱନ୍ଦ୍ୱ ଉଠିଛି ସେସବୁର ସମାଧାନ ବେଦ, ବେଦାନ୍ତରେ ରହିଛି । ଛାନ୍ଦୋଗ୍ୟ ଉପନିଷଦ୍‌ରେ 'ଜୀବାତ୍ମା' ଶବ୍ଦର ସର୍ବପ୍ରଥମ ପ୍ରୟୋଗ ଦେଖିବାକୁ ମିଳେ ।[୧୪] କଠୋପନିଷଦରେ ଦୁଇଟି ଆତ୍ମା କଥା ସ୍ପଷ୍ଟ କୁହାଯାଇଛି । ଗୋଟିଏ ଜୀବ ଓ ଅନ୍ୟଟି ପରମ । ଗୋଟିଏ ପ୍ରାପ୍ତିକାରୀ । ଅନ୍ୟଟି ପ୍ରାପ୍ୟ ।[୧୫] ମୁଖ୍ୟତଃ ୧୩ଗୋଟି ଉପନିଷଦ ରହିଛି । ଯଥା- ବୃହଦାରଣ୍ୟକ, ଛାନ୍ଦୋଗ୍ୟ, କେନ, କଠ, ଈଶ, ତୈତ୍ତିରୀୟ, ମୁଣ୍ଡକ, ମାଣ୍ଡୂକ୍ୟ, ପ୍ରଶ୍ନ, କୌଷୀତକି, ମୈତ୍ରୀ ଏବଂ ଶ୍ୱେତାଶ୍ୱେତର । କୌଷୀତକି ଉପନିଷଦରେ ପ୍ରତର୍ଦନ-ଇନ୍ଦ୍ର-ସମ୍ବାଦ ମଧ୍ୟରେ ପ୍ରାଣ ଓ ବ୍ରହ୍ମ ସଂପର୍କରେ ଇନ୍ଦ୍ର ପ୍ରତର୍ଦନଙ୍କୁ ଉପଦେଶ ଦେଇଛନ୍ତି । ଚତୁର୍ଥ ଅଧ୍ୟାୟରେ ଗାର୍ଗ୍ୟବାଲାକି ଉଶୀନରରେ ଅଜାତଶତ୍ରୁଙ୍କୁ ବ୍ରହ୍ମବିଦ୍ୟା ଶିଖାଇବାର ପ୍ରୟାସ କରି ବିଫଳ ହୋଇଛନ୍ତି । ପ୍ରାଣ ଓ ପ୍ରଜ୍ଞାତ୍ମା ଏହି ଉପନିଷଦର ସ୍ୱତନ୍ତ୍ର ଦାର୍ଶନିକ ସିଦ୍ଧାନ୍ତ । ମୈତ୍ରୀ ଉପନିଷଦରେ ଦ୍ୱିବିଧ ଆତ୍ମା କଥା କୁହାଯାଇଛି । ଗୋଟିଏ ଜୀବାତ୍ମା ଓ ଅନ୍ୟଟି ପରମାତ୍ମା । ସେହିପରି ଶ୍ୱେତାଶ୍ୱେତର ଉପନିଷଦରେ ତ୍ରୈତବାଦ ଓ ଯୋଗସିଦ୍ଧାନ୍ତ ପ୍ରତିପାଦନ କରାଯିବା ସହିତ ଶେଷ ଅଧ୍ୟାୟରେ ସଗୁଣ ଈଶ୍ୱର/ ବ୍ରହ୍ମର ନିରୂପଣ କରାଯାଇଛି । ପ୍ରକୃତି-ପୁରୁଷ ଓ ଈଶ୍ୱରବାଦ ହିଁ ଶ୍ୱେତାଶ୍ୱେତର ଉପନିଷଦର ତ୍ରିବିଧ ତତ୍ତ୍ୱ । ଏଠାରେ ଶୈବ ମତ ମଧ୍ୟ ବ୍ରହ୍ମ ସହ ସଂଯୋଜିତ । ବୃହଦାରଣ୍ୟକ ଉପନିଷଦ୍ ଆକାରରେ ସବୁଠାରୁ ବଡ଼ । ଏହା ଶୁକ୍ଳ-ଯଜୁର୍ବେଦ ଶତପଥ ବ୍ରାହ୍ମଣର ଅନ୍ତିମ ଭାଗ ତଥା ଆରଣ୍ୟକ ଅଟେ । ଏଥିରେ ଉପନିଷଦ ଯୁଗର ସର୍ବଶ୍ରେଷ୍ଠ ଦାର୍ଶନିକ ଯାଜ୍ଞବଲ୍କ୍ୟଙ୍କୁ ଦେଖାଯାଏ । ବ୍ରହ୍ମକୁ ବା ପରମତତ୍ତ୍ୱକୁ

ନିଷେଧାତ୍ମକ ବର୍ଣ୍ଣନା କରିଛି ଏହି ଉପନିଷଦ । ବ୍ରହ୍ମର ସୂକ୍ଷ୍ମତମ ରୂପ ବର୍ଣ୍ଣନାରେ ଏହି ଉପନିଷଦ ପ୍ରଖ୍ୟାତ । ଋଗ୍‌ବେଦର ନାସଦୀୟ ସୂକ୍ତ ପରି ଏହି ଉପନିଷଦର ଅଭିବ୍ୟକ୍ତି ।[୧୬] ଏହାର ୨ୟ, ୩ୟ ଓ ୪ର୍ଥ ଅଧ୍ୟାୟରେ ଦାର୍ଶନିକ ମୀମାଂସା ଶିଖର ପହଞ୍ଚିପାରିଛି । ତୃତୀୟ ଓ ଚତୁର୍ଥ ଅଧ୍ୟାୟକୁ ଯାଜ୍ଞବଲ୍‌କ୍ୟକାଣ୍ଡ ମଧ୍ୟ କୁହାଯାଏ । ବୃହଦାରଣ୍ୟକ ହିଁ କହିଥାଏ ଯେ- ମୁଁ ହିଁ ବ୍ରହ୍ମ ଅଟେ ।[୧୭] ଏକାଧାରରେ ଏଥିରେ Speculative Logic ଓ Analytical Philosophical Method ଦେଖିବାକୁ ମିଳେ, ଯଦ୍ଦ୍ୱାରା ବ୍ରହ୍ମର ଅସ୍ମିତାକୁ ସ୍ୱୀକାର କରାଯାଇଛି ଓ ବିଶେଷିତ କରାଯାଇଛି । ସେହିପରି ଛାନ୍ଦୋଗ୍ୟ ଉପନିଷଦ୍‌ର ୬ଷ୍ଠ, ୭ମ ଓ ୮ମ ଅଧ୍ୟାୟର ବର୍ଣ୍ଣନା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହେଲେ ହେଁ ଅନ୍ୟାନ୍ୟ ସମସ୍ତ ଅଧ୍ୟାୟ ଗୁଡ଼ିକ ଗୁରୁତ୍ୱମୟ । ଏହା ସାମବେଦୀ । ଏଠାରେ ଓଁକାରର ବର୍ଣ୍ଣନା ରହିଛି । ବ୍ରହ୍ମଜ୍ଞାନର ପ୍ରକୃତ ସ୍ୱରୂପ ଏଠାରେ ସୁଲଭ ଓ ବର୍ତ୍ତମାନ ଆରୁଣିଙ୍କ 'ବାଚାରମ୍ଭଣ' ଦର୍ଶନ ଓ 'ତତ୍ତ୍ୱମସି' ମହାବାକ୍ୟ ଲାଗି ଏ ଉପନିଷଦ ଚିରପ୍ରସିଦ୍ଧ । ଅଦ୍ୱୈତତତ୍ତ୍ୱର ଏହା ମଧ୍ୟ ପ୍ରଖ୍ୟାପକ । ଏହି 'ବାଚାରମ୍ଭଣ' ହିଁ ପରବର୍ତ୍ତୀ କାଳରେ ଶଙ୍କରଙ୍କ 'ବିବର୍ତ୍ତବାଦ', 'ମାୟାବାଦ' ଓ ଗୌଡ଼ପାଦଙ୍କ 'ଅଜାତିବାଦ' ପ୍ରଭୃତି ପାଇଁ ପଥ ପରିଷ୍କାର କରିଥିଲା । 'ସର୍ବଂଖଲ୍ୱିଦଂ ବ୍ରହ୍ମ' ଉକ୍ତିଟି ମଧ୍ୟ ଏହାର ପ୍ରସିଦ୍ଧି ପାଇଁ ଦାୟୀ । ଛାନ୍ଦୋଗ୍ୟରେ ହିଁ ସର୍ବପ୍ରଥମ ପୁନର୍ଜନ୍ମବାଦ ଦେଖିବାକୁ ମିଳେ । ଏଥିରେ ଆତ୍ମବିଦ୍ୟାକୁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚେଚନା କରାଯାଇଛି । ରୈକ୍ୱଦର୍ଶନ, ସତ୍ୟକାମ ଜାବାଳ କଥା ଏବଂ ଉପକୋସଳଙ୍କ କଥା ଏଥିରେ ଦେଖିବାକୁ ମିଳେ । ଜୈବିଳିଙ୍କ ପରଲୋକ ବିଷୟକ ସିଦ୍ଧାନ୍ତ, ଅଶ୍ୱପତି କୈକେୟଙ୍କର ସମନ୍ୱୟ ସିଦ୍ଧାନ୍ତ, ସପ୍ତମ ଅଧ୍ୟାୟସ୍ଥ ନାରଦ ଓ ସନତ୍ କୁମାରଙ୍କ ବ୍ରହ୍ମଜ୍ଞାନ ଓ ଆତ୍ମାନୁଭୂତି ପ୍ରସଂଗ ଏହି ଉପନିଷଦକୁ ଉନ୍ନତ କରି ଗଢ଼ି ତୋଳିଛି । ମୁଣ୍ଡକ ଉପନିଷଦରେ ସେହିପରି ଯାଜ୍ଞିକ କର୍ମକାଣ୍ଡର ବିରୋଧ କରାଯାଇଛି ଓ ପରା, ଅପରାବିଦ୍ୟାର ବର୍ଣ୍ଣନା ପୂର୍ବକ ବ୍ରହ୍ମର ସ୍ୱରୂପ ନିରୂପଣ ଓ ବିଶ୍ୱସହ ବ୍ରହ୍ମର ସଂପର୍କ ନିର୍ଦ୍ଧାରଣ ଏଠାରେ ହୋଇଛି । ପ୍ରକାରାନ୍ତରେ ଏଠାରେ ବ୍ରହ୍ମର ବ୍ୟାପ୍ତି କଥା ହିଁ ବର୍ଣ୍ଣିତ । ସେହିପରି ଈଶାବାସ୍ୟୋପନିଷଦ୍‌ରେ ଜ୍ଞାନ, କର୍ମ ସମୁଚ୍ଚୟବାଦ କଥା କୁହାଯାଇଛି । ଏହା ଯଜୁର୍ବେଦ ସଂହିତାର ଅନ୍ତିମ ଅଧ୍ୟାୟ ଅଟେ । ଏହାର ପ୍ରଥମ ମନ୍ତ୍ର 'ଈଶାବାସ୍ୟ'ରୁ ଆରମ୍ଭ ହୋଇଥିବାରୁ ଏହାର ନାମ ଏହିପରି । ମହତ୍ ସାମାଜିକ ଆଦର୍ଶ ଓ ସନାତନ ଆଧ୍ୟାତ୍ମିକ ଆଦର୍ଶର ଭିତ୍ତିଭୂମି ଉପରେ ଏହା ଗଢ଼ିଉଠିଛି ।[୧୮] କେନଉପନିଷଦ୍ ମଧ୍ୟ ଏହି ଜାତୀୟ । ଏହା ପଦ୍ୟ ଓ ଗଦ୍ୟରେ ରଚିତ । ଏଥିରେ ଆତ୍ମାକୁ ଚରମ ସତ୍ୟ ବୋଲି ପ୍ରତିପାଦିତ କରାଯାଇଛି । ଏହା ରହସ୍ୟବାଦୀ । ବ୍ରହ୍ମକୁ ଯିଏ ଜାଣିଛି ସେ ଜାଣିନି, ଯେ ଜାଣିନି ସେ ଜାଣିଛି ବୋଲି କହି ଏହା ଶେଷ ହୋଇଛି । ବ୍ରହ୍ମ ଅତୀନ୍ଦ୍ରିୟ । ଏହା (ପରମତତ୍ତ୍ୱ) ଉପାସ୍ୟ ନୁହେଁ- ଏହା ଏହି ଉପନିଷଦର ବକ୍ତବ୍ୟ । ଏହା ବାଗାତୀତ, ମନନାତୀତ । ସେହିପରି ଐତରେୟ ଉପନିଷଦ ଋକ୍‌ବେଦର ଐତରେୟ ଆରଣ୍ୟକ ଅଂଶ । ଏହାର ସ୍ରଷ୍ଟା ହେଉଛନ୍ତି ମହିଦାସ ଐତେରେୟ । ଏଥିରେ ସୃଷ୍ଟି ପ୍ରକ୍ରିୟା, ଆତ୍ମାର ସ୍ଥିତି, ମନୁଷ୍ୟ ଜନ୍ମର କ୍ରମ ନିରୂପଣ, ମାତୃଗର୍ଭସ୍ଥ ବର୍ଣ୍ଣନା ଓ ଶେଷ ପର୍ଯ୍ୟାୟରେ ଆତ୍ମାକୁ ପ୍ରଜ୍ଞାନ ରୂପେ ବର୍ଣ୍ଣନା କରାଯାଇଛି । ପ୍ରଜ୍ଞାନବାଦ ହିଁ ଏହାର ପ୍ରତିପାଦ୍ୟ । ପୁନର୍ଜନ୍ମବାଦର ସୂଚନା ମଧ୍ୟ ଏ ଉପନିଷଦ ଦେଇଥାଏ । ପ୍ରଶ୍ନୋପନିଷଦରେ ପିପ୍ପଳାଦଙ୍କୁ ଷଡ଼ଋଷି (ସୁକେଶା, ସତ୍ୟକାମ, ସୌର୍ଯ୍ୟାୟଣୀ, କୌଶଲ୍ୟ, ବୈଦର୍ଭୀ, କବଂଧୀ) ଅନେକ ପ୍ରଶ୍ନ ପଚାରି ବ୍ରହ୍ମତତ୍ତ୍ୱ ଜାଣିଛନ୍ତି । ସେହି ପ୍ରଶ୍ନ ଗୁଡ଼ିକ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ସେସବୁ ଥିଲା ଏହିପରି । (୧) ଏହି ସଂପୂର୍ଣ୍ଣ ଚରାଚର ଉତ୍ପତ୍ତି କାରଣ ଓ ପରମ କାରଣ କିଏ ? (୨) ପ୍ରାଣୀମାନଙ୍କ ଶରୀର ଧାରଣକାରୀ ଦେବତା କେତୋଟି ଅଛନ୍ତି, ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ କିଏ ? (୩) ପ୍ରାଣ କାହାଠାରୁ ଉତ୍ପନ୍ନ ହୁଏ ? ମନୁଷ୍ୟ ଶରୀରେ ଏହି ପ୍ରାଣ କିପରି ପ୍ରବେଶ କରେ ? ଏହା ନିଜକୁ କିପରି ବିଭକ୍ତ କରି ରହିଛି ? ଏହା ଶରୀରାନ୍ତର ହେଲାବେଳେ କିପରି ଯାଏ ? ବାହ୍ୟ ଜଗତକୁ ତାହା କିପରି ଧାରଣ କରେ ? ମନ, ଇନ୍ଦ୍ରିୟ ଓ ଆଧ୍ୟାତ୍ମିକ ଜଗତକୁ ଏହା କିପରି ଧାରଣ କରିଥାଏ ? (୪) ଗାଢ଼ ନିଦ୍ରାକାଳରେ କିଏ ଶୁଅନ୍ତି ? କେଉଁ ଦେବତା ସ୍ୱପ୍ନ ଦେଖନ୍ତି ? କିଏ ସ୍ୱପ୍ନ ଓ ନିଦ୍ରାବସ୍ଥାରେ ସୁଖୀ ପାଏ ? ଏସବୁ ଶରୀରସ୍ଥ ଦେବତା କାହାର ଆଶ୍ରିତ ? (୫) ଆଜୀବନ ଓଁକାର ଉପାସନା କଲେ ମନୁଷ୍ୟ କେଉଁ ଲୋକ ପାଏ ? (୬) ଷୋଳକଳାଯୁକ୍ତ ପୁରୁଷ କେଉଁଠି ଅଛି ଓ ତା'ର ସ୍ୱରୂପ କ'ଣ ?

ସେହିପରି ତୈତ୍ତିରୀୟ ଉପନିଷଦ୍‌ରେ ଜ୍ଞାତା, ଜ୍ଞାନ ଓ ଜ୍ଞେୟର ପରିଚୟ ମିଳିଥାଏ । ଏଥିରେ ଆତ୍ମାର କୋଷ ଗୁଡ଼ିକର ବର୍ଣ୍ଣନା ରହିବା ସହିତ ଆନନ୍ଦମୟ କୋଷର ବର୍ଣ୍ଣନା ରହିଛି । ଏହା ଖୁବ୍ ରହସ୍ୟାତ୍ମକ । କୃଷ୍ଣ ଯଜୁର୍ବେଦର ତୈତ୍ତିରୀୟ ଆରଣ୍ୟକର ୭ମ, ୮ମ, ୯ମ ପ୍ରପାଠକ ଭାବରେ ଏହା ଖ୍ୟାତ । ତ୍ରିଶଂକୁ ଋଷିଙ୍କ ରହସ୍ୟାତ୍ମକ ବର୍ଣ୍ଣନା ଏଠାରେ ରହିଛି । ଏଥିରେ ମୋଟାମୋଟି ଭାବରେ କୁହାଯାଇଛି ଯେ, ବ୍ରହ୍ମସତ୍ୟ, ଜ୍ଞାନ ଓ ଅନନ୍ତ । ବ୍ରହ୍ମ ହିଁ ଅନ୍ତରାନନ୍ଦ । ଏଥିରେ ବ୍ରହ୍ମକୁ ପ୍ରତିପାଦନ କରିବାକୁ ଯାଇ ଏକପ୍ରକାର 'ଅଜ୍ଞେୟବାଦ' ଜନ୍ମ ହିଁ ନେଇଛି । ବୋଧହୁଏ ଏହାହିଁ ତା'ର ପ୍ରତିପାଦ୍ୟ ।

'ବ୍ରହ୍ମ' ଶବ୍ଦ ବେଦାନ୍ତ ଦର୍ଶନରେ ପରମତତ୍ତ୍ୱର ଦ୍ୟୋତକ ଭାବରେ ବ୍ୟାଖ୍ୟା ହୋଇଛି । ଏହା ବିଶ୍ୱର ପରମକାରଣ (Absolute Cause) । ଉପନିଷଦ୍‌ରେ ଏହି ବ୍ରହ୍ମକୁ କେତେବେଳେ 'ପ୍ରଣବ', 'ପ୍ରଜ୍ଞାନ' କେତେବେଳେ 'ଓଁ' କେତେବେଳେ 'ସତ୍', କେତେବେଳେ 'ବିଜ୍ଞାନ' କେତେବେଳେ 'ଅକ୍ଷର'[୧୯] କେତେବେଳେ 'ଆତ୍ମା', 'ଜୀବନ' ପ୍ରଭୃତି ଭାବରେ ବର୍ଣ୍ଣନା କରାଯାଇଥିଲା ବେଳେ ଅନ୍ୟ କେତେକ ତାତ୍ତ୍ୱିକ ପୁରାଣ ଗ୍ରନ୍ଥରେ ବ୍ରହ୍ମକୁ ଶୂନ୍ୟ, ମହାଶୂନ୍ୟ, ରାଧା, ଶିବ (ଜ୍ୟୋତି), ଆନନ୍ଦ, ଅରୂପ, ଅମନ, ଓଁ (ଅ-ଉ-ମ), ଉଦ୍‌ଗୀଥ[୨୦] ଓ ନିରାକାର ରୂପେ ବର୍ଣ୍ଣନା କରାଯାଇଛି ।

ତେବେ ବେଦ, ବେଦାନ୍ତ, ବ୍ରାହ୍ମଣ, ପୁରାଣ, ଭାଗବତ, ଗୀତା ଆଦି ଗ୍ରନ୍ଥରୁ 'ବ୍ରହ୍ମ'ର ସ୍ୱରୂପ, ଲକ୍ଷଣ ଅବବୋଧ ବେଳେ ଦ୍ୱିବିଧ ଜ୍ଞାନ, ଦ୍ୱିବିଧ ପନ୍ଥା ଦେଖାଯାଏ । କିନ୍ତୁ ପରିଶେଷରେ ଏକମାତ୍ର ଲକ୍ଷ୍ୟ ସ୍ଥାନ ବା ବକ୍ତବ୍ୟ ନିର୍ଯ୍ୟାସରେ ଯାଇ ଉପଲବ୍ଧି କରିବାକୁ ହୁଏ । ବ୍ୟବହାରିକ ଦୃଷ୍ଟିକୋଣରୁ ବ୍ରହ୍ମ ସବିଶେଷ ବା ସଗୁଣ ରୂପରେ ପ୍ରତିପାଦିତ ହୋଇଛି । ସେଠାରେ ବ୍ରହ୍ମ ସର୍ବକର୍ମା, ସର୍ବକର୍ମ, ସର୍ବଗଂଧ, ସର୍ବରସ[୨୧] ପ୍ରଭୃତି ଭାବରେ ବର୍ଣ୍ଣିତ । ଏହି ସାକାର, ସଗୁଣ ଭାବରେ ତୈତ୍ତିରୀୟ ଉପନିଷଦରେ ସତ୍ୟ, ଜ୍ଞାନ ଓ ଅନନ୍ତ ସ୍ୱରୂପ କହି ବ୍ରହ୍ମର ଲକ୍ଷଣ ବୁଝାଯାଇଛି । ବ୍ରହ୍ମ ମଧ ଆନନ୍ଦର ସ୍ୱରୂପ/ କାରଣ । ଅନ୍ନ, ପ୍ରାଣ, ମନ, ବିଜ୍ଞାନ ଓ ଶେଷରେ ଆନନ୍ଦକୁ ବ୍ରହ୍ମ ବୋଲି ଭୃଗୁବାରୁଣୀ ତପସ୍ୟା କରି ଜାଣିଛନ୍ତି ତୈତ୍ତିରୀୟ ଉପନିଷଦ୍‌ରେ । "ମୁଣ୍ଡକୋପନିଷଦରେ ସର୍ବଭୂତାନ୍ତରାତ୍ମା ରୂପେ ଦିବ୍ୟ ଅମୂର୍ତ୍ତ ପୁରୁଷର କଳ୍ପନା ଦେଖିବାକୁ ମିଳେ । ଅଗ୍ନିତା'ର ମସ୍ତିଷ୍କ, ଚନ୍ଦ୍ର ତା'ର ଦୁଇ ଚକ୍ଷୁ, ଦିଗଗୁଡ଼ିକ ତା'ର କାନ, ବେଦ ତା'ର ବାକ୍, ବାୟୁ ତା'ର ପ୍ରାଣ, ବିଶ୍ୱ ତା'ର ହୃଦୟ ଏବଂ ପୃଥିବୀ ତା'ର ପାଦ ଅଟେ ।"[୨୨] ଏହିପରି ଭାବରେ ବ୍ରହ୍ମର ସାକାର ବର୍ଣ୍ଣନା ବେଦବେଦାନ୍ତରେ ଦେଖିବାକୁ ମିଳିଥାଏ ।

ତେବେ ବ୍ରହ୍ମର ସାକାର ବର୍ଣ୍ଣନା ଯେପରି ଦିଆଯାଇଛି, ବ୍ରହ୍ମର ନିରାକାର ବର୍ଣ୍ଣନା ମଧ ସେହିପରି ଦିଆଯାଇଛି । ଦେଖିବାକୁ ଗଲେ ବ୍ରହ୍ମର ଏହି ନିରାକାର, ନିର୍ଗୁଣ ବର୍ଣ୍ଣନା ହିଁ ଅଧିକ ଯୁକ୍ତିଯୁକ୍ତ ଓ ବୈଜ୍ଞାନିକ । ନିର୍ଗୁଣ ବ୍ରହ୍ମ ଯେଉଁଠାରେ ପ୍ରତିପାଦ୍ୟ ବିଷୟ ସେଠାରେ ଉପନିଷଦ୍ 'ନେତିନେତି' ନିଷେଧାତ୍ମକ ବର୍ଣ୍ଣନା ପ୍ରଦାନ କରିଛି । ଯାଜ୍ଞବଲ୍କ୍ୟ ଗାର୍ଗୀଙ୍କୁ 'ଅକ୍ଷର'ର ସ୍ୱରୂପ ବୁଝାଇବାକୁ ଯାଇ କହିଛନ୍ତି- "ଏହି ବ୍ରହ୍ମ ଅସ୍ଥୂଳ, ଅନଣୁ, ଅହ୍ରସ୍ୱ, ଅଦୀର୍ଘ, ଅଲୋହିତ, ଅସ୍ନେହ, ଅଛାୟ, ଅତମ, ଅବାୟୁ, ଅନାକାଶ, ଅସଂଗ, ଅରସ, ଅଗନ୍ଧ, ଅଚକ୍ଷୁଷ୍କ, ଅଶ୍ରୋତ୍ର, ଅବାକ୍, ଅମନ, ଅତେଜସ୍କ, ଅପ୍ରାଣ, ଅମୁଖ, ଅମାତ, ଅନନ୍ତର, ଅବାହ୍ୟ ଅଟେ । କେନୋପନିଷଦ୍‌ରେ କୁହାଯାଇଛି ଯେ, ଯାହା ବାଣୀ ଦ୍ୱାରା ପ୍ରକାଶ ହୋଇପାରେନା ତାହା ହିଁ 'ବ୍ରହ୍ମ' । ଯାହାକୁ ଲୋକେ ଉପାସନା କରନ୍ତି ବା ପ୍ରତିମା ହିଁ ବ୍ରହ୍ମ ନୁହେଁ । ଏହା ଉପାସନାର୍ଥ ଊର୍ଦ୍ଧ୍ୱରେ ।[୨୩] ଯାହାକୁ ମନ ଦ୍ୱାରା ମନନ କରାଯାଇ ପାରେନା ମାତ୍ର ଯାହାଦ୍ୱାରା ମନକୁ ମନନ କରାଯାଏ, ତାହାହିଁ ବ୍ରହ୍ମ ।[୨୪] ତେବେ ବ୍ରହ୍ମ ହେଉଛି ଶୂନ୍ୟ, କଳା, ଅକ୍ଷୟ, ଇଚ୍ଛାନୁସାରୀ, ଲୀଳାମୟ, ଲୀଳାହୀନ, ଅକ୍ଷୟ, ଅବ୍ୟୟ ଓ ସର୍ବଶକ୍ତିମାନ । ସେହି ବ୍ରହ୍ମ ପୁଣି କାନହୀନ, ଆଖିହୀନ, ନାକହୀନ, ପାଟିହୀନ ଅଥଚ ହାତ, ଗୋଡ଼ ଇନ୍ଦ୍ରିୟ ରହିତ ହୋଇ ସେ ସବୁ ଗ୍ରାସକରେ ଓ ସେହି ବ୍ରହ୍ମରୁ ହିଁ ଅଂଶ ବାହାରି ଲୀଳାହୁଏ । ଏଣୁ ସୃଷ୍ଟି ବା ଜଗତର ସୃଷ୍ଟିଠାରୁ ଆରମ୍ଭ କରି ସ୍ଥିତି ଯାଏଁ ଓ ସ୍ଥିତିରୁ ଲୟ ଯାଏଁ ବ୍ରହ୍ମ ଚୁପ୍‌ହୋଇ ସବୁ ଦେଖେ ଓ ଗ୍ରାସ କରେ । ସୃଷ୍ଟିତତ୍ତ୍ୱ ଅନୁସାରେ ବ୍ରହ୍ମକୁ ଜଗଜ୍ଜନ୍ମାଦି କାରଣ ବୋଲି କୁହାଯାଇଛି । (ତୈତ୍ତିରୀୟୋପନିଷଦ୍) ।[୨୫]

ଛାନ୍ଦୋଗ୍ୟ ଉପନିଷଦ୍‌ରେ 'ତଜ୍ଜଲାନ୍' କହି, ମହର୍ଷି ବାଦରାୟଣ ବ୍ରହ୍ମସୂତ୍ରର ବ୍ୟାଖ୍ୟା ଦେବାକୁ ଯାଇ 'ଜନ୍ମାଦ୍ୟସ୍ୟ

ଯତଃ' କହି 'ବ୍ରହ୍ମ' ସୃଷ୍ଟିର କାରଣ ବୋଲି କହିଛନ୍ତି । ତେବେ "ବ୍ରହ୍ମ ମଧ୍ୟ ଜଗତ ସୃଷ୍ଟି ଲାଗି କୌଣସି ବାହ୍ୟ ଉପାଦାନ ଲୋଡ଼େ ନାହିଁ, ଏହା ହିଁ ଏହି ଉପନିଷଦୀୟ ଉପମାର ତାତ୍ପର୍ଯ୍ୟ ।"[୨୬] ଆଚାର୍ଯ୍ୟ ଶଙ୍କର ମଧ୍ୟ ଅନୁରୂପ କଥା କହି ଜଗତ୍‌କୁ ବ୍ରହ୍ମର ଅଂଶ ବୋଲି ପ୍ରତିପାଦନ କରିଛନ୍ତି ।[୨୭] ଛାନ୍ଦୋଗ୍ୟ ଉପନିଷଦ୍‌ରେ ବର୍ଣ୍ଣିତ 'ସତ୍' ପ୍ରସଂଗ, ଅଗ୍ନିରୁ ଜଳ ଓ ତେଜ- ପ୍ରଭୃତି ଅଥବା ତୈତ୍ତିରୀୟ ଉପନିଷଦରେ ବର୍ଣ୍ଣିତ ଆକାଶରୁ ବାୟୁ, ବାୟୁରୁ ଅଗ୍ନି, ଅଗ୍ନିରୁ ଜଳ, ଜଳରୁ ପୃଥିବୀ, ତହିଁରୁ ଔଷଧ, ଅନ୍ନ ଓ ପୁରୁଷର ଉତ୍ପତ୍ତି ସିଦ୍ଧାନ୍ତ ବ୍ରହ୍ମବାଦୀ ଓ ବିବର୍ତ୍ତନ ସିଦ୍ଧାନ୍ତ (Theory of Evolution) ସାପେକ୍ଷ ।

ବ୍ରହ୍ମଜ୍ଞାନ ସଂପର୍କରେ କେବଳ ବେଦ ଉପନିଷଦ କାହିଁକି ଓଡ଼ିଆ ତତ୍ତ୍ୱ ସାହିତ୍ୟ ବା ପଞ୍ଚସଖା ସାହିତ୍ୟ ମଧ୍ୟ ନିଜସ୍ୱ ଅଭିବ୍ୟକ୍ତି ବାଢ଼ିଛି । ଅଚ୍ୟୁତାନନ୍ଦ ଦାସ ବ୍ରହ୍ମକୁ ସ୍ପଷ୍ଟ ରୂପେ ନିରୂପଣ କରିବାକୁ ଯାଇ କହନ୍ତି ବ୍ରହ୍ମ ଭୂମି, ତେଜ, ନାସା, ଶ୍ରବଣ, ଅନଳ, ପବନ, ପ୍ରାଣରୂପ, ପଞ୍ଚବାୟୁ, ସପ୍ତଧାତୁ, ପଞ୍ଚକୋଷ, ବାକ୍ୟ, ଲିଙ୍ଗ, ଗୁହ୍ୟପଦ, ପାପ, ପୂଣ୍ୟ, ସୁଖ, ଦୁଃଖ, ମନ୍ତ୍ର, ତୀର୍ଥ, ଦେବ, ଯଜ୍ଞ, ଭୋଜ୍ୟ, ଭୋକ୍ତା ପ୍ରଭୃତି ନୁହେଁ । କିନ୍ତୁ ଏ ବ୍ରହ୍ମ ସନାତନ ଅଟେ । ଏହା ଚିଦାନନ୍ଦ ରୂପୀ ଶିବ ଓ ସୁନ୍ଦର । ବ୍ରହ୍ମ ଆନନ୍ଦର ସ୍ୱରୂପ । ଏ ବ୍ରହ୍ମର ଜାତିଭେଦ, ଶଙ୍କା ବା ମରଣ ନାହିଁ । ଠିକ୍ ସେହିପରି ଏ ବ୍ରହ୍ମର ପିତା ମାତା, ଆଦିଅନ୍ତ ମଧ୍ୟ ନାହିଁ ।[୨୮] ଏ ବ୍ରହ୍ମର ମିତ୍ର, ଗୁରୁ, ଶିଷ୍ୟ କେହି ନାହିଁ । ଏ ବ୍ରହ୍ମ ସମଗ୍ର ସଂସାର ଯାକରେ ଶିବ ରୂପେ, ଚିଦାନନ୍ଦ ରୂପେ ପୂରିରହିଛି । ଏ ବ୍ରହ୍ମ ନିର୍ବିକଳ୍ପ, ନିରାକାର ସର୍ବବ୍ୟାପୀ ଓ ଇନ୍ଦ୍ରିୟର ନିୟାମକ ଅଟେ । ଛୟାଳିଶ ପଟଳରେ ନିରାକାର ଅଚ୍ୟୁତଙ୍କୁ କହୁଛନ୍ତି- "ସମାଧି ସାଧନା ଛଡ଼ା ନ ମିଳେ ମୋ' ଭେଟ । ମିଛେ ଯୋଗୀ ସାଜି ପ୍ରାଣୀ ହୁଏ ଛଟପଟ ।" ସେ ନିଜେ ନିଜର ସ୍ୱରୂପ ପ୍ରଦାନ ପୂର୍ବକ କହନ୍ତି- ମୁଁ ନୁହଁଇ ମନ ବୁଦ୍ଧି ଚିତ୍ତ ଅହଂକାର । ନାହିଁ ଶ୍ରୋତ ନାହିଁ ଜିହ୍ୱା ନାହିଁ ନେତ୍ର ମୋର । (ଦ୍ୱିତୀୟପଟଳ) ଏ ବ୍ରହ୍ମ ନିର୍ବିକଳ୍ପ, ନିରାକାର, ସର୍ବବ୍ୟାପୀ ତଥା ସର୍ବକାର୍ଯ୍ୟର କାରଣ ଅଟେ । ନିରାକାର ଅଚ୍ୟୁତଙ୍କୁ କହୁଛନ୍ତି- ସମାଧି ସାଧନା ଛଡ଼ା ବ୍ରହ୍ମର ପ୍ରାପ୍ତି ଅସମ୍ଭବ । ଏହା ସୂକ୍ଷ୍ମାତିସୂକ୍ଷ୍ମ ଓ ଅବିନାଶୀ, ଅନାଦି, ଅନନ୍ତ ତଥା ମହାଶୂନ୍ୟରେ ପୂର୍ଣ୍ଣ । ଏହା ନିଷେଧାତ୍ମକ କିନ୍ତୁ ନାସ୍ତିବାଚକ ନୁହେଁ । ନାହିଁ ଅର୍ଥରେ ଏହା ନିର୍ଗୁଣ-ନିରାକାର, ଶୂନ୍ୟ ନୁହେଁ, ଅଛି ଅର୍ଥରେ ଶୂନ୍ୟ ଅଟେ । ଏ ବ୍ରହ୍ମ ଅରୂପ, ଅମନ । ସର୍ବଜୀବେ, ସର୍ବବ୍ୟାପୀ ବ୍ରହ୍ମର ବସତି । ଅଚ୍ୟୁତାନନ୍ଦ ମଧ୍ୟ କହିଛନ୍ତି ସୃଷ୍ଟି, ସ୍ଥିତି ଓ ଲୟ ମଧ୍ୟରେ ଏହି ବ୍ରହ୍ମର ହାତ ରହିଛି । ବ୍ରହ୍ମ ଏ ସବୁର କାରଣ । ସେ ପୁରୁଷ । ସେ ନାରୀ । ସେ ହିଁ ଜନ୍ମ । ସେ ହିଁ ମୃତ୍ୟୁ । ମନ ମୁନିର ସ୍ୱଭାବ ଧାରଣ କରନ୍ତେ ବ୍ରହ୍ମଚେତନା ମନରେ ପଶିଥାଏ । ପୂଜା, ତପ, ଜପ, ହୋମ, ଶୁଦ୍ଧପୂତ, ସତ, ମିଛ, ମାୟା, ମୋହ ପ୍ରଭୃତି ବ୍ରହ୍ମତତ୍ତ୍ୱ ନୁହେଁ । 'ଛୟାଳିଶପଟଳ'ରେ ଦଶମ ପଟଳର ସ୍ଥଳେ ନିରାକାର ଅଚ୍ୟୁତଙ୍କୁ କହୁଛନ୍ତି- "ଶୂନ୍ୟ ନିରାକାର ବ୍ରହ୍ମ ମନ ବଳାଇଲେ । ଶୂନ୍ୟରେ ସବୁ ମିଶାଇ ରଖିଥିଲେ ଗର୍ଭେ । ପୁଣି ସେ ଶୂନ୍ୟରୁ ସୃଷ୍ଟି ହୋଇଲେ ସରବେ ।" ପୁଣି ସେଠାରେ କୁହାଯାଇଛି- "ଇଚ୍ଛାମୟଙ୍କ ଇଚ୍ଛାରୁ ପ୍ରକୃତି ପୁରୁଷ / ଓଁକାର ନାଦ ଅଟଇ ସର୍ଭିଙ୍କର ଅଂଶ ।" ଏକାଦଶ ପଟଳରେ ଆହୁରି କୁହାଯାଇଛି- "ଶୂନ୍ୟରେ ପୂରି ରହିଛି ଆତ୍ମା ପୂର୍ଣ୍ଣବ୍ରହ୍ମ / ଶୂନ୍ୟ ଚିନ୍ତାବେଳେ ନିରାକାରକୁ ତୁ ଚିହ୍ନ ।" ସେହିପରି "ଯୁଗାବ୍ଧି ଗୀତା" ପର୍ଯ୍ୟାୟରେ ଅଚ୍ୟୁତାନନ୍ଦ କହୁଛନ୍ତି ଛାନ୍ଦୋଗ୍ୟ ଉପନିଷଦର ସେହିକଥା- ଓଁକାରୁ କ୍ଷରିଲା ଅକ୍ଷର ହ୍ରୀୟଂ । ହ୍ରୀୟଂ ଅକ୍ଷରୁ ଯେ ହେଲା ଧ୍ଲୀୟଂ । ଏଠାରେ ଶ୍ରୀଜଗନ୍ନାଥ ବା ପୁରୁଷୋତ୍ତମ ଚେତନା ଧୀରେଧୀରେ ସାନ୍ଦ୍ର ହେଲାପରି ମନେହୁଏ । ବେଦରେ ମଧ୍ୟ ଏକ ବ୍ରହ୍ମକୁ ଉପାସନା କରିବା କଥା କୁହାଯାଇଛି । ଅତଏବ ପାଶ୍ଚାତ୍ୟ ଆଲୋଚକଙ୍କ 'ପାନ୍‌ଥେଇଜିମ୍' concept ଟି ମୂଳତଃ ମିଛ ଭିତ୍ତିରହିତ । ଦେବତାମାନଙ୍କୁ ବେଦ (ଋକ୍)ରେ 'ଅସୁର' ବୋଲି କୁହାଯାଇଛି । ତାହା ଅସୁ+ର= ପ୍ରାଣଶକ୍ତି ଯୁକ୍ତ ଅର୍ଥକୁ ପ୍ରତିପାଦନ କରିଥାଏ । ଋଗ୍‌ବେଦର ୩ୟ ମଣ୍ଡଳ, ୫୫ତମ ସୂକ୍ତ, ଋ. ୪/୩୫/୩୧, ଋ. ୫/୮୩/୬, ଋ. ୩/୩୮/୪ ବା ଋ ୧/୮୯/୧୦ ପ୍ରଭୃତିରେ ଏହି 'ଅସୁର' ଶବ୍ଦ ଦ୍ୱାରା ପ୍ରାଣଶକ୍ତି କଥା କୁହାଯାଇଛି । ଏହି 'ପ୍ରାଣଶକ୍ତି' ଦ୍ୱାରା ହିଁ 'ବ୍ରହ୍ମ' ବା ଈଶ୍ୱରଙ୍କୁ ପ୍ରତିପାଦନ କରାଯାଇଛି । ବେଦାନ୍ତ ସୂତ୍ର (୧/୧/୨୫)ରେ ମଧ୍ୟ ଆଚାର୍ଯ୍ୟ ଶଙ୍କର ଏହା ପ୍ରତିପାଦନ କରିଛନ୍ତି । ଜଗନ୍ନାଥ ଦାସ 'ତୁଳାଭିଣା'ରେ ମଧ୍ୟ ବ୍ରହ୍ମଜ୍ଞାନ କଥା କହିଛନ୍ତି । "ଶୁଣ ପୁତାରେ ବ୍ରହ୍ମଗ୍ୟାନ । ××× । ଶୁଣ ପୁତାରେ ପ୍ରଥମେ ମହାଶୂନ୍ୟ । ଏଠାରେ

ଦୃଷ୍ଟିଦେବୁ । ଉଙ୍କାର ଶବଦକୁ ଘରେ ରଖିବୁ । ରାକାର ଶବଦକୁ ଦୃଷ୍ଟିଦେବୁ । ନାସାଦ୍ୱାରେ ଦ୍ୱାଦଶ ଆଂଗୁଳ ପବନ ସେ ପବନ ଅଗେଟି ରାକାର ଶବଦ । ତାହାକୁ ଚିତ୍ତବୃତ୍ତି କାନ ଏକ କରି ଦେଖିବୁ । ଅର୍ଦ୍ଧମାତ୍ରା ଶୂନ୍ୟକୁ ଚିତ୍ତଦେବୁ । xxx ।"[୨୯] ସେହିପରି ବଳରାମ ଦାସ ଅନେକଠାରେ ଏହି 'ଶୂନ୍ୟ' କଥା କହି ବ୍ରହ୍ମ, ଜଗତ୍ ଆଦି ତତ୍ତ୍ୱକୁ ବୁଝାଇବାକୁ ଚେଷ୍ଟା କରିଛନ୍ତି ।[୩୦] 'ବ୍ରହ୍ମଗୀତା'ରେ ମଧ୍ୟ ବଳରାମ ଦାସ ଶରୀରସ୍ଥ ପାଞ୍ଚମନ, ୨୫ ପ୍ରକୃତି, ୫ ପବନ, ୩ ଗୁଣ, ୪ ବେଦ, ୬ ରସ, ୨ ଚନ୍ଦ୍ରସୂର୍ଯ୍ୟ, ନବଗ୍ରହ, ଏ ଦେହରେ ଧରଣୀବିଧି, ପରମାର୍ଥର ଆକାର, ଉକାର, ମକାର, ସକାର, ଉକାର ବ୍ରହ୍ମ, ମକାର ବିଷ୍ଣୁ, ସକାର ଶିବ ସିଦ୍ଧିରସ୍ତୁ ଏ ଚାରିରେ ନିରାକାର ବୋଲି ପ୍ରତିପାଦନ କରିଛନ୍ତି ।[୩୧]

ବର୍ତ୍ତମାନ ବୈଦିକ ଯୁଗରୁ ଅଦ୍ୟାବଧି ଚାଲିଆସିଥିବା 'ବ୍ରହ୍ମ' ଚର୍ଚ୍ଚା ଆଧାରେରେ ବ୍ରହ୍ମ କିଏ ଜାଣିବାର ଇଚ୍ଛା ଆସେ । ବିବିଧ ସଂପ୍ରଦାୟରେ ଆରାଧ୍ୟମାନଙ୍କୁ ବ୍ରହ୍ମ କୁହାଯାଇଛି ବା ବ୍ରହ୍ମତ୍ୱ ଆରୋପ କରାଯାଇଛି; ମାତ୍ର ତାହା କେତେଦୂର ଯୁକ୍ତିଯୁକ୍ତ ତାହା ମଧ୍ୟ ପ୍ରତିପାଦିତ ହେବା ଦର୍କାର । ଶ୍ରୀଜଗନ୍ନାଥଙ୍କୁ ବ୍ରହ୍ମ ବୋଲି ପ୍ରମାଣ କରିବାର ଏହି ଚେଷ୍ଟା ପ୍ରଥମ ନୁହେଁ । କିନ୍ତୁ ଏହି ପ୍ରଚେଷ୍ଟାରେ ପ୍ରଥମେ ବ୍ରହ୍ମ ସଂପର୍କରେ ନିର୍ଣ୍ଣିତ ସ୍ୱୀକାର୍ଯ୍ୟ (Axiom) ଗୁଡ଼ିକ ଆଧାରରେ ଶ୍ରୀଜଗନ୍ନାଥ ଓ ବ୍ରହ୍ମ ଅଭିନ୍ନ ବୋଲି ପ୍ରତିପାଦିତ ହେବ । ତେବେ ଏହି ତୁଳନା ବା comparison କେବଳ ଭାରତୀୟ ଦର୍ଶନ କାହିଁକି ଅଧିକନ୍ତୁ ୟୁରୋପୀୟ ତତ୍ତ୍ୱସାଧକ ଓ ଦ୍ରଷ୍ଟାମାନେ ସ୍ୱୀକାର କରିଥିବା 'Nichts' ବା 'ପରମଶକ୍ତି', 'Ungrund' ବା 'ପରମଅଗମ' ଆଧାରରେ ମଧ୍ୟ କରାଯାଇପାରିବ । କାରଣ ଆଦିକାରଣ ହେଉଛନ୍ତି ଅକାରଣ । ଏଣୁ 'ନେତିନେତି' କଥା ବା 'ଆବାଙ୍‌ମନସଗୋଚର' ଆଦି ତତ୍ତ୍ୱ ଆସେ । ଚୈନିକ ଦାର୍ଶନିକ ମଧ୍ୟ କହନ୍ତି– When Nothing was, Tao was. ପ୍ରାଚୀନତମ ରୂପକଥା ଓ ପୁରାଣମାନଙ୍କରେ ମଧ୍ୟ ଏଇକଥା ହିଁ ଅଛି ।[୩୨] ବେବିଲୋନ୍ ଓ ସ୍କାଣ୍ଡିନେଭିଆର ପୁରାଣରେ ଓ ପ୍ରାଚୀନ ଦର୍ଶନ, ଧର୍ମାଦି ଶାସ୍ତ୍ରରେ ମଧ୍ୟ ଏହି 'ପରମନାସ୍ତି' ସତ୍ତାକୁ ସ୍ୱୀକାର କରାଯାଇଛି ।[୩୩] ଏହି ସତ୍ତା ନିଜେ 'ସତ୍ତୋତ୍ତର', 'ଅତିସାତ୍ତିକ' ଓ 'ସତ୍ତାତିରିକ୍ତ' । ବୌଦ୍ଧଶାସ୍ତ୍ର 'ପ୍ରଜ୍ଞାପାରମିତା ହୃଦୟଗର୍ଭକ'ରେ ମଧ୍ୟ ଏହି ନେତିନେତିକୁ ଗ୍ରହଣ କରାଯାଇଛି; କିନ୍ତୁ ଏଠାରେ ସେହି ନାସ୍ତିବାଚକ ଶୂନ୍ୟତାକୁ ଗ୍ରହଣ କରାଯାଉ ନାହିଁ । ବଳରାମ ଦାସଙ୍କ 'ସାରସ୍ୱତ ଗୀତା'ରେ ମଧ୍ୟ ମହାଶୂନ୍ୟକୁ 'ବ୍ରହ୍ମ' କୁହାଯାଇଛି । ବିଷ୍ଣୁଙ୍କୁ 'କଢ଼' ହସିଉଠି 'ପୁଷ୍ପ' ହେବାପରି 'ପୁଷ୍ପମାସ' ରୂପେ ବର୍ଣ୍ଣନା କରାଯାଉଛି ।[୩୪] ୟୁରୋପୀୟ ଦାର୍ଶନିକ ସ୍ପିନୋଜାଙ୍କର ବର୍ଣ୍ଣନାନୁସାରୀ 'Causa Sui' ମଧ୍ୟ ସ୍ୱତଃସମ୍ଭୂତ ଓ ସ୍ୱୟଂତପ୍ରର । ଏହିସବୁ ବର୍ଣ୍ଣନା ବେଦାନୁସାରୀ; ମୌଳିକତଃ ବ୍ରହ୍ମସ୍ୱରୂପୀ । 'କୈବର୍ତ୍ତଗୀତା'ରେ ମଧ୍ୟ କୁହାଯାଇଛି– "ସେ ଅଣାକାର ମଣ୍ଡଳ ନିରାକାର ଜାଣ, ରୂପରେଖ ନାହିଁ ତା'ର ଆପେ ନିରିମାଣ ।" ଏକଥା ଭିତରେ ସ୍ପିନୋଜା ବା ଅନ୍ୟାନ୍ୟ ୟୁରୋପୀୟ ଦର୍ଶନତତ୍ତ୍ୱ ନିଜର ସହମତି ପ୍ରକାଶ କଲାପରି ମନେହୁଏ ନାହିଁ କି ? ସେଥିପାଇଁ ସ୍ପିନୋଜା Thought ଏବଂ Extension ଦୁଇ Attribute ପରି ପରମପୁରୁଷଙ୍କୁ ସ୍ୱୀକାର କରିଛନ୍ତି । ତେବେ ଶକ୍ତି (Energy)ର ସ୍ଥିତିକୁ ଗୁରୁତ୍ୱ ଦେଉଥିବା ତନ୍ତ୍ରଶାସ୍ତ୍ର ମଧ୍ୟ ଏହାର ପକ୍ଷପାତିତା କରିଥାଏ ବୋଲି ଏଠାରେ କୁହାଯାଇପାରେ । ବେଦ, ଉପନିଷଦ୍‌ର ବାଣୀ ପରି Thales ଜଳକୁ ସୃଷ୍ଟିର କାରଣ କହିଛନ୍ତି ।" ଅର୍ଥାତ୍ ଜଳରୁ ସବୁର ଆରମ୍ଭ ବୋଲି ବୁଝିବାକୁ ହେବ । ବୃହଦାରଣ୍ୟକ ଉପନିଷଦର ଉକ୍ତି ହେଉ କି ଯାଜ୍ଞବଲ୍‌କ୍ୟଙ୍କ ପରି ମହାନ୍ ଦାର୍ଶନିକଙ୍କ ଯୁକ୍ତି ହେଉ, ଅଚ୍ୟୁତାନନ୍ଦଙ୍କ 'ଛୟାଳିଶ ପଟଳ'ର ଉକ୍ତି ହେଉ[୩୫] ବା ବ୍ରହ୍ମାଣ୍ଡ ଭୂଗୋଳର[୩୬] ମନ୍ତବ୍ୟ ମୂଳକ ବର୍ଣ୍ଣନା ହେଉ, ସେ ସବୁରେ ଜଳରୁ 'ବ୍ରହ୍ମ ସଂସ୍ଥାପନା' କଥାଟିକୁ ବୁଝି ନେବାକୁ ହେବ ।

ଜଗନ୍ନାଥ ଚେତନାରେ ବ୍ରହ୍ମତତ୍ତ୍ୱ ପରିପୁଷ୍ଟ ଓ ପରିପ୍ରକାଶିତ । "ପଞ୍ଚସଖାଙ୍କର ପିଣ୍ଡ-ବ୍ରହ୍ମାଣ୍ଡ କଳ୍ପନା ଏକ ସ୍ୱକୀୟ ଆରୋପଣ ଶୈଳୀରେ ଆସି ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କଠାରେ ଠୁଳ ହୋଇଛି । ବୌଦ୍ଧଧର୍ମର ନିରଞ୍ଜନ ବୁଦ୍ଧ, ତନ୍ତ୍ରର ଶକ୍ତି, ଧ୍ୟାନର ଶୂନ୍ୟପୁରୁଷ ଓ ଏପରିକି ଯୋଗଶାସ୍ତ୍ରର ସହସ୍ରାର ମଧ୍ୟ ହାତପାଆନ୍ତର ସେହି ଜଗନ୍ନାଥ ବିଗ୍ରହ ମଧ୍ୟରେ ମୂର୍ତ୍ତିମନ୍ତ ହୋଇଉଠିଛି ।"[୩୭] ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମ୍ଭବତଃ ଏକ ଦ୍ରାବିଡ଼ ପରଂପରା । କିନ୍ତୁ ବୁଦ୍ଧଙ୍କୁ ଜଗନ୍ନାଥଙ୍କ ପରେ ବା ପୂର୍ବରୁ ସ୍ଥାପନ କରିବା ଅଥବା ଅବତାର/ ଅବତାରୀ କହିବା ଲାଗି ସ୍ପଷ୍ଟ ପ୍ରମାଣ ମିଳିପାରି ନାହିଁ । ତେବେ

"ଏପରି ଗୋଟିଏ ମତ ବି ରହିଛି ଯେ ଯେତେବେଳେ ବ୍ରାହ୍ମଣ୍ୟ ଧର୍ମର ବାନା ଉଡ଼ାଇ ଶଙ୍କରାଚାର୍ଯ୍ୟ ଓ କୁମାରିଲ୍ ଭଟ୍ଟ ବୌଦ୍ଧଧର୍ମକୁ ପରାସ୍ତ କରିବାକୁ ହିଁ ଦିଗ୍‌ବିଜୟ ବୋଲି ମାନିଲେ ସେହିମାନଙ୍କର ସେହି ବିଜୟର ପ୍ରଭାବରେ ହିଁ ପୁରୀକ୍ଷେତ୍ରର ବୁଦ୍ଧ ଜଗନ୍ନାଥ ରୂପେ ନାମିତ ହେଲେ । ତଥାପି ପରବର୍ତ୍ତୀ ଅନେକ ଶତାବ୍ଦୀ ପର୍ଯ୍ୟନ୍ତ ସେହି ପୁରୁଣା ସଂସ୍କାର ଆଦୌ ଯାଇନଥିଲା । ସାରଳା ଦାସଙ୍କ ସମେତ ସେହି ସଂସ୍କାରଟି ଅନୁସାରେ ଜଗନ୍ନାଥଙ୍କୁ ବୁଦ୍ଧ ବୋଲି ବର୍ଣ୍ଣନା କରିଛନ୍ତି ।"[୩୮] ପୁଣି ଓଡ଼ିଶାରେ ସେକାଳରେ ଶୂନ୍ୟ ଉପାସନା ଚାଲୁଥିଲାବେଳେ ଜଗନ୍ନାଥଙ୍କୁ ଉପାସନା କରୁଥିବା ଜଗନ୍ନାଥ, ବଳରାମ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତଙ୍କ ଜୀବନୀରୁ ଜଣାଯାଏ ଯେ-ଏହି ଜଗନ୍ନାଥ ହିଁ 'ଶ୍ରୀପୁରୁଷୋତ୍ତମ' ବା 'ବ୍ରହ୍ମ' ।[୩୯] ଏହା ଶ୍ରୀଜଗନ୍ନାଥ ଚେତନାର ବ୍ରହ୍ମତ୍ୱ ଆରୋପଣର ପ୍ରଥମ ପ୍ରମାଣ । ଦିବାକର ଦାସ ଜଗନ୍ନାଥ ଦାସଙ୍କ ଠାରୁ ପ୍ରାୟ ୧୦୦ ବର୍ଷ ପରର । ସେ ମଧ୍ୟ ଏହି ଶୂନ୍ୟବାଦୀ ଚେତନା ଓ ନିର୍ଗୁଣବ୍ରହ୍ମ ଚେତନାରୁ ସଂପୂର୍ଣ୍ଣରୂପେ ଦୂରେଇ ଯାଇ ନାହାଁନ୍ତି । ତଥାପି ସେ ଶ୍ରୀଜଗନ୍ନାଥଙ୍କ ଠାରେ ବ୍ରହ୍ମତ୍ୱର ଆରୋପ କରିଛନ୍ତି । ଦିବାକର ଦାସ କହିଛନ୍ତି- "ଯେତେ ଏ ବିଷ୍ଣୁ ଅବତାର, କ୍ଷେତ୍ରାଦି ମହୀରେ ପ୍ରଚାର । ଏହି ରୂପରୁ ହୋନ୍ତି ଜନ୍ମ, ଏହି ଯେ ପୁରୁଷ ଉତ୍ତମ । ବ୍ରହ୍ମାଣ୍ଡ ପାଳନ କରନ୍ତି, ପୁଣି ଏ ସ୍ଥାନେ ଆସି ସ୍ଥିତି ।" ଏଥିରୁ ଜଗନ୍ନାଥଙ୍କୁ ବିଷ୍ଣୁଙ୍କ ସହ ଅଭେଦ କଳ୍ପନା ମାତ୍ର କରାଯାଇଛି । ଏବଂ ଥୋକେ ପୁଣି କହିଛନ୍ତି- "ଅବତାରୀ ଏ ଜଗନ୍ନାଥ, ଏ ତହୁଁ ଅବତାର ଜାତ । ନିତ୍ୟକ୍ଷେତ୍ର ପୁରୁଷୋତ୍ତମ, ଶ୍ରୀରାଧାକୃଷ୍ଣ ପ୍ରେମଧାମ । ଯହିଁ ବିଜୟ ଜଗନ୍ନାଥ, ଯେହୁ ଖଟନ୍ତି ପରତତ୍ତ୍ୱ । ନିର୍ବିକଳ୍ପକ ନିରାକାର, ପ୍ରତିମା ରୂପରେ ବିହାର । ××× ସେ ସର୍ବେଜାଣ ବହିରଂଗ, ପୁରୁଷୋତ୍ତମ ଅନ୍ତରଂଗ ।"[୪୦] ଏଠାରୁ ମନେହୁଏ ଏଇ 'ଜଗନ୍ନାଥ' ନାମଟି ପରବର୍ତ୍ତୀ ପର୍ଯ୍ୟାୟରେ ବୋଧେ ଦିଆଯାଇଛି । ଯିଏ ପୁରୁଷୋତ୍ତମ, ସେ ଜଗନ୍ନାଥ । ମୂଳରୁ ଏହି କ୍ଷେତ୍ରର ନାମ ପୁରୁଷୋତ୍ତମ କ୍ଷେତ୍ର । ଏଣୁ ଏଠାକାର ଆରାଧ୍ୟ ମଧ୍ୟ ଶ୍ରୀପୁରୁଷୋତ୍ତମ ହେବା କଥା । ବେଦାଦିରେ ଏହି ପୁରୁଷୋତ୍ତମର ବର୍ଣ୍ଣନା ରହିଛି । ଏପରିକି ଅନେକ ଐତିହାସିକ ଗ୍ରନ୍ଥରେ ମଧ୍ୟ 'ପୁରୁଷୋତ୍ତମ' କଥା କୁହାଯାଇଛି । ଏଣୁ ଜଗନ୍ନାଥ ନାମଟି ପରବର୍ତ୍ତୀ କାଳରେ ସଂଯୁକ୍ତ କରାଯାଇ ଥାଇପାରେ ବୋଲି ମନେହୁଏ । ଏଣୁ 'ଜଗନ୍ନାଥ ରୂପୀ ଚେତନା ହେଉଛି ବ୍ରହ୍ମଚେତନା, ପରମେଶ ଚେତନା ଏବଂ ବ୍ରହ୍ମାଣ୍ଡ ଚେତନା; ଏହି ଚେତନାକୁ ବିଗ୍ରହ ଭିତରେ ପିଣ୍ଡ ରୂପେ ବହନ କରୁଥିବା ଠୁଳ ଓ ମୂର୍ତ୍ତିରୂପରି ହେଉଛି ଜଗନ୍ନାଥଙ୍କର ଚତୁର୍ଦ୍ଧା ମୂରତି । ପରାତ୍ପର ଭଗବାନ ଏବଂ ତାଙ୍କର ବ୍ୟୂହ ଗୁଡ଼ିକର ସମାହାର ହେଉଛନ୍ତି ଚତୁର୍ଦ୍ଧାମୂରତି ।"[୪୧] ମହାପ୍ରଭୁଙ୍କର ରୂପକୁ ତନ୍ନତନ୍ନ କରି ଦେଖିଲେ ଏହି ଚତୁର୍ଦ୍ଧାମୂରତି ୪ଟି ଦେଖାଯାଏ । ମହାମହୋପାଧ୍ୟାୟ ଶ୍ରୀ ଗୋପୀନାଥ କବିରାଜ ଏହି ରୂପକୁ ଆନନ୍ଦମୟ ନିତ୍ୟରୂପ ତଥା 'ଚିଦ୍‌ଘନ ବିଗ୍ରହ' ବୋଲି କହିଛନ୍ତି । "ନିତ୍ୟ ବିଭୂତି ବ୍ୟତୀତ ଲୀଳା ବିଭୂତିରେ ଭଗବାନ ବ୍ୟୂହ ରୂପ ଧାରଣ କରି ରହିଥା'ନ୍ତି ।"[୪୨] ଏଣୁ ଭଗବାନଙ୍କ ୨ୟ ରୂପ ହେଉଛି 'ବ୍ୟୁହ' । ସାରଳା ଓ ପଞ୍ଚସଖା ଏହି ତ୍ରିମୂର୍ତ୍ତି ମଧ୍ୟରେ ବ୍ରହ୍ମା, ବିଷ୍ଣୁ, ଶିବଙ୍କୁ ଦେଖିଛନ୍ତି । ତା'ଛଡ଼ା ଉତ୍କଳୀୟ ବୈଷ୍ଣବମାନେ ଜଗନ୍ନାଥଙ୍କୁ ଠୁଳ ଶୂନ୍ୟ ଭାବରେ ବ୍ରହ୍ମଚକ୍ରରେ ଦର୍ଶନ କରିବାକୁ ଲକ୍ଷ୍ୟ ପରମ ଭାବି ଥାଆନ୍ତି ।

ଏଇ ଶରୀର ଶ୍ରୀକ୍ଷେତ୍ର ବଡ଼ଦେଉଳ । ଏହି ମନ୍ଦିରରେ ବ୍ରହ୍ମ ବା ଜଗନ୍ନାଥ ଦିଶୁଛନ୍ତି / ବସିଛନ୍ତି । ଜଗନ୍ନାଥ ନିଜେ ହିଁ ବ୍ରହ୍ମ, ନିଜେ ଅଂଗୀ । ବଳରାମ ଦାସ ଏଇ ଶରୀରରେ ଆଣ୍ଠୁଠାରୁ ମସ୍ତକ ପର୍ଯ୍ୟନ୍ତ ନନ୍ଦୀଘୋଷ, ଗରୁଡ଼ସ୍ତମ୍ଭ, ବଡ଼ଦାଣ୍ଡ ଓ ଅଠରନଳା ପ୍ରଭୃତି ସ୍ଥାନର ଠାବ କରିଛନ୍ତି । ଏଗୁଡ଼ିକ ପ୍ରତୀକାର୍ଥ ବିଶିଷ୍ଟ, ସୂକ୍ଷ୍ମାର୍ଥ ବିଶିଷ୍ଟ । ସ୍ଥୁଳ ଦୃଷ୍ଟିରେ ଦେଖିଲେ ଆମେ ଭ୍ରମରେ ପଡ଼ିବା । 'ଛୟାଳିଶପଟଳ'ରେ ଅଚ୍ୟୁତାନନ୍ଦ ନନ୍ଦୀଘୋଷ, ବାଇଶି ପାବଚ୍ଛ ଓ ସ୍ୱର୍ଗଦ୍ୱାରକୁ ଶରୀର ମଧ୍ୟରେ ଖୋଜିପାଇଥିବାର ପ୍ରମାଣ ରହିଛି । ଦିବାକାର ଦାସ ବଡ଼ଦେଉଳକୁ ବ୍ରହ୍ମଚକ୍ରର ସହସ୍ରଦଳ ପଦ୍ମ ସହିତ ତୁଳନା କରିଛନ୍ତି ।

ଜଗନ୍ନାଥ ପିଣ୍ଡ ହେଲେ ମଧ୍ୟ ସେ ହେଉଛନ୍ତି ବ୍ରହ୍ମର ପ୍ରତିନିଧି, ଅଧିନାୟକ, ଜଗତର ନାଥ । ଜର୍ମାନ୍ ତତ୍ତ୍ୱଦ୍ରଷ୍ଟା ଏକ୍‌ହାର୍ଟ, ୟୁରୋପୀୟ ଦ୍ରଷ୍ଟା ପାସ୍କାଲ୍ ଓ Boehme ତଥା ଶ୍ୱେତାଶ୍ୱେତର ଉପନିଷଦ ଅନୁସାରେ ବ୍ରହ୍ମ ହିଁ ସବୁ (ଅଗ୍ନି, ଜଳ, ଲକ୍ଷ୍ୟ ଇତ୍ୟାଦି) ଏସବୁକୁ ଜଗନ୍ନାଥ ତତ୍ତ୍ୱ ଖାପଖାଏ । ବ୍ରହ୍ମ ଭିତରେ ଓ ବାହାରେ । ଏଣୁ ଭିତରୁ ବାହାରକୁ ବ୍ୟାକୁଳତା ଆସେ ଓ ବାହାରୁ ଭିତର ପ୍ରତି

ଦୁର୍ବଳତା ମଧ୍ୟ ଥାଏ । ଏକ ଅଚୁମ୍ବକୀୟ ପରସ୍ତର ଉଭୟ ପାର୍ଶ୍ୱରେ ଥିବା ଏକ ବିଶାଳ ଚୁମ୍ବକୀୟ ସତ୍ତା ଓ କ୍ଷୁଦ୍ର ଚୁମ୍ବକୀୟ ସତ୍ତା (ପଦାର୍ଥ) ମଧ୍ୟରେ ଯାହା ଘଟେ ତାହାହିଁ ଜୀବନରେ ହୁଏ । ଅସନ୍ତୋଷ, ଅନ୍ୱେଷା, ପ୍ରାପ୍ତି ଓ ମନ ନପୂରିବା ଆଦିର କାରଣ ହିଁ ଏହା ।

ବର୍ତ୍ତମାନ ଶ୍ରୀବିଷ୍ଣୁଙ୍କ ବିବିଧ ଅବତାର କଥା ଚିନ୍ତା କରାଯାଉ । ଅନ୍ୟ ଭାଷାରେ କହିବାକୁ ଗଲେ 'ବ୍ରହ୍ମ'ର ଶୂନ୍ୟ ରୂପକୁ ଆଦିରୂପ ଧରାଯାଉ । ଏହା ବିବର୍ତ୍ତନ ସିଦ୍ଧାନ୍ତ (Theory of Evolution of C. R. Darwin) । ଡାରଉଇନିୟାନ୍ ଥିଓରୀ ଅନୁସାରେ ପ୍ରଥମେ ଶୂନ୍ୟ ହିଁ ଥିଲା । Big Bang Theory ବା ଅନ୍ୟାନ୍ୟ ଥିଓରି ଯାହାକୁ Physics ବା Chemistry ସମର୍ଥନ କରେ, ତଦ୍ୱାରା ମଧ୍ୟ ଶୂନ୍ୟସିଦ୍ଧାନ୍ତ ସିଦ୍ଧ ପ୍ରମାଣିତ ହିଁ ହୁଏ । ସୂକ୍ଷ୍ମାତିସୂକ୍ଷ୍ମ ଅନୁଶୀଳନ ଅନ୍ତରରେ ଏହା ଆପେ ଜଣାଯିବ । ତା'ପରେ ଜଳରୁ ଜୀବନ ସୃଷ୍ଟି ହେଲା (Amoeba, Jelly fish ବା mycoplasma ଇତ୍ୟାଦି) । ତା'ପରେ ଉଭୟଚର ମାନେ ସୃଷ୍ଟି ହେଲେ । ତତ୍ପରେ ସ୍ଥଳଜ ସୃଷ୍ଟି ହେଲେ । ପୃଥିବୀର ତିନିଭାଗରୁ ଅଧିକ ଜଳ ହିଁ ଥିଲା । ଜଳମୟତା ମଧ୍ୟରୁ ଥୋକେ ସ୍ଥଳ ଥିଲା । ତା'ପରେ ବଣଜଙ୍ଗଲରେ ମଣିଷ ଶିକାର କରି ଟାଙ୍ଗିଆ, କୁରାଢ଼ି, ପଥର ଆଦି ଅସ୍ତ୍ର ଦ୍ୱାରା ପାଖରୁ ନିଜର ପରାକ୍ରମ ଦ୍ୱାରା ଶିକାର କରି ଫଳମୂଳ ଆହାର କରି ବଞ୍ଚୁଥିଲା । କିନ୍ତୁ ଏହା ହଠାତ୍ ହୋଇଯାଇ ନାହିଁ । ମଝିରେ ନୃସିଂହ (ନର+ସିଂହ ଅର୍ଥାତ୍ ପଶୁ) ଓ ପରେ ବାମନ ମଣିଷ ଅବତାର ଦେଖାଯାଏ । ତା'ପରେ ଭୃଗପତି ଦେଖାଯାଆନ୍ତି । ପରେ ଦୂରରୁ ଶିକାର ପାଇଁ ଧନୁତୀରର ବ୍ୟବହାର ଜାଣିବା ପ୍ରସଂଗ ରାମ ଅବତାରରେ ଦେଖାଯାଏ । ମାତ୍ର ଜଙ୍ଗଲ ଓ ରାଜ୍ୟ ଗଠନ concept ଏତେବେଳକୁ ଆସିଛି । ପରେ ପରେ ରାଜ୍ୟ ଶାସନ, ଗଠନ, ପରିଚାଳନା ପ୍ରଭୃତି ସେ ଶିଖିଛି । ତା'ପରେ କୃଷି ଶିଖିଛି । ଆର୍ଯ୍ୟ, ଦ୍ରାବିଡ଼ ଜାତିକଥା ଏଠାରେ ମନେପଡ଼େ । ପରେ ବୁଦ୍ଧ ଓ କଲ୍‌କୀ ଆଦି ଅବତାର ଆସିଛି । ଏଠାରେ ବୁଦ୍ଧ ଚେତନାଦୀପ୍ତ ମଣିଷ ଓ କଲ୍‌କୀ କଳିଯୁଗର କଳଂକମୟ ମଣିଷର ପ୍ରତୀକ ହୋଇପାରେ ବୋଲି କୁହାଯାଇପାରେ । ଏଠାରେ ଦ୍ରଷ୍ଟବ୍ୟ ଯେ ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ଭୃଗୁପତି, ଶ୍ରୀରାମ, ହଳଧର/ଶ୍ରୀକୃଷ୍ଣ, ବୁଦ୍ଧ ଆଦିଙ୍କୁ ଏକ ବୈବର୍ତ୍ତନିକ ସୂତ୍ରରେ ଦେଖିଲେ ଏମାନେ ଅବତାର ପରି ମନେ ହୁଅନ୍ତି । ଏମାନେ ସାକାର, ମାୟାର ଅନ୍ତର୍ଭୁକ୍ତ । ମାତ୍ର ଜଗନ୍ନାଥ ରୂପଟି, ରୂପଧରି ମଧ୍ୟ ଅରୂପ, ନିରାକାର ଓ ଶୂନ୍ୟରଂଗ (କଳା) ।[୪୩] ବର୍ତ୍ତମାନ ଆମେ 'ଶ୍ରୀକୃଷ୍ଣ'ଙ୍କ ଯାଏଁ ଆସିବା । ଏହାର କାରଣ ଅନେକ । ଯଥା- ଶ୍ରୀକୃଷ୍ଣ ପ୍ରଥମତଃ ପୂର୍ଣ୍ଣତମ ବିକଶିତ ମଣିଷ । ଦ୍ୱିତୀୟତଃ ବୁଦ୍ଧ ଏକ ଚେତନା ଦ୍ୟୋତକ ଶବ୍ଦ । ଏଣୁ ଶ୍ରୀକୃଷ୍ଣ ବି ବୁଦ୍ଧ ହୋଇପାରନ୍ତି ଓ ଅନ୍ୟେ ମଧ୍ୟ ବୁଦ୍ଧ ହୋଇପାରନ୍ତି ଯେଉଁଠାରେ ବା ଯେଉଁମାନଙ୍କ ଠାରେ ଚେତନା କ୍ଷେତ୍ରିକ ବିକାଶ ପର୍ଯ୍ୟାପ୍ତ ହୋଇଥିବ । ତେବେ ତୃତୀୟ କାରଣ ହେଉଛି ଅତ୍ୟନ୍ତ କୌତୁହଳପୂର୍ଣ୍ଣ । କୁହାଯାଏ ବୁଦ୍ଧ ଦେବତାମାନଙ୍କ ଶତ୍ରୁଙ୍କୁ ସମ୍ମୋହିତ କରିବେ ଓ କୀକଟ ଅଞ୍ଚଳରେ ଜନ୍ମନେବେ । ତେବେ କୀକଟ ଯେ କପିଳାବସ୍ତୁ ଏହାର କୌଣସି ପ୍ରମାଣ ନାହିଁ । ଇତ୍ୟାଦି ଅନେକ ବିରୋଧାଭାସ ମିଳେ ।[୪୪] ତା'ଛଡ଼ା ନିଜେ ପରଂବ୍ରହ୍ମ କାହିଁକି କ୍ରୀଡ଼ନକ ପରି ଯାକୁ ତାକୁ ଭୁଆଁ ବୁଲାଇବେ ? ଏକଥା ଯୁକ୍ତିଯୁକ୍ତ ମନେହୁଏ ନାହିଁ ।

ସାହିତ୍ୟରେ, ପୁରାଣରେ ଏକା ତାତ୍ତ୍ୱିକ ଗ୍ରନ୍ଥମାନଙ୍କରେ ଜଗନ୍ନାଥଙ୍କୁ ବ୍ରହ୍ମ ବୋଲି ପ୍ରତିପାଦନ କରାଯାଇଛି । ସେ ପରଂବ୍ରହ୍ମ । ସେ ମୂଳରୁ ଲୀଳା କରାଉଥିଲେ । ଆଶାକାର ଥିଲେ । ନିରଞ୍ଜନ, ନିରାକାର, ନିର୍ଗୁଣ ଥିଲେ । ପରେ ନିର୍ଗୁଣତ୍ୱକୁ ସଗୁଣ ମଧ୍ୟ ପ୍ରତିପାଦନ କରିବା ସମ୍ଭବ- ଏକଥା ପ୍ରମାଣ କରିବା ଲାଗି ଜଗନ୍ନାଥଙ୍କର ଏ ରୂପ । କାରଣ ଜଗନ୍ନାଥଙ୍କ ମଧ୍ୟରେ ବେଦ ଉପନିଷଦଗତ ସମସ୍ତ ଲକ୍ଷଣ ଦୃଶ୍ୟମାନ । ଏହାର ଅର୍ଥ ଆଉ କ'ଣ ହୋଇପାରେ ? ତା'ଛଡ଼ା ଧର୍ମ-ଦର୍ଶନରେ ସର୍ବଦା କାଳେକାଳେ ପ୍ରତୀକାର୍ଥର ପ୍ରାବଲ୍ୟ ଅଭିଧାର୍ଥ ଠାରୁ (ଅଧିକ) ରହିଆସିଛି । ଏଇ ମର୍ମରେ ଜଗନ୍ନାଥଙ୍କ ସଂପର୍କରେ ଏକ କଥା କୁହାଯାଇପାରେ । ସେପାଖେ ନୀଳମାଧବ ଅନ୍ତର୍ଦ୍ଧାନ ହେବା, ତାଙ୍କର ଶ୍ରୀବିଷ୍ଣୁଙ୍କ ଚତୁର୍ଭୁଜ ରୂପ ଥିବା ଓ ଶ୍ରୀକୃଷ୍ଣଙ୍କ ମହାପ୍ରୟାଣ ଘଟିବା କଥାକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଉ । ପୂର୍ବରୁ କହିଛି ଶ୍ରୀକୃଷ୍ଣଙ୍କ ଯାଏଁ ଅବତାର କ୍ରମକୁ ଧରାଯିବା ଉଚିତ୍ । ତା'ପରେ କୃଷ୍ଣଙ୍କ ମୃତ୍ୟୁପରେ ପିଣ୍ଡଦହନ ହେଲା । ପ୍ରତୀକର ଇଲାକାରେ ବୁଝାବୁଝି ହେଉ । ଗୀତାକୁ ଫେରିଚାହିଁବା । ଆତ୍ମା ଅମର, ଅଜର,

ଅଜମ୍ବର । ଏହା ଅଗ୍ନିରେ ପୋଡ଼େନା, ଅସ୍ତ୍ରରେ ଛିଡ଼େନା, ଜଳରେ ବୁଡ଼େନା, ମରୁତରେ ଉଡ଼େନା ।[୪୫] ଆତ୍ମା ସର୍ବଶକ୍ତିମାନ । ଏହି ଆତ୍ମା ହିଁ ବ୍ରହ୍ମ । ଏକଥା ବେଦ, ଉପନିଷଦ, ଗୀତା, ଭାଗବତ ଓ ଅନ୍ୟାନ୍ୟ ପୁରାଣରୁ ଆମେ ସ୍ପଷ୍ଟ ହୋଇସାରିଛୁ । ତେବେ ପ୍ରତୀକାତ୍ମକ ଭାବରେ ଦେଖିବା ହେଲେ ଜଣାପଡ଼ିବ ଯେ, ଯାହା ସେଦିନ ପୋଡ଼ିନଥିଲା ତାହା ହିଁ ଥିଲା ଆତ୍ମା । ଏହା ହିଁ ତତ୍ତ୍ୱ । ଆକାଶବାଣୀ ହେଲା । ଫେରିଯିବା ବେଦର ପୃଷ୍ଠାକୁ; ଉପନିଷଦର ପୃଷ୍ଠାକୁ । ଆକାଶ ହିଁ ବ୍ରହ୍ମ । (ଛାନ୍ଦୋଗ୍ୟ) ଜଳରେ ପଡ଼ିବା କଥା କୁହାଗଲା । ବେଦଉପନିଷଦର 'ଜଳରୁ ଜଗତ୍' କଥା ମନେପକାଇବା । ଏହା ଜଳରେ ଭାସିବା କଥା ଚିନ୍ତାକରିବା । ଫେରିଯିବା ଗୀତାର ସେହି ଶ୍ଳୋକକୁ ପୁନଶ୍ଚ । ତହିଁରୁ ଜଗନ୍ନାଥ । ସେ ପୁରୁଷୋତ୍ତମ । ସେ ଆଗେ ନିରୁତା ଅପୋଡ଼ା ବ୍ରହ୍ମ । ତା'ପରେ ବେଦୋକ୍ତ ପୁରୁଷୋତ୍ତମ, ସେ ଉତ୍ତମ ପୁରୁଷ ଠାରୁ ଆହୁରି ଉତ୍ତମ । ପାପ ତାଙ୍କ ଦେହରେ ଲାଗେନି । ଏଣୁ ବୋଧେ ଜଗନ୍ନାଥଙ୍କୁ ଛୁଇଁବାର ବିଧି ଅଛି ଓ ତାଙ୍କୁ ଛୁଇଁ ପାପ ଧୋଇବାର ସଂସ୍କୃତି ଓ ପରଂପରା ତଥା ବିଶ୍ୱାସ ଏ ଜଗନ୍ନାଥ ସଂସ୍କୃତିରେ ଅଛି । ସେ ଶକ୍ତିର ପ୍ରତୀକ । ଏଣୁ ସେ ସ୍ୱୟଂ ବ୍ରହ୍ମ ହେଲେ ମଧ୍ୟ 'ଶକ୍ତି'ଙ୍କୁ ପାଖରେ ରଖିଛନ୍ତି । ମା' ସୁଭଦ୍ରା । ଦେବୀ ଲକ୍ଷ୍ମୀ । ବିମଳା ଆହୁରି ଅନେକ । ଏସବୁ ଶକ୍ତିର ପ୍ରତୀକ ମାତ୍ର । ରତ୍ନ ସିଂହାସନରେ ଶ୍ରୀଦେବୀ, ଭୂଦେବୀଙ୍କ ବର୍ତ୍ତମାନ ଏହାହିଁ ପ୍ରମାଣିତ କରେ । ନୀଳମାଧବଙ୍କ ଉପସ୍ଥିତି ନୀଳମାଧବଙ୍କ ସଂପର୍କ ଜଗନ୍ନାଥଙ୍କ ସହ ସ୍ପଷ୍ଟ କରିଥାଏ । ଆହୁରି ମଧ୍ୟ ସ୍ପଷ୍ଟ ହୁଏ ଯେ ଜଗନ୍ନାଥ ହିଁ ବ୍ରହ୍ମ, ନୀଳମାଧବ ବିଗ୍ରହ ନୁହେଁ । ଇତିହାସରେ ଦୁଇଟି ସ୍ଥାନରେ ନୀଳମାଧବ ବିଗ୍ରହ ମିଳିବା କଥା ମଧ୍ୟ ଶୁଣାଯାଏ ।[୪୬] ତେବେ ନୀଳମାଧବ ଅନ୍ତର୍ଦ୍ଧାନ ହେବା ଓ ରତ୍ନ ସିଂହାସନରେ ବିରାଜିତ ହେବା ମଧ୍ୟ ଜଗନ୍ନାଥଙ୍କ ବ୍ରହ୍ମତ୍ୱ ସପକ୍ଷରେ ଯାଏ । କାରଣ 'ନୀଳ-ମା-ଧବ'ର ଅର୍ଥ- 'କୃଷ୍ଣ/କଳା'- ମା'/ ସୃଷ୍ଟିକାରିଣୀ- ଧଳା/ ଜ୍ୟୋତି । ଏହା ପ୍ରକାରାନ୍ତରେ ଜଗନ୍ନାଥ-ସୁଭଦ୍ରା ଓ ବଳଭଦ୍ରଙ୍କୁ ସୂଚିତ କରେ । ଏହା ସୃଷ୍ଟି ପ୍ରକ୍ରିୟାର ମଧ୍ୟ କ୍ରମିକ ଚିତ୍ର ଅଟେ । ଶୂନ୍ୟ । ଶୂନ୍ୟରୁ ଜନନୀ/ ପ୍ରଜନନ । ପ୍ରଜନନରୁ ଆଲୋକ-ଜଗତ୍ । ଏହା ମଧ୍ୟ ଯୋଗମାୟା ସୃଷ୍ଟି ହେବା ସପକ୍ଷରେ ଯାଏ । ବୋଧିପ୍ରିୟ ଏହି ତ୍ରିମୂର୍ତ୍ତିଙ୍କୁ ବୌଦ୍ଧ ତ୍ରିଯାନ ଅଭିହିତ କରନ୍ତି । ସାରଳା ଦାସ ଜଗନ୍ନାଥଙ୍କୁ 'ମହାବୌଦ୍ଧରୂପ' ବୋଲି କହିଛନ୍ତି । ଜଗନ୍ନାଥ ଦାରୁ ହେବା ଓ ଭାସିବା, ଦାରୁରୁ ଦାରୁବ୍ରହ୍ମ ହେବା, ନିଜ ମଧ୍ୟ ବ୍ରହ୍ମପେଟିକା ରଖି 'ବ୍ରହ୍ମତତ୍ତ୍ୱ'ର ପ୍ରମାଣ ଦେବା, ଇହଲୀଳା ସମ୍ବରଣ କରିବା ଓ ପୁନର୍ଜନ୍ମ ନେବା, ଦାରୁ/ ଶରୀର (ଉପଯୁକ୍ତ) ଚୟନ ଓ ସଂସ୍ଥାପନ ହେବା, ତହିଁର ଅନ୍ୟାନ୍ୟ ବିଧି ପ୍ରଭୃତିକୁ ଦେଖିବା ଦ୍ୱାରା ଏହା ସ୍ପଷ୍ଟ ଅନୁମିତ ହୁଏ ଯେ, ଘଟ-ଘଟାନ୍ତର ଓ ପୁନଃ ଘଟ ସଂସ୍ଥାପନ[୪୭] ଘଟ ଓ ପଟର ଏ ଖେଳ, ଏ ତତ୍ତ୍ୱକୁ ବୁଝାଇବା ହିଁ ଏ ରୂପର କାରଣ । ସେ ଅବତାର ହୁଅନ୍ତୁ ବା ଅବତାରୀ ହୁଅନ୍ତୁ, ସେ ଯେ ନିରାକାର ବ୍ରହ୍ମର- ନିରାକାର, ଅକ୍ଷର ବ୍ରହ୍ମ ସାକାର ସ୍ୱରୂପ- ଏଥିରେ ଦ୍ୱିରୁକ୍ତି ନାହିଁ । ଏଣୁ ଜଗନ୍ନାଥ ସାଂସ୍କୃତିକ ଚେତନା ଓ ଜଗନ୍ନାଥ ଚେତନା ଓ ତତ୍ତ୍ୱ ମଧ୍ୟରେ ବ୍ରହ୍ମତତ୍ତ୍ୱ ହିଁ ପରିପୂର୍ଣ୍ଣ ବୋଲି ନିର୍ଦ୍ଦ୍ୱନ୍ଦ୍ୱରେ କୁହାଯାଇପାରେ । ତା'ଛଡ଼ା ଶ୍ରୀକୃଷ୍ଣଙ୍କ ମାଦଳ ଅଂଶ ରହିବା କଥା ଥିବାରୁ କେତେକେ ଜଗନ୍ନାଥଙ୍କର ଏହି ଅପାଣି, ଅପାଦ, ଅଶ୍ରୁତି- ରୂପ ବୋଲି କହିଥାଆନ୍ତି । ମାତ୍ର ତାହା ଠିକ୍ ନୁହେଁ । 'ବ୍ରହ୍ମ' ବା 'ଆତ୍ମା' ଘଟରୁ ଘଟାନ୍ତର ହୋଇ ଧର୍ମସଂସ୍ଥାପନା ପାଇଁ, ବ୍ରହ୍ମତତ୍ତ୍ୱ ଅବବୋଧ ପାଇଁ, ସତ୍‌ର ପ୍ରଚାର, ଅକ୍ଷରର ପ୍ରସାର, ପ୍ରାଣତତ୍ତ୍ୱର ସରଳୀକରଣ ପାଇଁ, ସତ୍‌ଲକ୍ଷ୍ୟ ପୂର୍ତ୍ତି ପାଇଁ ପ୍ରଯତ୍ନ ଥାଏ । ନିରାକାର ବ୍ରହ୍ମ ଚିର କାର୍ଯ୍ୟଶୀଳ, ଚିନ୍ତାଶୀଳ । ସେ ସ୍ଥିର, ଅଚଳ ନୁହଁନ୍ତି । ସେ ସଚଳ । ଏଣୁ ଜଗନ୍ନାଥଙ୍କ ରୂପ-ଯୂପ-ସ୍ତୂପାଦି ମଧ୍ୟରେ କେବଳ ବ୍ରହ୍ମ ହିଁ ବ୍ରହ୍ମ ରହିଛି । ଜଗନ୍ନାଥଙ୍କ ଏ ରୂପ[୪୮] ଉପନିଷଦ ସାପେକ୍ଷ । ବ୍ରହ୍ମ ସ୍ୱରୂପ ସାପେକ୍ଷ । ତେବେ ତାଙ୍କ ରଂଗ ମଧ୍ୟ ପଦାର୍ଥ ବିଜ୍ଞାନର Light Theory ସାପେକ୍ଷ । Black is not a colour. କଳା ଅର୍ଥ କିଛି ହିଁ ନାହିଁ । 'କୃଷ୍ଣ' ନାମ ମଧ୍ୟରେ ହିଁ ସେଇ ଭାବ । ତେବେ ତାହା ଥିଲା ଶରୀରୀ ଲୀଳା । ଜଗନ୍ନାଥ ପିଣ୍ଡୁଳା ଲୀଳା । ଜଗନ୍ନାଥ ସ୍ୱୟଂ ବ୍ରହ୍ମ ରୂପୀ ଦାରୁବ୍ରହ୍ମ । 'ଶୂନ୍ୟସଂହିତା'ରେ ଯଥାର୍ଥରେ କୁହାଯାଇଛି- "ବ୍ରହ୍ମ ଏକାକ୍ଷର ସେ ଯେ ଆଗେ ନିରଞ୍ଜନ । ଦେହରୂପୀ ଜଗନ୍ନାଥ ଆଗେ ଦାରୁବ୍ରହ୍ମ । ଭକ୍ତଙ୍କ ଭାବରେ ଆପେ ଦାରୁବ୍ରହ୍ମ ରୂପେ ଅଲେଖ ଭବନୁ ଆସି ଦୃଶ୍ୟ ଜ୍ୟୋତିରୂପେ ।" ଡକ୍ଟର କାହ୍ନୁଚରଣ ମିଶ୍ର ମଧ୍ୟ ଜଗନ୍ନାଥଙ୍କୁ ବ୍ରହ୍ମ ରୂପେ ସ୍ୱୀକାର କରି ପଞ୍ଚସଖା ତତ୍ତ୍ୱ ସାହିତ୍ୟର ଅବିରୋଧ ସମୀକ୍ଷା କରିଛନ୍ତି ।[୪୯]

ତା'ଛଡ଼ା 'ପୁରୁଷୋତ୍ତମ' ନାମ ବଦଳରେ 'ଜଗନ୍ନାଥ' ନାମ ଦେବା ପଛରେ ଯଦି କୌଣସି କାରଣ ଥାଏ, ତେବେ ତାହା ହେଉଛି 'ଜଗନ୍ମୟତା' । ସେ ଜଗତ୍‌ର 'ଈଶ୍ୱର' । ସେ ଜଗତର ଅଧିପତି । ଏ ଜଗତ ରୂପୀ ଘରର ସେ ମାଲିକ । ଆମେ ଭଡ଼ାରେ ତାଙ୍କ ଘରେ ରହିବାକୁ ଆସିଛୁ । ଏଣୁ ସେ ଏ ରୂପେ ଆମର ମାଲିକ । ଏ ଘର, ଅର୍ଥାତ୍ ଏ ସଂସାର, ଜଗତ୍ ଓ ଘଟ ତାଙ୍କର ଓ ପଟ ମଧ୍ୟ ତାଙ୍କର । ତେଣୁ ତାଙ୍କର 'ଶ୍ରୀଜଗନ୍ନାଥ' ନାମ ଯଥାର୍ଥ ଓ ବ୍ରହ୍ମତତ୍ତ୍ୱାନୁସାରୀ । ସେହିପରି 'ଜଗନ୍ନାଥ' ପଛରେ 'ଶ୍ରୀ' ବସାଇବା ଦ୍ୱାରା ଏହା ସ୍ପଷ୍ଟ ହୁଏ ଯେ ସେ ଶୂନ୍ୟ ଓ ସ୍ୱୟଂପୂର୍ଣ୍ଣ । ତାଙ୍କର ପୂର୍ଣ୍ଣତାରୁ ଯେତେ ବିୟୋଗ କଲେ ମଧ୍ୟ ସେ ସେହି ପୂର୍ଣ୍ଣ ହିଁ ରହନ୍ତି । ସମୁଦ୍ରରୁ ଜଳ ବାଷ୍ପୀଭୂତ ହେବା, ନଦୀ ସୃଷ୍ଟି ହେବା ଓ ନଦୀମାନେ ପୂର୍ଣ୍ଣତା ପାଇଁ, ଆକର୍ଷଣ ହେତୁ (ଚୁମ୍ବକୀୟ ତତ୍ତ୍ୱ ଦ୍ରଷ୍ଟବ୍ୟ) ସାନ ଖଣ୍ଡଟି ବଡ଼ ଶକ୍ତଠୁଳ ପାଖକୁ ଟାଣିହୋଇ ଆସିବା ଏବଂ ଏସବୁ ମଧ୍ୟରେ ସମୁଦ୍ର ଶୂନ୍ୟ ବା ଅପୂର୍ଣ୍ଣ ନହେବା ପ୍ରଭୃତି ଏହି କଥାର ହିଁ ସୂଚକ ।[୫୦,୫୧] ଓଡ଼ିଶା ଏକ ଶବର ଅଧ୍ୟୁଷିତ ଅଞ୍ଚଳ । ସୁତରାଂ ଜଗନ୍ନାଥ ପ୍ରଥମରୁ ଶବରଙ୍କ ଦ୍ୱାରା ପୂଜା ହୋଇଆସିଥିଲେ । କ୍ରମେ ଆର୍ଯ୍ୟମାନେ ଓଡ଼ିଶା (ଉତ୍ତ୍ରଦେଶ)କୁ ଆସିଛନ୍ତି । ସେମାନଙ୍କର ରାଜନୀତିକ ଦକ୍ଷତା ଅଧିକ ଥିବାରୁ ଏ ମାଟିରେ ସାବର ସଂସ୍କୃତି ସହିତ ଆର୍ଯ୍ୟ ସଂସ୍କୃତିର ସମ୍ମିଳନୀ ଘଟିଛି । ପରେପରେ ଜଗନ୍ନାଥ ଆର୍ଯ୍ୟ ଦେବତା ରୂପେ ମଧ୍ୟ ଗୃହୀତ ହୋଇଛନ୍ତି । "ଜଗନ୍ନାଥଙ୍କୁ କେନ୍ଦ୍ରକରି ଏହି ପବିତ୍ର ପୀଠରେ ନାନା ଧର୍ମମତର ପରୀକ୍ଷା ଓ ପ୍ରତିଷ୍ଠା ହେବାକୁ ଲାଗିଲା । ଏଠାରେ ବୌଦ୍ଧ, ଜୈନ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ ପ୍ରଭୃତି ବିଭିନ୍ନ ଧର୍ମ ମତବାଦୀଗଣ ସ୍ୱୀୟ ଭାବାଦର୍ଶକୁ ଆରୋପ କରି ଶ୍ରୀଜଗନ୍ନାଥଙ୍କୁ ସେମାନଙ୍କର ଧର୍ମର ପ୍ରଧାନ ଦେବତା ବୋଲି ଦାବି କରିବାକୁ ଲାଗିଲେ । ଜୈନ ଓ ବୌଦ୍ଧଧର୍ମରେ ପ୍ରଥମେ ମୂର୍ତ୍ତି ପୂଜାର ପ୍ରଚଳନ ହେବାକୁ ଲାଗିଲା । ମୂର୍ତ୍ତିପୂଜା ପ୍ରତି ଜନସାଧାରଣଙ୍କର ମନ ଆକୃଷ୍ଟ ହୋଇପଡ଼ିବାରୁ ପୁରୀରେ ଜଗନ୍ନାଥଙ୍କର ପ୍ରତିଷ୍ଠା ହେଲା ବୋଲି ଐତିହାସିକ କୃପାସିନ୍ଧୁ ଅନୁମାନ କରନ୍ତି ।[୫୨] ଅନ୍ୟ ଭାଷାରେ କହିବାକୁଗଲେ ବ୍ରହ୍ମର ଲକ୍ଷଣ କଦାପି, କୁତ୍ରାପି ପରିତେଜ୍ୟ ନୁହେଁ । ଏ ମର୍ମରେ ଜଗନ୍ନାଥଙ୍କର ସାମ୍ୟ, ଏ ସଂସ୍କୃତିର ସାମ୍ୟ ଅନ୍ୟ ସହ ଦେଖାଯାଇପାରେ । କାରଣ ଯେକୌଣସି ସଂସ୍କୃତି ହେଉ ପଛକେ, ମୂଳତଃ ତାହା ଆଧ୍ୟାତ୍ମିକ ବିକାଶ ପାଇଁ ପ୍ରଯତ୍ନଶୀଳ ହିଁ ହୋଇଥାଏ । ସୂଚନା ଥାଉକି "ଆଧ୍ୟାତ୍ମିକ ବିକାଶକୁ ସଂସ୍କୃତି କୁହାଯାଏ । ମାତ୍ର ଭୌତିକ ବିକାଶକୁ ସଭ୍ୟତା କୁହାଯାଏ ।"[୫୩] ଜଗନ୍ନାଥ ଧାମ, ନାମ ଓ କ୍ରିୟାକର୍ମାଦିରୁ ଆମେ ବ୍ରହ୍ମବାଦରେ ଇଂଗିତ ହିଁ ପାଇଥାଉଁ ।

ଅନ୍ୟ ଏକ ଯୁକ୍ତି । ବେଦର ସ୍ଥଳେ ଲେଖାଯାଇଛି– ସିନ୍ଧୁରେ ଯେଉଁ ଦାରୁ ପ୍ଲାବିତ ହୁଏ ତଥା ଭାସେ, ସେହି ଅପୌରୁଷେୟ, ସେ ପରଂବ୍ରହ୍ମ ଓ ତାଙ୍କ ପୀଠ ହିଁ ପରମସ୍ଥଳୀ, ପରମପୀଠ, ପୁରୁଷୋତ୍ତମ ପୀଠ ।[୫୪] କିନ୍ତୁ ବେଦରେ ଭାରତର ପ୍ରସିଦ୍ଧ ପୀଠ ମାନଙ୍କର ନାମ ନେଲାବେଳେ ଏହି ଧାମର ନାମ ଉଲ୍ଲେଖ ଦେଖାଯାଏ ନାହିଁ । ପୁଣି କଳିଙ୍ଗ ଦେଶକୁ ଆସିଲେ ପାପ-ପ୍ରାୟଶ୍ଚିତ କରିବାକୁ ହୁଏ, ଇତ୍ୟାଦି କଥା କୁହାଯାଇଛି ।[୫୫] କିନ୍ତୁ ମହାଭାରତ କାଳ ବେଳକୁ କଥା ବଦଳି ଗଲାଣି । 'ମହାଭାରତ'ର ବନପର୍ବରେ ଲୋମଶ ଋଷି ବୈତରଣୀ କୂଳସ୍ଥ ବିରଜାପୀଠ ଓ ସମୁଦ୍ର କୂଳରୁ ଅନ୍ୟତମ ପବିତ୍ର ପୀଠ କଥା କହିଛନ୍ତି ।[୫୬] ସେଠାରେ କୁହାଯାଇଥିବା "ବେଦୀରୂପାସ୍ଥିତାବଭୌ ମଧ୍ୟସ୍ଥ 'ବେଦୀ'କୁ 'ରତ୍ନବେଦୀ' ବୋଲି କେହିକେହି କହନ୍ତି । ତେବେ ଏକଥା ମୂଳେ ଜଣାଯାଏ ଯେ ମହାଭାରତ ଯୁଗ ପୂର୍ବରୁ ଜଗନ୍ନାଥ ପ୍ରସିଦ୍ଧ ହେଲେଣି । ତା'ଛଡ଼ା ବେଦରେ ଉତ୍କଳ/ କଳିଙ୍ଗ ଦେଶକୁ ଆସିବା ଦ୍ୱାରା ପାପ ହେବାକଥା କୁହାଯିବାର କାରଣ ବୋଧହୁଏ ଏହା ହୋଇପାରେ ଯେ, ଉତ୍ତ୍ରଦେଶ ସେକାଳରେ ଅନାର୍ଯ୍ୟ ମାନଙ୍କ ଦ୍ୱାରା ଅଧ୍ୟୁଷିତ ଥିଲା ଓ ବେଦାଦି ଆର୍ଯ୍ୟମାନଙ୍କର କୃତି । ତେବେ ସମନ୍ୱୟ କ୍ରମେ ଧୀରେଧୀରେ ଏ ଧାମ ପ୍ରସିଦ୍ଧି ଲାଭ କରିଛି । ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଜଗନ୍ନାଥଙ୍କୁ ପ୍ରାକ୍ ମହାଭାରତ କାଳର ବୋଲି ମାନିଛନ୍ତି ଓ ପ୍ରମାଣ ମଧ୍ୟ କରିଛନ୍ତି ।[୫୭] ଜଗନ୍ନାଥଙ୍କ ଅସ୍ମିତାକୁ ଓ ଓଡ଼ିଶାର ପୁରୀ ହିଁ ସେଇ ପୀଠ ବୋଲି କୃପାସିନ୍ଧୁ ମିଶ୍ର ଓ ହରେକୃଷ୍ଣ ମହତାବ ମଧ୍ୟ ସମର୍ଥନ କରନ୍ତି । Legends of Jagannath Puri (1981) ରେ ଅତ୍ୟନ୍ତ ଭାବବିହ୍ୱଳ ଚିତ୍ତରେ ଦାବି କରିଛନ୍ତି ଯେ, ପୁରୀ ପୀଠ ସବୁ ଯୁଗରେ ବିଦ୍ୟମାନ ।[୫୮] 'ଜ୍ଞାନସିଦ୍ଧି' ଓ 'ପଦ୍ମପୁରାଣ'ରେ 'ଜଗନ୍ନାଥ' ନାମଟି ରହିଛି । ଭାରତବର୍ଷରେ ଇତିହାସ ରଚନାର

ପରଂପରା ବଡ଼ ଦୁର୍ବଳ । ଏଣୁ ପୁରାଣ ମାନଙ୍କରୁ ଇତିହାସକୁ ସଂଗ୍ରହ କରାଯାଇପାରେ । ଏହା ଆପତଃ ଭରସାଯୋଗ୍ୟ ଉତ୍ସ ମଧ୍ଯ । ଖ୍ରୀଷ୍ଟୀୟ ୩ୟ ଶତାବ୍ଦୀରେ ରଚିତ 'ମତ୍ସ୍ୟପୁରାଣ'ରେ 'ବିମଳା ଓ ପୁରୁଷୋତ୍ତମ' କ୍ଷେତ୍ର କଥା କୁହାଯାଇଛି ।[୫୯] ୪ର୍ଥ ଶତାବ୍ଦୀରେ ଲିଖିତ 'ବିଷ୍ଣୁପୁରାଣ'ରେ ସମୁଦ୍ରକୂଳର ପୁରୁଷୋତ୍ତମ ପୀଠ ବର୍ଣ୍ଣନା ରହିବା ସାଙ୍ଗରେ ଏଠାକାର ମହାପ୍ରସାଦରେ ଭେଦାଭେଦ ନାହିଁ ବୋଲି ମଧ୍ୟ କୁହାଯାଇଛି ।[୬୦] ଏହା ଏକ ବିଷ୍ଣୁକ୍ଷେତ୍ର । ପଦ୍ମପୁରାଣ, ଭବିଷ୍ୟପୁରାଣ ଓ ବ୍ରହ୍ମବୈବର୍ତ୍ତ ପୁରାଣରେ ଏହାର ବର୍ଣ୍ଣନା ସାମର୍ଥନିକ ଭଂଗୀରେ ରହିଛି । ମହାପ୍ରସାଦରେ ଜାତିଭେଦହୀନତା ବୋଧହୁଏ ଆର୍ଯ୍ୟମାନଙ୍କ ନାସାକୁଂଚନର କାରଣ ହୋଇଥାଇପାରେ । 'କୂର୍ମପୁରାଣ', 'ତନ୍ତ୍ରଯାମଳ' ଏବଂ 'ରୁଦ୍ରଯାମଳ'୪ର୍ଥ ଶତାବ୍ଦୀର ରଚନା । ଏଥିରେ ସ୍ପଷ୍ଟ ଭାବେ 'ଜଗନ୍ନାଥ' ନାମ ଘୋଷିତ ହୋଇଛି ।[୬୧] ପୁଣି ୧୦ମ ଶତାବ୍ଦୀରେ ଲିଖିତ 'ସ୍କନ୍ଦ ପୁରାଣ'ରେ ଜଗନ୍ନାଥଙ୍କ ମହିମା ବର୍ଣ୍ଣିତ ।[୬୨] ଏଥିରୁ ମନେହୁଏ ୧୦ମ ଶତାବ୍ଦୀ ବେଳକୁ ଜଗନ୍ନାଥ ହିନ୍ଦୁମାନଙ୍କ ମଧ୍ୟରେ ପ୍ରସିଦ୍ଧି ଲାଭ କଲେଣି । ତେବେ ମୂଳକଥାଟା ହେଲା ଜଗନ୍ନାଥଙ୍କ ପ୍ରାଚୀନତା ନିରୂପଣ କରିବା ନୁହେଁ, ତାଙ୍କର ବ୍ରହ୍ମତ୍ୱ ନିରୂପଣ କରିବା । ଯଦି ସେ ପ୍ରାଚୀନ ଥିଲେ ଓ ପରିଚିତ ଥିଲେ ତେବେ ଅନ୍ୟେ ତାଙ୍କୁ ବ୍ରହ୍ମ କହିବା ପ୍ରସଙ୍ଗ ଅନ୍ୱେଷଣରେ ଏହି ଚର୍ଚ୍ଚା ଉଦ୍ଦିଷ୍ଟ ଥିଲା । ତେବେ ମୂଳକଥାଟା ହେଲା ବ୍ରହ୍ମର ସର୍ବବିଧ ଲକ୍ଷଣ ଜାଣି ସାରିବାପରେ ଜଗନ୍ନାଥଙ୍କ ସହ ଅଭେଦ କରାଯାଇପାରେ । ଅନେକ ଗୁଣରେ ଜଗନ୍ନାଥଙ୍କ ଠାରେ ବ୍ରହ୍ମତ୍ୱ ରହିଛି, ଅର୍ଥାତ୍ ସେ ବ୍ରହ୍ମରୂପୀ, ଦାରୁବ୍ରହ୍ମ, ସ୍ୱୟଂବ୍ରହ୍ମ ।

ଭଗବତ୍‌ଙ୍କର ବିଗ୍ରହ (Divine person) ଓ ସ୍ୱରୂପ (Divine Essence) ହେଉଛି ଏକ । ଆନନ୍ଦ ଇତ୍ୟାଦି ଗୁଣ ଗୁଡ଼ିକ ତାଙ୍କର ବୈଶିଷ୍ଟ୍ୟ ସୂଚେଇବା ପାଇଁ ପ୍ରତୀକ ବା ଶବ୍ଦ ଏବଂ ସେଗୁଡ଼ିକର ସମତାକୁ ବିଗ୍ରହ କୁହାଯାଏ । ତେଣୁ ତାଙ୍କର ବିଗ୍ରହ ହେଉଛି ତାଙ୍କର ଆତ୍ମା ।[୬୩] ଘନ ଶବ୍ଦ ମୂର୍ତ୍ତି/ମୂର୍ତ୍ତ ଭାବନା[୬୪]କୁ ସ୍ପଷ୍ଟ କରେ । ତେଣୁ ଉପାସ୍ୟକୁ ଅମୂର୍ତ୍ତ ନକହି 'ମୂର୍ତ୍ତ' କୁହାଯାଇଛି । କିନ୍ତୁ ଏ ମୂର୍ତ୍ତି ପବିତ୍ର । ଏହା ମନୁଷ୍ୟ ପରି ସ୍ଥୁଳ ବା ଐନ୍ଦ୍ରିୟ ମୂର୍ତ୍ତି ନୁହେଁ ।[୬୫] ଇନ୍ଦ୍ରିୟଗୁଡ଼ିକ ପ୍ରାକୃତ ଓ ଜଡ଼ । କିନ୍ତୁ ସେ ଅପ୍ରାକୃତ ହେଲେ ହେଁ ଅପ୍ରାକୃତ ବିଗ୍ରହର ଅଧିକାରୀ ନୁହଁନ୍ତି । ଏହା ଜଗନ୍ନାଥଙ୍କ ଦରଗଢ଼ା ଦାରୁ-ମୂର୍ତ୍ତିକୁ ବେଶ୍ ପ୍ରତିପାଦିତ କରିଥାଏ ।

ପୁଣି ଅନ୍ୟାନ୍ୟ ସମସ୍ତ ମୂର୍ତ୍ତି/ ଦେବଦେବୀ ପ୍ରସ୍ତର ବା ଧାତୁ ନିର୍ମିତ ହୋଇଥିଲା ବେଳେ ଶ୍ରୀଜଗନ୍ନାଥ ଦାରୁ ନିର୍ମିତ । ଏଥିରୁ Biological science ର ତତ୍ତ୍ୱ ଅନୁସାରେ ବ୍ରହ୍ମତତ୍ତ୍ୱର ପ୍ରତିପାଦନ କରାଯାଇପାରେ । ବୃକ୍ଷ ଜୀବ ଅଟେ । ଜୀବର ମୃତ୍ୟୁ ପରେ ଘଟ ପଞ୍ଚଭୂତରେ ଲୀନ ହେବା ଯାହା ଶ୍ରୀଜଗନ୍ନାଥ ସେୟା । କେବଳ ଲୋକଙ୍କ ସାକାର ମୂର୍ତ୍ତି ଚେତନା ହେତୁ ନିମ୍ବକାଷ୍ଠ (Resistive to pests) ରୁ ମୂର୍ତ୍ତି ନିର୍ମାଣ ହେଉଛି । ସେ ପୁଣି କଳା ରଙ୍ଗର । ତେବେ ନବକଳେବର ଚେତନାରେ ମଧ୍ୟ ଏହି ବ୍ରହ୍ମତତ୍ତ୍ୱ ଆହୁରି ପ୍ରାଞ୍ଜଳ ଭାବରେ ପ୍ରତିପାଦିତ ହୋଇଥାଏ । ଗୋଟିଏ ଘଟ ମାଟିରେ ମିଶିବା ଓ ଅନ୍ୟ ଏକ ଘଟ ପୁନଃ ସଂସ୍ଥାପିତ ହେବା ତଥା ତା'ମଧ୍ୟରେ ବ୍ରହ୍ମ/ଆତ୍ମା ପ୍ରବେଶ କରିବା ଦ୍ୱାରା ଜୀବନ୍ତ ହେବା ପୁନଃ ଜୀବଚକ୍ର ଲୀଳା କଥାକୁ ହିଁ ସ୍ପଷ୍ଟ କରିଥାଏ । ଏହାହିଁ ତ ବ୍ରହ୍ମର ଅସ୍ମିତା ସ୍ୱୀକାର ! ଏହା ହିଁ ବ୍ରହ୍ମତତ୍ତ୍ୱ । ଜଗନ୍ନାଥ ନିଜେ ବ୍ରହ୍ମ ହୋଇ, ନିରାକାର-ନିର୍ଗୁଣ ହୋଇ ସାକାର ରୂପ ଧରି 'ନିରାକାର-ସାକାର' ରୂପରେ ନିଜେ ଦାରୁ ଚୟନ କରି (ଯେହେତୁ ସ୍ୱୟଂ ବ୍ରହ୍ମ, ତେଣୁ ନିଜେ ନିଜର ଶରୀର ଚୟନ କ୍ଷମତା ତାଙ୍କର ରହିଛି) ଉପଯୁକ୍ତ ଦିନ-କାଳ ପାତ୍ରରେ, ଉପଯୁକ୍ତ ଦାରୁରେ, ଉପଯୁକ୍ତ ପାତ୍ର ଦ୍ୱାରା ପାତାଳୀ ହେବାପରେ, ସମାଧି ପରେ ପୁନଃ ଲୀଳା ପାଇଁ ନବକଳେବର ଧାରଣ କରନ୍ତି । ଏହା ମଣିଷର ଜୀବନଚକ୍ର ନିମିତ୍ତ । ଧର୍ମର ମାନେ ଆଉ କ'ଣ କି ? ସଂସ୍କୃତିର ଉଦ୍ଦେଶ୍ୟ ଆଉ କ'ଣ ? କାହାପାଇଁ ଏସବୁ ? ସବୁ ଜୀବନ ପାଇଁ । ଏଣୁ ବ୍ରହ୍ମଙ୍କର ଏଇ ରହସ୍ୟମୟ ଲୀଳା । ପୁଣି ବ୍ରହ୍ମ ରହସ୍ୟମୟ ହୋଇଥିବାରୁ ଶ୍ରୀଜଗନ୍ନାଥ ଆଜିଯାଏ ରହସ୍ୟମୟତା ମଧ୍ୟରେ ନିମଜ୍ଜିତ । ତାଙ୍କର ଅନେକ ତତ୍ତ୍ୱ, ଅନେକ ରୂପ, ଭଣ୍ଡାର, ଶ୍ରୀମନ୍ଦିର ଓ ଅନ୍ୟାଦି ବିଭାବ ରହସ୍ୟମୟ । ଏଣୁ ଏ ସୂତ୍ରରେ ସେ ବ୍ରହ୍ମ ।[୬୬] ନବକଳେବରରେ ନୃସିଂହ ମନ୍ତ୍ରର କାରଣ ବିବର୍ତ୍ତନ ଗତ ସତ୍ୟ ଓ ବିବର୍ତ୍ତନ ଓ Genesis Theory / ସିଦ୍ଧାନ୍ତ ସାପେକ୍ଷ ଅଭିବ୍ୟକ୍ତି । ସେହିପରି ଯୋଡ଼ ଆଷାଢ଼କୁ ଅଶୁଭ 'ମଳମାସ' କୁହାଯାଇଥିବାରୁ ଏହାକୁ 'ପୁରୁଷୋତ୍ତମ ମାସ' କହିବା 'କଳିଙ୍ଗ'କୁ ଚଣ୍ଡାଳ ଦେଶ/

ଅଶୌଚ ପୀଠ କହିବା ଓ ପରେ ପୁରୁଷୋତ୍ତମ ପୀଠ ନାମ ବହିବା କଥା ପୂର୍ବୋକ୍ତ ଯୁକ୍ତିକୁ ଆହୁରି ସୁଦୃଢ଼ କରେ । ଦେବୀଙ୍କ ମହାତ୍ମ୍ୟ ଓ ଗୁରୁତ୍ୱ, ମଙ୍ଗଳା, ବିମଳା, ବାସେଳୀ, କମଳାଙ୍କ ଗୁରୁତ୍ୱ ପ୍ରତୀକାତ୍ମକ ଭାବରେ ପୁନର୍ଜନ୍ମ / ପ୍ରଜନନ କ୍ରିୟାରେ ନାରୀର ଗୁରୁତ୍ୱକୁ ଆଉ ବୁଝାଇ ନାହିଁ ତ ? ଏକଥା ଅନୁଧ୍ୟାନଯୋଗ୍ୟ । ୧୦୮ ସ୍ୱପ୍ନାବତୀ ମନ୍ତ୍ର ଜପ, ବିଗ୍ରହ ଉପଯୋଗୀ ଉପଯୁକ୍ତ ଦାରୁଚୟନ, ଦାରୁ ବୃକ୍ଷଙ୍କୁ ଆଜ୍ଞାମାଳ, ଯଜ୍ଞମଣ୍ଡପ ନିର୍ମାଣ ଓ ଅଙ୍କୁରାରୋପଣ, ମଙ୍ଗଳା, ମାଧବ ଓ ଯଜ୍ଞ ନୃସିଂହ କ୍ରିୟା (Theory of Genesis), ନୃସିଂହ ମନ୍ତ୍ରର ଜପ, ଯଜ୍ଞକୁଣ୍ଡରେ ଶାୟିତା ମା' ଲକ୍ଷ୍ମୀ, ଯଜ୍ଞକର୍ମ କଳସରେ ଆହୂତି, ଯଜ୍ଞର ପୂର୍ଣ୍ଣାହୂତିକାଳୀନ କୁଷ୍ମାଣ୍ଡବଳି, ଦାରୁବୃକ୍ଷରେ ଓଲଟ ମନୁଷ୍ୟ ଚିତ୍ର, ଘିଅ-ମହୁବୋଳା ସୁନା-ରୂପା ଓ ଲୁହା କୁରାଢ଼ି (Nutrients), ସୁନାମୁଦି, ମତ୍ସ୍ୟକୁଣ୍ଡଳ, ଅନ୍ତର୍ଯାଗ ଓ ପଟବ୍ରହ୍ମ ପୂଜା, ତାରାବଳି ତତ୍ତ୍ୱ, ଚକ୍ରାବ୍ଜ ମଣ୍ଡଳରେ କଳେବର ନୃସିଂହ (Evolution) ଘଟପରିବର୍ତ୍ତନ ଓ ପାତାଳୀ ପର୍ବରେ ବିବିଧ ବିଶିଷ୍ଟ କ୍ରିୟା ଯଥା- ଓଲଟ ଶୁଆ, (ଜୀବ ପରମର ଗମନାଗମନ) ତଥା ମହାଣସର ଓ ସପ୍ତାବରଣ, ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ସଂପୂର୍ଣ୍ଣ ରୂପେ ମଣିଷର ଜନ୍ମ[୬୭] ଓ ମୃତ୍ୟୁ ତଥା ଜନ୍ମ ପ୍ରକ୍ରିୟା, ଗର୍ଭସ୍ଥ (Development, Gestration), ଶିଶୁର ଜନ୍ମ ଆଦି ସବୁ ପ୍ରକ୍ରିୟା ଏଥିରେ ପ୍ରତୀକାତ୍ମକ ଭାବରେ ଅଭିବ୍ୟକ୍ତ । ନିଜେ ବ୍ରହ୍ମ ହୋଇଥିବାରୁ ସେ ଏହାକୁ ନିଜେ ଚୟନ କରନ୍ତି ସତ; କିନ୍ତୁ ପ୍ରକ୍ରିୟା ସବୁ କରନ୍ତି ଅନ୍ୟମାନେ, ବିଧିମତେ । "ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ ।" କଥା ବାସ୍ତବରେ ଏଠାରେ ପ୍ରତିପାଦିତ ।

ବ୍ରହ୍ମ ଷୋଳକଳାଯୁକ୍ତ ବୋଲି ବେଦ କହିଲା ବେଳେ 'ଜଗନ୍ନାଥ ଚରିତାମୃତ'ରେ ଦିବାକର ଦାସ କହନ୍ତି- "ଜଗନ୍ନାଥ ଯେ ଷୋଳକଳା, ତହୁଁ କଳାଏ ନନ୍ଦବଳା ।" ତେବେ ନନ୍ଦବଳା କଥା ଗୁରୁତ୍ୱପୂର୍ଣ୍ଣ ନୁହେଁ । ତାହା ଶାରିରୀକ ରୂପ । ମାତ୍ର ଜଗନ୍ନାଥ ଶୂନ୍ୟ ରୂପ । ଯଥାର୍ଥରେ କୁହାଯାଇଛି- 'କଳାକେ ଷୋଳକଳା କରି ଗୋପେ ବିହରେ ନରହରି ।' ଦୀନକୃଷ୍ଣ ମଧ୍ୟ ସେଇ କଥା କହନ୍ତି ।[୬୮] ଦେବେନ୍ଦ୍ର ମହାନ୍ତି କହନ୍ତି- ସେ ଅଂଶୀ ଓ ଅବତାରୀ ।[୬୯] ଶ୍ରୀଜଗନ୍ନାଥ ଓ ଶ୍ରୀଜଗନ୍ନାଥ ସଂସ୍କୃତି ରସ ଓ ରହସ୍ୟର ସ୍ନିଗ୍ଧ ସ୍ୱରୂପ[୭୦] ଅଟେ । ଶ୍ରୀଜଗନ୍ନାଥ ସ୍ୱୟଂ ବ୍ରହ୍ମ ଏହା ପ୍ରମାଣିତ । ସେ ବିଶ୍ୱଭ୍ରାତୃତ୍ୱ, ଏକତା, ଶାନ୍ତି, ଶୂନ୍ୟତା, ପୂର୍ଣ୍ଣତା, ଉଚ୍ଚ ଭାବନା, ବିନ୍ଦୁ ମଧ୍ୟେ ସିନ୍ଧୁର ଭାବନା, ମୈତ୍ରୀ, ଦୁଃଖହୀନତା, ଅମୃତ ଅନୁଭବ, ଅମୂର୍ତ୍ତ ଦୃଷ୍ଟି, ସ୍ନେହ, ସଂପ୍ରୀତି ଓ ସୌହାର୍ଦ୍ଦ୍ୟର ପ୍ରତୀକ । ସେ ପରମ । ଏ ସଂସ୍କୃତି ଅକ୍ଷରାମୂର୍ତ୍ତ ଚେତନାର ବାର୍ତ୍ତାବହ । ଏଣୁ ବ୍ରହ୍ମର ସତ୍ୟତା ଠାରୁ ବ୍ରହ୍ମର ସର୍ବତ୍ର ବିଦ୍ୟମାନତା (Omripresent) ଗୁଣଟି ଉପରେ ଧ୍ୟାନ ଦେଲେ 'ଜଗନ୍ନାଥ' 'ଶ୍ରୀଜଗନ୍ନାଥ' ହୋଇ 'ବ୍ରହ୍ମ'- 'ମୂର୍ତ୍ତ ରୂପ'ରେ 'ପ୍ରବେଶ' ପୂର୍ବକ 'ଜୀବ-ପରମ' ସଂଯୋଗ କ୍ରମେ ଜଗତର ନାଥ 'ପରଂବ୍ରହ୍ମ' ରୂପେ ପ୍ରତିପାଦିତ ହୋଇପାରିବେ । ସେ ହିଁ ପୂର୍ଣ୍ଣ ପୁରୁଷ । ସେହିଁ ମୃତ୍ୟୁ । ଏଣୁ ମରଣରୁ ତଥା ଜନ୍ମ-ମରଣ ଚକ୍ରରୁ ଉର୍ଦ୍ଧ୍ୱକୁ ଯାଇ ମୃତ୍ୟୁକୁ ପାଇବା ଅର୍ଥ ପରଂବ୍ରହ୍ମରେ ବ୍ରହ୍ମ ବିଲୀନ ହେବା, ମୃତ୍ୟୁରେ ଅମୃତରେ ବିଲୀନ ହେବା । ଏହିପରି ଶ୍ରୀଜଗନ୍ନାଥ ଚେତନା ଓ ଶ୍ରୀଜଗନ୍ନାଥ ସଂସ୍କୃତି ଅମୃତ ଅକ୍ଷର ବ୍ରହ୍ମତତ୍ତ୍ୱରେ ପରିପୂର୍ଣ୍ଣ । "ଜଗନ୍ନାଥସ୍ତୁ ସ୍ୱୟଂ ବ୍ରହ୍ମ ସାକ୍ଷାତ ଅକ୍ଷର ସ୍ୱରୂପ" ॥

**ପୃଷ୍ଠଟୀକା :**

୧. ବ୍ରହ୍ମ ନିତ୍ୟଶୁଦ୍ଧ-ବୁଦ୍ଧ-ମୁକ୍ତ ସ୍ୱଭାବ-ସର୍ବଜ୍ଞ ଓ ସର୍ବଶକ୍ତିମାନ ଅଟେ । ଏହାହିଁ 'ବ୍ରହ୍ମ'ର ବ୍ୟୁତ୍ପତ୍ତିଗତ ଅର୍ଥ । 'ବ୍ରହ୍ମସୂତ୍ର ଭାଷ୍ୟ'ରେ ଯଥାର୍ଥରେ କୁହାଯାଇଛି- "ଅସ୍ତିତାବଦ୍ ବ୍ରହ୍ମ ନିତ୍ୟଶୁଦ୍ଧବୁଦ୍ଧ ମୁକ୍ତ ସ୍ୱଭାବଂ, ସର୍ବଜ୍ଞଂ, ସର୍ବଶକ୍ତି ସମନ୍ୱିତ୍ୱମ୍, ବ୍ରହ୍ମଶବ୍ଦସ୍ୟ ହି ବ୍ୟୁତ୍ପାଦ୍ୟମାନସ୍ୟ ନିତ୍ୟଶୁଦ୍ଧ ତ୍ୱାଦୟୋଽର୍ଥାଃ- ପ୍ରତୀୟନ୍ତେ, ବୃହତ୍ତେର୍ଧାତୋରର୍ଥାନୁଗମାତ୍ ।"

(୧-୧-୧) ।

୨. ଆଚାର୍ଯ୍ୟ ଶଙ୍କର ନିଜର ଅଦ୍ୱୈତ ତତ୍ତ୍ୱ ମୀମାଂସାର ସାର ନିର୍ଯ୍ୟାସ ବ୍ୟକ୍ତ କରିବାକୁ ଯାଇ କହିଛନ୍ତି-

"ଶ୍ଳୋକାର୍ଦ୍ଧେନ ପ୍ରବକ୍ଷ୍ୟାମି ଯଦୁକ୍ତଂ ଗ୍ରନ୍ଥକୋଟିଭିଃ,
ବ୍ରହ୍ମସତ୍ୟଂ ଜଗନ୍ମିଥ୍ୟା ଜୀବୋ ବ୍ରହ୍ମୈବ ନାପରଃ ।".

୩. ଯଜୁର୍ବେଦ (୩୨/୧)ରେ ଯଥାର୍ଥରେ କୁହାଯାଇଛି-

"ତଦେବାଗ୍ନି ସ୍ତଦାଦିତ ସ୍ତଦ୍ୱାୟୁଦସ୍ତଦୁ ଚନ୍ଦ୍ରମା
ତଦେବଶୁକ୍ରଂ ତଦବ୍ରହ୍ମ ତା ଅପଃ ସ ପ୍ରଜାପତିଃ ।"

ଋକ୍‌ବେଦ (୮/୬/୪୧)ରେ ବ୍ରହ୍ମର ଏକଚ୍ଛତ୍ରବାଦିତାକୁ

ପ୍ରତିଫଳିତ କରି କୁହାଯାଇଛି- "ଋଷିର୍ହି ପୂର୍ବଜା ଅସ୍ୟେକ ଈଶାନ ଓଜସା, ଇନ୍ଦ୍ର ଚୋଷ୍କୂୟସେବସୁ ।" ଅଥବା "ଭୂରେରୀଶାନଃ" (ଋକ୍‌ବେଦ- ୧/୬୧/୧୫), "ଈଶାନ ଓଜସା" (ଋକ୍ ୮/୪୦/୫) । ତା'ଛଡ଼ା ଋକ୍‌ବେଦର ୬/୨୧/୮, ଅଥର୍ବ ୨୦/୨୨୧/୧, ଋ.ସଂ. ୮/୧/୨୦, ୮/୪୬, ୬/୫୩/୧, ୮/୮୧/୪, ତୈତ୍ତି. ସଂ. ୨/୪/୧୪/୨ ଋ. ସଂ. ୨/୧୭/୪ ପ୍ରଭୃତି ମନ୍ତ୍ରରେ ଈଶ୍ୱର/ବ୍ରହ୍ମକୁ ପରମ ଶକ୍ତିଶାଳୀ ଶାସକ ବୋଲି କୁହାଯାଇଛି । ଏହି ପରମତତ୍ତ୍ୱକୁ ଜଗତ ଯଜୁର୍ବେଦ (୪୦ ଅଧ୍ୟାୟ) 'ଈଶାବାସ୍ୟୋପନିଷଦ୍'ରେ 'ଈଶାବାସ୍ୟମିଦଂ ଜଗତ ଯତ୍‌କିଂଚିତ୍ ଜଗତ୍ୟା' ବୋଲି କୁହାଯାଇଛି । ସେହି ବେଦ ସଂହିତାରେ ଆହୁରି କୁହାଯାଇଛି- ବ୍ରହ୍ମ, ପରମତତ୍ତ୍ୱର ସର୍ବଦିଗ ବ୍ୟାପ୍ତି, ସର୍ବାଦ୍ୟତା, ସର୍ବପ୍ରାଚୀନ, ସର୍ବସୃଷ୍ଟି କାରଣ, ସର୍ବଶରୀର ପ୍ରକାଶିତ, ସର୍ବସୃଷ୍ଟିର ପୂର୍ବତମ, ସର୍ବକାରାଣାଦି ରୂପେ ବ୍ୟକ୍ତ କରାଯାଇଛି । ସେଠାରେ କୁହାଯାଇଛି-

"ଏଷୋ ହ ଦେବଃ ପ୍ରଦିଶୋଽନୁ ସର୍ବାଃ
ପୂର୍ବୋ ହ ଜାତଃ ସ ଉଗର୍ଭେ ଅନ୍ତଃ ।
ଏବ ସ ଜାତଃ ସଜନିଷ୍ୟମାଣଃ
ପ୍ରତ୍ୟଙ୍ଗ ଜନାସ୍ତି ସର୍ବତୋମୁଖଃ ।"

୪. ଆଚାର୍ଯ୍ୟ ଶଙ୍କର ତାଙ୍କର ବ୍ରହ୍ମସୂତ୍ର ଭାଷ୍ୟରେ କହିଛନ୍ତି- "ସର୍ବସ୍ୟ ଆତ୍ମାତ୍ୱାତ୍ ଚ ବ୍ରହ୍ମାସ୍ତିତ୍ୱପ୍ରସିଦ୍ଧିଃ ।" 'ତୈତ୍ତିରୀୟ ଉପନିଷଦ୍'ରେ ଯଥାର୍ଥରେ କୁହାଯାଇଛି-

"ଯତୋ ବା ଇମାନି ଭୂତାନି ଜାୟନ୍ତେ, ଯେନ ଜାତାନି ଜୀବନ୍ତି,
ଯତ୍ ପ୍ରୟନ୍ତ୍ୟଭିସଂବିଶନ୍ତି ତଦ୍ ବିଜିଜ୍ଞାସସ୍ୱ ତଦ୍ ବ୍ରହ୍ମେତି ।"

ଅର୍ଥାତ୍ ଯାହାଠାରୁ ଏହି ସମସ୍ତ ଭୂତ ପଦାର୍ଥ ଉତ୍ପନ୍ନ ହୁଅନ୍ତି, ଯାହାଦ୍ୱାରା ଉତ୍ପତ୍ତି ଲାଭ କରି ଜୀବିତ ରହନ୍ତି ଏବଂ ଯାହାମଧ୍ୟରେ ପରିଶେଷରେ ବିଲୀନ ହୁଅନ୍ତି ସେ ହିଁ ବ୍ରହ୍ମ, ତାହାରି ଜିଜ୍ଞାସା କର୍ତ୍ତବ୍ୟ ।

୫. 'ଗୀତାଭାଷ୍ୟ'ରେ ଆଚାର୍ଯ୍ୟ ଶଙ୍କର ଆହୁରି ସ୍ଥଳେ କହିଛନ୍ତି- "ଯଦ୍ ବିଷୟା ବୁଦ୍ଧିଃ ନ ବ୍ୟଭିଚରତି ତତ୍‌ସତ୍, ଯଦ୍ ବିଷୟା ବୁଦ୍ଧିଃ ବ୍ୟଭିଚରତି ତତ୍ ଅସତ୍ ।" ଉପନିଷଦ୍‌ରେ ସ୍ଥଳେ କୁହାଯାଇଛି-

"ଅଦ୍ୱିତୀୟ ବ୍ରହ୍ମତତ୍ତ୍ୱେ ସ୍ୱପ୍ନୋଽୟଂ ଅଖିଳଂ ଜଗତ୍
ଈଷାଜୀବ ରୂପେଣ ଚେତନା ଚେତନା-ତ୍ମକମ୍ ।"

ଈଶ୍ୱର ସବୁ ଭୂତରେ ଅଛନ୍ତି, ସର୍ବତ୍ର ବିଦ୍ୟମାନ । ନିଦ୍ରାରେ ସ୍ୱପ୍ନ ସତ୍ୟ ପରି ପ୍ରତୀତ ହେଲେ ମଧ୍ୟ ତାହା ସତ୍ୟ ନୁହେଁ । ନିଦ୍ରାଭଙ୍ଗ ହେଲେ ସ୍ୱପ୍ନ ସତ କି ମିଛ ଜଣାପଡ଼ିଲା ପରି ବ୍ରହ୍ମ ଜ୍ଞାତ ହୁଏ । ଅଜ୍ଞାନ ନିଦ୍ରାରୁ ମଣିଷ ଉଠିଲେ ବ୍ରହ୍ମଜ୍ଞାନ ପାଇବ । କାରଣ ବ୍ରହ୍ମ ହିଁ କେବଳ ଜ୍ଞାନ ।

ଗୀତାରେ ଈଶ୍ୱର କହୁଛନ୍ତି- "ଅହଂ ଆତ୍ମା ଗୁଡ଼ାକେଶୀ ସର୍ବଭୂତାଶ୍ରୟ ସ୍ଥିତଃ", "ମଦାତ୍ମା ସର୍ବଭୂତାତ୍ମା" ବା "ଈଶ୍ୱର ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି" କହିବା ସହିତ ଶେଷରେ କହନ୍ତି- "ବୀଜମାଂ ସର୍ବଭୂତାନାଂ ବିଦ୍ଧିପାର୍ଥ ସନାତନଂ ।" ଅର୍ଥାତ୍ ସେ ହେଉଛନ୍ତି ଶାଶ୍ୱତ, ସନାତନ ବୀଜ । ଏହି ମଞ୍ଜି ସର୍ବଭୂତ ମଧ୍ୟରେ ଥାଏ ।

୬. ଆଚାର୍ଯ୍ୟ ଶଙ୍କର କହିଛନ୍ତି- "ସତ୍ୟଶବ୍ଦେନ ବ୍ରହ୍ମ ଲକ୍ଷ୍ୟତେ, ନ ତୁ ଉଚ୍ୟତେ ।" କାରଣ ଗୋଟିଏ ସତ୍ୟ, ଅପରଟି ଅସତ୍ୟ, ମାୟା । ମାୟାକୁ ଆଚାର୍ଯ୍ୟ ଶଙ୍କର 'ପରମେଶ୍ୱରଙ୍କ ଶକ୍ତି', "ଅବ୍ୟକ୍ତ', 'ଅବିଦ୍ୟା' ପ୍ରଭୃତି କହି ସ୍ପଷ୍ଟ କରିଛନ୍ତି । ବିବେକ ଚୂଡ଼ାମଣିରେ ଶଙ୍କର ମାୟାକୁ ବର୍ଣ୍ଣନା କରି କହନ୍ତି- "ଅବ୍ୟକ୍ତ ନାମ୍ନୀ ପରମେଶ ଶକ୍ତିର ନାଦ୍ୟବିଦ୍ୟା ତ୍ରିଗୁଣାତ୍ମିକାପରା, କାର୍ଯ୍ୟାନୁମେୟା ସୁଧିୟୈବ ମାୟା ଯୟା ଜଗତ୍ ସର୍ବମିଦଂ ପ୍ରସୂୟତେ ।" ଏଣୁ ବ୍ରହ୍ମ ହିଁ ସତ । ଜଗତ୍, ମାୟାଦି ଆଂଶିକ ସତ ବା ମିଥ୍ୟା ଅଟେ ।

ଋକ୍‌ବେଦରେ କୁହାଯାଇଛି-

"ମାୟା ବାଂ ମିତ୍ରା ବରୁଣା ଦିବିଶ୍ରିତା,
ସୂର୍ଯ୍ୟୋଜ୍ୟୋତି ଶ୍ଚରତି ଚିତ୍ରମାୟୁଧମ୍ ।
ତାମଭ୍ରେଣ ବୃଷ୍ଟ୍ୟା ଗୁହସ୍ତୋ ଦିବି,
ପର୍ଜନ୍ୟ ଦ୍ରପ୍‌ସା ମଧୁମନ୍ତ ଈରତେ ।"

(ଋକ୍-୫-୬୩-୪)

ଶ୍ୱେତାଶ୍ୱେତରଉପନିଷଦ୍ ମାୟାର ବେଶ୍ ବର୍ଣ୍ଣନା ପ୍ରଦାନ କରିଛି । ସେଠାରେ କୁହାଯାଇଛି- "ମାୟାଂତୁ ପ୍ରକୃତିଂ ବିଦ୍ୟାନ୍ ମାୟିନଂତୁ ମହେଶ୍ୱରମ୍ ।" ବା "ଅସ୍ମାନ୍ ମାୟୀ ସୃଜେତ୍ ବିଶ୍ୱମେତତ୍- ତସ୍ମିଂଶ୍ଚାନ୍ୟୋମାୟୟାସଂନିରୁଦ୍ଧଃ ।"

ଏଣୁ ଏଠାରେ ମଧ୍ୟ ପରମାତ୍ମା ବା ବ୍ରହ୍ମ ଓ ଜଗତ୍‌ର ସତ୍ୟାସତ୍ୟ ପ୍ରତିପାଦିତ ହୋଇଥାଏ ।

୭. "ଓମିତ୍ୟେତଦକ୍ଷରମିଦଂ ସର୍ବଂ, ତସ୍ୟୋପବ୍ୟାଖ୍ୟାନମ୍- ଭୂତଂ ଭବଦ୍- ଭବିଷ୍ୟଦିତି ସର୍ବମୋଙ୍କାର ଏବ, ଯଚ୍ଚାନ୍ୟତ୍ ତ୍ରିକାଳାତୀତଂ ତଦପ୍ୟୋଙ୍କାର ଏବ ।

(ମାଣ୍ଡୂକ୍ୟ ଉପନିଷଦ୍- ମନ୍ତ୍ର-୧)

"ସର୍ବଂ ହେତଦ୍ ବ୍ରହ୍ମ, ଅୟମାତ୍ମା ବ୍ରହ୍ମ, ସୋଽମୋତ୍ମା ଚତୁଷ୍ପାତ୍ ।" (ମାଣ୍ଡୂକ୍ୟ ଉପନିଷଦ୍- ମନ୍ତ୍ର-୨)

"ଜାଗରିତ ସ୍ଥାନୋ ବହିଃପ୍ରଜ୍ଞଃ ସପ୍ତାଙ୍ଗ ଏକୋନବିଂଶତି ମୁଖଃ ସ୍ଥୁଳଭୁଗ୍ ବୈଶ୍ୱାନରଃ ପ୍ରଥମଃ ପାଦଃ ।"

(ମାଣ୍ଡୂକ୍ୟ- ମନ୍ତ୍ର-୩)

"ସ୍ୱପ୍ନସ୍ଥାନୋଽନ୍ତଃପ୍ରଜ୍ଞଃ ସପ୍ତାଙ୍ଗ ଏକୋନିବିଂଶତି ମୁଖଃ ପ୍ରବିବିକ୍ତଭୁକ୍ ତୈଜସୋ ଦ୍ୱିତୀୟ ପାଦଃ ।"

(ମାଣ୍ଡୂକ୍ୟ- ମନ୍ତ୍ର-୪)

"ଯତ୍ର ସୁପ୍ତୋ ନ କଞ୍ଚନ କାମଂ କାମୟତେ, ନ କଞ୍ଚନ ସ୍ୱପ୍ନଂ ପଶ୍ୟତି, ତତ୍ ସୁଷୁପ୍ତମ୍ । ସୁଷୁପ୍ତ ସ୍ଥାନ ଏକୀଭୂତଃ ପ୍ରଜ୍ଞାନ ଘନ ଏବାନନ୍ଦ ମୟୋହ୍ୟାନନ୍ଦଭୁକ୍ ଚେତୋମୁଖଃ ପ୍ରାଜ୍ଞସ୍ତୃତୀୟ ପାଦଃ ।" (ମାଣ୍ଡୂକ୍ୟ ଉପନିଷଦ୍- ମନ୍ତ୍ର-୫)

"ଜାଗରିତ ସ୍ଥନୋ ବୈଶ୍ୱାନରୋଽକାରଃ ପ୍ରଥମା ମାତ୍ରପ୍ତେରାଦିମତ୍ତ୍ୱାଦ୍‌ବା, ଆପ୍ନୋତି ହ ବୈ ସର୍ବାନଂ କାମନାଦିଶ୍ଚ ଭବତି, ସ ଏବଂ ବେଦ ।"

(ମାଣ୍ଡୂକ୍ୟ ଉପନିଷଦ୍- ମନ୍ତ୍ର-୯)

"ସ୍ୱପ୍ନସ୍ଥାନ ତୈଜସ ଉକାରୋ ଦ୍ୱିତୀୟା ମାତ୍ରୋତ୍କର୍ଷାଦୁଭୟତ୍ୱାଦ୍‌ବା ଉତ୍କର୍ଷତି ହ ବୈ ଜ୍ଞାନସନ୍ତତିଂ ସମାନଶ୍ଚଭବତି, ସ ଏବଂ ବେଦ ।"

(ମାଣ୍ଡୂକ୍ୟ ଉପନିଷଦ୍- ମନ୍ତ୍ର ୧୦)

"ସୁଷୁପ୍ତ ସ୍ଥାନଃ ପ୍ରାଜ୍ଞୋ ମକାରସ୍ତୃତୀୟା ମାତ୍ରାମିତେରପୀତେର୍ବା,

ମିନୋତି ହ ବା ଇଦଂ ସର୍ବମପୀତିଶ୍ଚ ଭବତି, ସ ଏବଂ ବେଦ ।" (ମାଣ୍ଡୂକ୍ୟ ଉପନିଷଦ୍- ମନ୍ତ୍ର-୧୧)

୮. "ନାନ୍ତଃପ୍ରଜ୍ଞଂ ନ ବହିଃପ୍ରଜ୍ଞଂ ନୋଭୟତଃ ପ୍ରଜ୍ଞଂ ନ ପ୍ରଜ୍ଞାନ ଘନଂ ନ ପ୍ରଜ୍ଞଂ ନାପ୍ରଜ୍ଞମ୍ । ଅଦୃଶ୍ୟମଂ, ଅବ୍ୟବହାର୍ଯ୍ୟମଂ, ଅଗ୍ରାହ୍ୟମଂ, ଅଲକ୍ଷଣମଂ, ଅଚିନ୍ତ୍ୟମଂ, ଅବ୍ୟପଦେଶ୍ୟମ୍, ଏକାତ୍ମପ୍ରତ୍ୟୟ ସାରଂ ପ୍ରପଞ୍ଚୋପଶମଂ ଶାନ୍ତଂ ଶିବମଦ୍ୱୈତଂ ଚତୁର୍ଥଂ ମନ୍ୟନ୍ତେ । ସ ଆତ୍ମା । ସ ବିଜ୍ଞେୟଃ ।" (ମାଣ୍ଡୂକ୍ୟ- ୭ମ ମନ୍ତ୍ର)

ପୁଣି 'ମାଣ୍ଡୁକ୍ୟ ଉପନିଷଦ୍'ର ଦ୍ୱାଦଶ ମନ୍ତ୍ରରେ ଏହି ଚତୁର୍ଥପାଦ ବା ଆତ୍ମାର ଚତୁର୍ଥ/ଶ୍ରେଷ୍ଠ ଅବସ୍ଥା କଥା କୁହାଯାଇଛି । ଯଥା- "ଅମାତ୍ର ଚତୁର୍ଥୋଽବ୍ୟବହାର୍ଯ୍ୟଃ ପ୍ରପଞ୍ଚୋପଶମଃ ଶିବୋଽଦ୍ୱୈତ ଏବମୋଙ୍କାର ଆତ୍ମୈବ । ସଂବିଶତ୍ୟାତ୍ମନାତ୍ମାନଂ ସ ଏବଂ ବେଦ, ସ ଏବଂ ବେଦ ।"

'ବେଦାନ୍ତସାର'ରେ ପୁଣି କୁହାଯାଇଛି- "ଯଦନୁପହିତଂ ଚୈତନ୍ୟଂ ତତ୍ ତୁରୀୟମ୍ ।" (ଦ୍ୱାଦଶ ମନ୍ତ୍ର)

୯. "ଏଷ ସର୍ବେଶ୍ୱର ଏଷ ସର୍ବଜ୍ଞ ଏଷୋଽନ୍ତର୍ଯ୍ୟାମ୍ୟେକ୍ଷ ଯୋନିଃ ସର୍ବସ୍ୟ, ପ୍ରଭବାପ୍ୟୟୋ ହି ଭୂତାନାମ୍ ।"

(ମାଣ୍ଡୂକ୍ୟ- ଷଷ୍ଠ ମନ୍ତ୍ର)

୧୦. "ସର୍ବଂ ହ୍ୟେତଦ୍ ବ୍ରହ୍ମ, ଅୟମାତ୍ମା ବ୍ରହ୍ମ, ସୋଽୟମାତ୍ମା ଚତୁଷ୍ପାତ୍ ।" (ମାଣ୍ଡୂକ୍ୟ- ୨ୟ ମନ୍ତ୍ର)

ଏହି ତୁରୀୟ ଆତ୍ମା ହିଁ ପରଂବ୍ରହ୍ମ, ପରିପୂର୍ଣ୍ଣ, ସ୍ୱୟଂ ସଂପୂର୍ଣ୍ଣ, ନିରବ, ନିର୍ଗୁଣ, ନିରାକାର, ସ୍ୱତନ୍ତ୍ର । ସେ ପୁଣି ସର୍ବତ୍ର ବ୍ୟାପ୍ତ । ଯଥାର୍ଥରେ କୁହାଯାଇଛି-

"ପୂର୍ଣ୍ଣମିଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୂଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବିଶିଷ୍ୟତେ ।"

ସୂଚନା ଯୋଗ୍ୟ ଯେ, ଏହି ତୁରୀୟ ଅବସ୍ଥା ହିଁ ଉତ୍ତରଣ ଅବସ୍ଥା ।

୧୧. "ଅନାଦିମାୟୟା ସୁପ୍ତୋ ଯଦା ଜୀବଃ ପ୍ରବୁଧ୍ୟତେ ।
ଅଜମନିଦ୍ରମସ୍ୱପ୍ନମଦୈତଂ ବୁଧ୍ୟତେ ତଦା ॥"

(ଗୌଡ଼ପାଦକାରିକା ୧/୧୬)

'ଗୌଡ଼ପାଦକାରିକା'ରେ ଆହୁରି କୁହାଯାଇଛି-

"କଳ୍ପୟତ୍ୟାତ୍ମନାତ୍ମାନମାତ୍ମା ଦେବଃ ସ୍ୱମାୟୟା ।
ସ ଏବ ବୁଧ୍ୟତେ ଭେଦାନିତି ବେଦାନ୍ତ ନିଶ୍ଚିୟଃ ॥"

(୨/୧୨)

ଆଗମ ପ୍ରକରଣ ଓ ବୈତଥ ପ୍ରକରଣଗତ ଜ୍ଞାନ ଏହି

ଅବସ୍ଥାରେ ଆସିଥାଏ । ସେ ସତ୍ୟାସତ୍ୟ, ମିଥ୍ୟାମିଥ୍ୟା ଜାଣିପାରେ । ଗୌଡ଼ପାଦକାରିକାରେ 'ଅଜାତିବାଦ'ର ପ୍ରତିଷ୍ଠା ପୂର୍ବକ ଆହୁରି ସ୍ପଷ୍ଟ କରି କୁହାଯାଇଛି ଯେ-

"ସ୍ୱତୋ ବା ପରତୋ ବାପି ନ କିଞ୍ଚିଦ୍-ବସ୍ତୁ ଜାୟତେ ।

ସଦ ସତ୍ ସଦସଦ୍ ବାପି ନ କିଞ୍ଚିତ୍ ବସ୍ତୁ ଜାୟତେ ॥"

(୪/୨୨)

କାର୍ଯ୍ୟକାରଣ ସିଦ୍ଧାନ୍ତ ବାବଦରେ ସେଥିପାଇଁ 'ଗୌଡ଼ପାଦକାରିକା'ରେ କୁହାଯାଇଛି-

"ନାସ୍ତ୍ୟ ସଦ୍ଧେତୁକମ ସସ୍ତଦସଦ୍ଧେତୁକଂ ତଥା ।

ସଚ୍ଚ ସଦ୍ଧେତୁକଂ ନାସ୍ତି ସଦ୍ଧେତୁକମସତ୍ କୁତଃ ?"

(୪/୪୦)

ଅସ୍ତି ନାସ୍ତିର ପ୍ରହେଳିକା ଉର୍ଦ୍ଧ୍ୱରେ ଭଗବତ୍, ବ୍ରହ୍ମ ସ୍ଥିତିକୁ ବିଲକ୍ଷଣ ସ୍ୱଭାବଯୁକ୍ତ କରି 'ଗୌଡ଼ପାଦକାରିକା'ରେ କୁହାଯାଇଛି-

"ଅସ୍ତିନାସ୍ତ୍ୟସ୍ତି ନାସ୍ତୀତି ନାସ୍ତି ନାସ୍ତୀତି ବା ପୁନଃ ।

ଚଳସ୍ଥିରୋ ଭୟାଭାବୈରାବୃଣୋତ୍ୟେବ ବାଳିଶଃ ।"

(୪/୮୬)

୧୨. ସରସ୍ୱତୀ, ଶ୍ରୀ ମହାମେଧାନନ୍ଦନାଥ: 'ଶ୍ରୀମୁଖ'- ମାଣ୍ଡୂକ୍ୟ ଉପନିଷଦ୍- ସଂପା/ଅନୁବାଦ- ସତ୍ୟାନନ୍ଦ ଚଂପତିରାୟ- ପ୍ରଥମ ପ୍ରକାଶ- ୨୦୦୧- ବିଦ୍ୟାପୁରୀ- କଟକ-୨- ପୃଷ୍ଠା-୧୯ ।

୧୩. "ଯଥା ସୁଦୀପ୍ତାଦ୍ ପାବକାଦ୍ ବିସ୍ଫୁଲିଙ୍ଗା ସହସ୍ରଶଃ ପ୍ରଭବନ୍ତେ ସ୍ୱରୂପଃ ।" (ମୁଣ୍ଡକ ଉପନିଷଦ୍)

ଆହୁରି ମୁଣ୍ଡକଉପନିଷଦ୍‌ରେ କୁହାଯାଇଛି-

"ଯଥୋର୍ଣ୍ଣନାଭିଃ ସୃଜତେ ଗୃହଣତେ ଚ ।"

ପୁଣି ବ୍ରହ୍ମସୂତ୍ର ଭାଷ୍ୟରେ ଆହୁରି ସ୍ପଷ୍ଟ କରି କୁହାଯାଇଛି- "ଦେବାଦିବଦପି ଲୋକେ ।" ପ୍ରଭୃତି କଥା । ଏହାଦ୍ୱାରା ବ୍ରହ୍ମକୁ ସର୍ବ ଉପାଦାନର କାରଣ ହିଁ କୁହାଯାଇଛି ।

ଆଚାର୍ଯ୍ୟ ଶଙ୍କର ମନୁଷ୍ୟର ଯୁକ୍ତି ଓ ବ୍ରହ୍ମତତ୍ତ୍ୱ ସିଦ୍ଧାନ୍ତ ସଂପର୍କରେ ପରିଶେଷରେ କହିଛନ୍ତି-

"ଅତ ଆଗମବଶେନାଗମାନୁସାରି ତର୍କବଶେନ ଚ ଚେତନଂ ବ୍ରହ୍ମ ଜଗତଃ କାରଣଂ ପ୍ରକୃତିଶ୍ଚେତି ସ୍ଥିତଂ ।"

(ବ୍ରହ୍ମସୂତ୍ର ଭାଷ୍ୟ)

୧୪. "ସେୟଂ ଦେବତୈକ୍ଷତ ହନ୍ତାହମିମାସ୍ତିସ୍ରୋ ଦେବତା ଅନେନ ଜୀବେନାତ୍ମନାନୁପ୍ରବିଶ୍ୟ ନାମରୂପେ ବ୍ୟାକରବାଣୀତି ।"(୪୬୦/୧) (ଛାନ୍ଦୋଗ୍ୟଉପନିଷଦ)

୧୫. ଆଚାର୍ଯ୍ୟ ଶଙ୍କର କଠୋପନିଷଦ୍‌ର ଭାଷ୍ୟ ଦେବାକୁ ଯାଇ କହନ୍ତି- "ଏବଂ ଚ ପ୍ରାପ୍ତୃପ୍ରାପ୍ୟ ଗନ୍ତୃଗନ୍ତବ୍ୟ ବିବେକାର୍ଥଂ ଦ୍ୱାବାତ୍ମାନୌ ଉପନ୍ୟସ୍ୟେତେ ।"

୧୬. ବୃହଦାରଣ୍ୟକ କହିଥାଏ- "ପ୍ରଥମେ ଏସବୁ କିଛି ନଥିଲା । ମୃତ୍ୟୁ, କ୍ଷୁଧା ପ୍ରଭୃତିରେ ଏ ଧରା ଢଙ୍କାଯାଇଥିଲା । କ୍ଷୁଧା ହିଁ ମୃତ୍ୟୁ ଅଟେ । ସେ ମନେକଲା ମୁଁ ଆତ୍ମଯୁକ୍ତ (ସଶରୀର) ହୁଏ । ସେ ଇଚ୍ଛା କରିବାରୁ ଜଳ ତା'ର ଭାବନାରୁ ସୃଷ୍ଟି ହେଲା । ତହିଁରୁ ପୃଥିବୀ ଓ କ୍ରମେ ଅଗ୍ନି ଆଦି ସମ୍ଭବ ହେଲା ।" (ବୃହଦାରଣ୍ୟକ- ୧,୧,୧-୨)

୧୭. (ବୃହଦାରଣ୍ୟକ ଉପନିଷଦ-୧,୪,୧୦) ।

୧୮. "ଈଶାବାସ୍ୟମିଦଂ ସର୍ବଂଯତ୍ କିଞ୍ଚଜଗତ୍ୟାଂ ଜଗତ୍, ତେନତ୍ୟେକ୍ତେନ ଭୂଞ୍ଜୀଥାଃ ମା ଗୃଧଃ କସ୍ୟସ୍ୱିଦ୍ ଧନମ୍ ।" ଅର୍ଥାତ୍ ଈଶ୍ୱର ସୃଷ୍ଟ ଏ ଜଗତକୁ ତ୍ୟାଗ ପୂର୍ବକ ଭୋଗ କରିବା ଉଚିତ୍ ।

୧୯. ଏହି ଅକ୍ଷର ହିଁ ବ୍ରହ୍ମ । ଏହି ବ୍ରହ୍ମ ହିଁ ଅକ୍ଷର । ଏହାକୁ କେହିକେହି ଅକ୍ଷରାତୀତ, ଅକ୍ଷରୋର୍ଦ୍ଧ୍ୱ, ଅକ୍ଷରୋତ୍ତର ମଧ କହିଥାଆନ୍ତି । ଗୀତା କହେ-

"ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।

ଅତୋଽସ୍ମି ଲୋକେ ବେଦେଚ ପ୍ରଥିତଃ ପୁରୁଷୋତ୍ତମଃ ।"

୨୦. "ଓମିତ୍ୟେତଦକ୍ଷରମୁଦଗୀଥମୁପାସୀତ । ଓମିତି ହ୍ୟୁଦ୍‌ଗାୟତି, ତ ସ୍ୟୋପବ୍ୟାଖ୍ୟାନମ୍ ।" (ଛାନ୍ଦୋଗ୍ୟ ୧-୧-୧) "ଏଷାଂ ଭୂତାନାଂ ପୃଥିବୀରସଃ, ପୃଥିବ୍ୟା ଅପୋରସଃ । ଅପାମୋଷଧୟୋ ରସ ଓଷଧୀନାଂ ପୁରୁଷୋ ରସଃ, ପୁରୁଷସ୍ୟ ବାଗ୍ରସୋ, ବାଚରଗ୍‌ରସ ରତଃ ସାମ ରସଃ, ସାମ୍ନ ଉଦ୍‌ଗୀଥୋ ରସଃ ।"

(ଛାନ୍ଦୋଗ୍ୟ- ୧-୧-୨)

"ସ ଏଷ ରସନାଂରସତମଃ ପରମଃ ପରାର୍ଦ୍ଧ୍ୟୋଽଷ୍ଟମୋ

ଯଦୁଦ୍‌ଗୀତଃ ।" (୧-୧-୩)

"ଆପୟିତା ହ ବୈକାମନାଂ ଭବତି ଯଃ ଏତ ଦେବଂ ବିଦ୍ୱାନକ୍ଷରମୁଦ୍‌ଗୀଥମୁପାସ୍ତେ ।" (୧-୧-୭) ସମଗ୍ର ଛାନ୍ଦୋଗ୍ୟଉପନିଷଦର ଅନେକାଂଶ ଏହି ଉଦ୍‌ଗୀଥ ବର୍ଣ୍ଣନାରେ ଧ୍ୟାନସ୍ଥ ।

୨୧. ସର୍ବଖଲ୍ୱିଦଂବ୍ରହ୍ମ ତଜ୍ଜଲାନିତି ଶାନ୍ତ ଉପାସୀତ । ଅଥ ଖଲୁ କ୍ରତୁମୟଃ ପୁରୁଷୋ ଯଥାକ୍ରତୁରସ୍ମିଁଲ୍ଲୋକେ ପୁରୁଷୋ ଭବତି ତଥେତଃ ପେତ୍ୟ ଭବତି ସ କ୍ରତୁଂ କୁର୍ବୀତ ।

(୩-୧୪-୧/ ଛାନ୍ଦୋଗ୍ୟ)

"ମନୋମୟଃ ପ୍ରାଣଶରୀରୋ ଭାରୂପଃ ସତ୍ୟସଂକଳ୍ପ ଆକାଶାତ୍ମା ସର୍ବକର୍ମା

ସର୍ବକାମଃ ସର୍ବଗନ୍ଧଃ ସର୍ବରସଃ ସର୍ବମିଦ ମଭ୍ୟାତ୍ତୋଽବାକ୍ୟନାଦରଃ ।" (ଛାନ୍ଦୋଗ୍ୟ- ୩-୧୪-୨)

"ଏଷ ମ ଆତ୍ମାନ୍ତର୍ହଦୟେଽଣୀୟାନ୍ ବ୍ରୀହେର୍ବା ଯବାଦ୍‌ବା ସର୍ଷପାଦ୍‌ବା ଶ୍ୟାମାକାଦ୍‌ବା ଶ୍ୟାମାକତଣ୍ଡୁଲାଦ୍ ବୈଷ ମ ଆତ୍ମାନ୍ତର୍ହୃଦୟେ ଜ୍ୟାୟାନ୍ ପୃଥିବ୍ୟା ଜ୍ୟାୟାନନ୍ତରିକ୍ଷା ଜ୍ୟାୟାନ୍‌ଦିବୋ ଜ୍ୟାୟାନେଭ୍ୟୋଲୋକେଭ୍ୟଃ ।"

(୩-୧୪-୩)

"ସର୍ବକର୍ମା ସର୍ବକାମଃ ସର୍ବଗନ୍ଧଃ ସର୍ବରସଃ ସର୍ବମିଦମଭ୍ୟାତ୍ତୋଽବାକ୍ୟନାଦର

ଏଷ ମ ଆତ୍ମାନ୍ତର୍ହୃଦୟ ଏତଦ୍‌ବ୍ରହ୍ମେତିମିତଃ ପ୍ରେତ୍ୟାଭିସମ୍ଭବିତାସ୍ମୀତି

ଯସ୍ୟ ସ୍ୟାଦଦ୍ଧା ନ ବିଚିକିତ୍ସାସ୍ତୀତି ହ ସ୍ମାହ ଶାଣ୍ଡିଲ୍ୟଃ ଶାଣ୍ଡିଲ୍ୟଃ ।" (ଛାନ୍ଦୋଗ୍ୟ (୩-୧୪-୪)

୨୨. ନାୟକ, ପ୍ରଫେସର ଡକ୍ଟର ଗୌରାଙ୍ଗଚରଣ: *ଉପନିଷଦ ଦର୍ଶନ*- ତୃତୀୟ ସଂସ୍କରଣ- ୨୦୧୧- ଓ. ରା. ପା. ପୁ. ପ୍ର. ଓ. ପ୍ର. ସଂ., ଭୁବନେଶ୍ୱର- ପୃ-୮୩ ।

୨୩. *ତତ୍ରୈବ*- ପୃ- ୩୩ ।

୨୪. *ତତ୍ରୈବ*- ପୃ- ୩୩ ।

୨୫. *ତତ୍ରୈବ*- ପୃ- ୮୩ ।

"ତତ୍ ସୃଷ୍ଟ୍ୱା ତଦେବାନୁପ୍ରାବିଶତ୍" (ତୈ.-୨୬)

୨୬. ଛାନ୍ଦୋଗ୍ୟଉପନିଷଦ, ୭ମ ଅଧ୍ୟାୟ- ୧୦ମ ଖଣ୍ଡ ଓ ୬ଷ୍ଠ ଅଧ୍ୟାୟ- ୨ୟ ଖଣ୍ଡ ଦ୍ରଷ୍ଟବ୍ୟ । "ସଦେବ ସୋମ୍ୟେଦମଗ୍ର ଆସୀଦେକମେବାଦନବିତୀୟମ୍ । ତଦ୍ଧୈକ ଆହୁରସଦେବେମିଗ୍ର ଆସୀଦେକମେବାଦ୍ୱିତୀୟଂ ତସ୍ମାଦସତଃ ସଜ୍ଜାୟତ ।" (୬-୨-୧) "କୁତସ୍ତୁ ଖଲୁ ସୋମ୍ୟୈବଂସ୍ୟାଦିତି ହୋବାଚ କଥମସତଃ ସଜ୍ଜାୟେତେତି । ସତ୍ତେବ ସୋମ୍ୟେଦମଗ୍ର ଆସୀଦେକମେବାଦ୍ୱିତୀୟମ୍ ।" (୬-୨-୨) "ତଦୈକ୍ଷତ ବହୁ ସ୍ୟାଂ ପ୍ରଜାୟେୟେତି ତତ୍ତେଜୋଽସୃଜତି । ତତ୍ତେଜ ଐକ୍ଷତ ବହୁ ସ୍ୟାଂ ପ୍ରଜାୟେୟେତି ତଦପୋଽସୃଜତ । ତସ୍ମାଦ୍‌ଯତ୍ର କ୍ୱ ଚ ଶୋଚତି ସ୍ୱେଦତେ ବା ପୁରୁଷସ୍ତେଜସ ଏବଂ ତଦଧ୍ୟାପୋ ଜାୟନ୍ତେ ।" (୬-୨-୩) ତା ଆପଐକ୍ଷନ୍ତ ବହ୍ୱ୍ୟଃ ସ୍ୟାମ ପ୍ରଜାୟେମହୀତି ତା ଅନ୍ନମସୃଜନ୍ତେ । ତସ୍ମାଦ୍‌ଯତ୍ର କ୍ୱ ଚ ବର୍ଷତି ତଦେବ ଭୂୟିଷ୍ଠମନ୍ନଂ ଭବତ୍ୟଦ୍‌ଭ୍ୟ ଏବ ତଦଧ୍ୟନ୍ନାଦ୍ୟଂ ଜାୟତେ ।"

(୬-୨-୩)

୨୭. ନାୟକ, ପ୍ରଫେସର ଡକ୍ଟର ଗୌରାଙ୍ଗଚରଣ : *ଭାରତୀୟ ଦର୍ଶନ*- ପୁନର୍ମୁଦ୍ରଣ- ୨୦୧୧- ଓ. ରା. ପା. ପୁ. ପ୍ର. ଓ. ପ୍ର. ସଂ., ଭୁବନେଶ୍ୱର- ପୃ-୩୪୭, ୩୪୮ ଦ୍ରଷ୍ଟବ୍ୟ । ଆହୁରି 'ବିବେକ ଚୂଡ଼ାମଣି'ରେ ଶଙ୍କର ମଧ୍ୟ କହିଛନ୍ତି-

"ସନ୍ନାପ୍ୟସନ୍ନାପ୍ୟୁଭୟାତ୍ମିକା ନୋ, ଭିନ୍ନାପ୍ୟଭିନ୍ନାଭୟାତ୍ମିକାନୋ

ସାଂଗାପ୍ୟନଙ୍ଗାପ୍ୟୁଭୟାତ୍ମିକାନୋ, ମହାଦ୍ଭୂତା ନିର୍ବଚନୀୟ ରୂପା ।"

୨୮. କେବଳ ଅଚ୍ୟୁତାନନ୍ଦ କାହିଁକି ବାଜସନେୟୀ ସଂହିତା (୧୨/୧୦୨)ରେ ମଧ୍ୟ କୁହାଯାଇଛି- "ଅଦିତିର୍ମାତା ସ ପିତା ସ ପୁତ୍ରଂ ଅଦିତିର୍ଜାତମଦତିର୍ଜାନିତ୍ୱମ୍ ।" ସେ ସ୍ୱୟଂ ଉତ୍ପନ୍ନ ହୋଇ ଅନ୍ୟଙ୍କୁ ଉତ୍ପନ୍ନ କରାଇଛନ୍ତି ।

୨୯. ଦାସ, ଜଗନ୍ନାଥ: *ତୁଳାଭିଣା*- ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ- ସଂ. ଡ. ଆର୍ତ୍ତବଲ୍ଲଭ ମହାନ୍ତି- ମୁଦ୍ରଣକାଳ- ୧୯୯୮- ଓ.ସା.ଏ.- ଭୁବନେଶ୍ୱର- ପୃ-୪୮-୪୯ ।

୩୦. ପଞ୍ଚଦଶ ଶତାବ୍ଦୀର ସାଧକ ସାରଳା ଦାସଙ୍କ ଠାରୁ ଆରମ୍ଭ କରି ବଳରାମ, ଜଗନ୍ନାଥ, ଅଚ୍ୟୁତାନନ୍ଦ, ହାଡ଼ିଦାସ, ଅନନ୍ତ, ଯଶୋବନ୍ତ, ରୀତିକାବ୍ୟର ସ୍ରଷ୍ଟା ଦୀନକୃଷ୍ଣ, ମହାଦେବ, ଅରକ୍ଷିତ, ଦ୍ୱାରିକା, ଭୀମଭୋଇ ପ୍ରଭୃତିଙ୍କ ରଚନାରେ ତଥା ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ରଚନାରେ

ମଧ୍ୟ ଶୂନ୍ୟବ୍ରହ୍ମ କଥା କୁହାଯାଇଛି । ଏସବୁ ବର୍ଣ୍ଣନାରେ ଶ୍ରୀଜଗନ୍ନାଥ 'ବ୍ରହ୍ମ' ହେବା ବା 'ବ୍ରହ୍ମ' ରୂପେ ପ୍ରତିପାଦିତ ହେବା ଏକ ସାଧାରଣ ଘଟଣା ପରି ପ୍ରତୀତ ହୁଏ । ଶ୍ରୀଜଗନ୍ନାଥ ଯେ ନିରାକାର ବ୍ରହ୍ମର ସାକାର ସ୍ୱରୂପ ଏକଥା ଏସବୁରୁ ପ୍ରତିପାଦିତ ହୋଇଥାଏ । ଯଥା–

(କ) 'ଶୂନ୍ୟ ପୁରୁଷ ସେହୁ ଦେଖିଲେ ନାହିଁ ଚିହ୍ନ ।"

(ଆଦିପର୍ବ/ ସାରଳା)

(ଖ) "ମହାଶୂନ୍ୟରୁ ଶୂନ୍ୟ ହେଲା/ ସେ ଶୂନ୍ୟୁ ପ୍ରଣବ ଜନ୍ମିଲା/ ଶୂନ୍ୟ ପୁରୁଷ ଶୂନ୍ୟ ଦେହୀ/ ଶୂନ୍ୟରେ ବ୍ରହ୍ମ ସିନା ଥାଇ ।" (ବିରାଟ ଗୀତା / ବଳରାମ)

(ଗ) "ଅବ୍ୟକ୍ତ ଶୂନ୍ୟବ୍ରହ୍ମ ଜ୍ୟୋତି/ ତା' ଦେହୁ ବିନ୍ଦୁ ଉତପତି ।" (ତୁଳାଭିଣା)

(ଘ) "ଭଲା ପଚାରିଲୁ ଗୁପତସିଦ୍ଧି,
ଶୂନ୍ୟ ପୁରୁଷ ଶୂନ୍ୟ ପରେ ବନ୍ଦୀ ।
ଶୂନ୍ୟ ପୁରୁଷ ଉଦାସରେ ରହେ,
ଶୂନ୍ୟ ପୁରୁଷ ସବୁ ମାୟା ବହେ ।
ଶୂନ୍ୟ ପୁରୁଷ ଦୟାଳୁ ଅଟଇ,
ଶୂନ୍ୟ ପୁରୁଷ ସର୍ବଘଟେ ରହି ।
ଶୂନ୍ୟ ପୁରୁଷ କରେ ନଟଘଟ,
ଶୂନ୍ୟ ପୁରୁଷ ଜାଣେ ଛନ୍ଦକୂଟ ।
ଶୂନ୍ୟ ପୁରୁଷ ଶୂନ୍ୟରେ ମାରଇ,
ମାରି ଶୂନ୍ୟ ପୁଣି ଗତି କରଇ ।
ଶୂନ୍ୟ ପୁରୁଷ ଅଲଗେ ରହିଛି,
ଶୂନ୍ୟପରେ ରହି ଲୀଳା କରୁଛି ।"

(ଶୂନ୍ୟସଂହିତା/ ଅଚ୍ୟୁତାନନ୍ଦ)

୩୧. "ଚାଲ ଦେଖିଯିବା ଗୋ ଶୂନ୍ୟବେଦୀ ତିନିକୋଣିଆ
ଦୁଇପାଖେ ଦୁଇ ବର ବସିଛନ୍ତି ମଝିରେ ବସିଛି କନିଆ

x x x

ଶୂନ୍ୟପଣ୍ଡା ଗୋଟି ବିଭା କରାଉଛି ଶୂନ୍ୟରେ ଶୂନ୍ୟ ମିଶାଇ
ଶୂନ୍ୟ ନାରୀମାନେ ବନ୍ଦପନେ କଲେ ଶୂନ୍ୟ ହୁଳହୁଳି ଦେଇ ।" (ହାଡ଼ିଦାସ ଭଜନ)

୩୧ ଦାସ, ବଳାରାମ: *ବ୍ରହ୍ମଗୀତା*– ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ– ସଂ. ଡ. ଆର୍ତ୍ତବଲ୍ଲଭ ମହାନ୍ତି– ଓ.ସା.ଏ.– ପୂର୍ବୋକ୍ତ ଗ୍ରନ୍ଥ– ପୃ–୪୫–୪୮ ।

୩୨. ଦାସ, ଚିତ୍ତରଞ୍ଜନ: *ଓଡ଼ିଆ ସାହିତ୍ୟ ଗ୍ରନ୍ଥମାଳା*– ୨ୟ ଭାଗ (ସନ୍ଥ ଭକ୍ତିସାହିତ୍ୟ)– ପ୍ରଥମ ପ୍ରକାଶ– ୧୯୮୨– ପ୍ରକାଶନ– ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର– ପୃ– ୩୬୪ ।

୩୩. *ତତ୍ରୈବ*– ୩୬୪ ।

୩୪. *ତତ୍ରୈବ*– ୩୬୮ ।

୩୫. "ସେକାଳେ ସର୍ବ ଶୂନ୍ୟମୟ ଥିଲା,
ସେ ଶୂନ୍ୟ ବ୍ରହ୍ମେ ସମସ୍ତ ଲୁଚିଲା ।
ସୃଷ୍ଟି ସର୍ଜନାରେ କଳ୍ପିଲେ ଯହୁଁ,
କାରୁଣ୍ୟ ଜଳ ଉପୁଜିଲା ତହୁଁ ।
ମନରୁ କଲ୍ୟାଣ ଉଦୟ ହୋଇ,
ଶବ୍ଦ ସ୍ୱରୂପେ ସେ ଜଳେ ପଡ଼ଇ ।"

(ଛୟାଳିଶ ପଟଳ/ ଅଚ୍ୟୁତାନନ୍ଦ)

୩୬. "ଏମନ୍ତ କୋଟି କଳ୍ପ ଅନ୍ତେ,
ଦୟା ଉପୁଜିଲା ମୋ' ଚିତ୍ତେ ।
ସୃଷ୍ଟିକରଣେ ବାଞ୍ଛା ହେଲା,
ମୋ' ଅଙ୍ଗୁ ବିନ୍ଦୁ ଉଚ୍ଛୁରିଲା ।"

(ବ୍ରହ୍ମାଣ୍ଡ ଭୂଗୋଳ/ ବଳରାମ ଦାସ)

୩୭. ଦାସ, ଚିତ୍ତରଞ୍ଜନ: *ପୂର୍ବୋକ୍ତ ଗ୍ରନ୍ଥ*– ପୃ–୩୮୮ ।

୩୮. *ତତ୍ରୈବ*– ୩୮୮ ।

୩୯. 'ବିଷ୍ଣୁ ସହସ୍ରନାମ' ଓ 'ଋକ୍‌ବେଦ' ଦ୍ରଷ୍ଟବ୍ୟ ।

୪୦. ଦିବାକର ଦାସ 'ଜଗନ୍ନାଥ ଚରିତାମୃତ'ରେ ଶ୍ରୀଜଗନ୍ନାଥଙ୍କୁ ଅବତାରୀ ବୋଲି କହିଛନ୍ତି । ଏହି 'ଜଗନ୍ନାଥ' ଯେ 'ପୁରୁଷୋତ୍ତମ' ସେକଥା ମଧ୍ୟ ସେ ସ୍ପଷ୍ଟ କରିଛନ୍ତି ।

୪୧. ଦାସ, ଚିତ୍ତରଞ୍ଜନ: *ପୂର୍ବୋକ୍ତ ଗ୍ରନ୍ଥ*– ପୃ–୩୯୦ ।

୪୨. *ତତ୍ରୈବ*– ୩୯୦ ।

୪୩. Darwin, Big-Bang ଓ ଅନ୍ୟାନ୍ୟ ଥିଓରି ଦ୍ରଷ୍ଟବ୍ୟ ।

ତଥା ଜୟଦେବ ଓ ଅନ୍ୟାନ୍ୟ ପଣ୍ଡିତଙ୍କ ଦଶାବତାର ସ୍ତୋତ୍ର, ମନ୍ତ୍ର, ମତ, ମନ୍ତବ୍ୟ ଦ୍ରଷ୍ଟବ୍ୟ ।

୪୪. ଦାଶ, ପ୍ରଫେସର ସର୍ବେଶ୍ୱର: *ବେଦରୁ ଆଧୁନିକ*- ସଂ. ବାଉରୀବନ୍ଧୁ କର, ଅସିତ ମହାନ୍ତି- ପ୍ରଥମ ସଂସ୍କରଣ- ୨୦୧୧, ସାରସ୍ୱତ ସରଣିର ଶାଶ୍ୱତ ସଂକେତ ବର୍ତ୍ତିକା, ଯାଜପୁର- ୭୫୫୦୦୬- ପୃ-୨୩୫ ।

୪୫. "ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦାହତି ପାବକଂ, ନୈନଂ ବାହତି ମାରୁତ, ନଚୈନଂ କ୍ଲେଦୟନ୍ତି ଦମଃ ।" (ଗୀତା)

ପୁଣି ଏଠାରେ ସନତ୍ ସୁଜାତାଙ୍କ ଉକ୍ତି ମନେପଡ଼େ- "ଅତୋ ମୃତ୍ୟୁ ମରଣାଖ୍ୟାମୁପୈତି ।" (ଉପନିଷଦ) ଏବଂ "ଧୀରାସ୍ତୁ, ଧୈର୍ଯ୍ୟେଣ ତରନ୍ତି ମୃତ୍ୟୁମ୍ ।" (ତ୍ରୈତବ) ମୃତ୍ୟୁ ହିଁ ମରଣର ସମାଧାନ । ତାହାହିଁ ଅମୃତ ଚେତନା ।

୪୬. ଦାସ, ପ୍ରଫେସର ସର୍ବେଶ୍ୱର: *ପୂର୍ବୋକ୍ତ ଗ୍ରନ୍ଥ*- ପୃ- ୨୩୨- ୨୩୯- ଦ୍ରଷ୍ଟବ୍ୟ ।

୪୭. "ବାସାଂସି ଜୀର୍ଣ୍ଣାନୀ ଯଥା ବିଦାୟ ନବାନି ଗୃହାଣାତିନରୋପରାଣି

ତଥା ଶରୀରାଣି ବିହାୟ ଜୀର୍ଣ୍ଣା ନ୍ୟନ୍ୟାନି ସଂୟାତି ନବାନି ଦେହି ।" (ଗୀତା)

୪୮. "ଅପାଣିପାଦୋ କବେନ ଗୃହୀତଃ ପଶ୍ୟତ୍ୟକ୍ଷୁଃ ସଶୃଣାତ୍ୟକର୍ଣ୍ଣଃ ।

ସବେତ୍ତି ବେଦ୍ୟଂ ନ ଚ ତସ୍ୟାସ୍ତି ବେତ୍ତା ତମାହୁରଗ୍ରଂ ପୁରୁଷଂ ମହାନ୍ତମ୍ ॥" (ଶ୍ୱେତାଶ୍ୱେତର ଉପନିଷଦ)

୪୯. ମିଶ୍ର, ଡକ୍ଟର କାହ୍ନୁଚରଣ: *ଓଡ଼ିଆ ସାହିତ୍ୟରେ ଧର୍ମଧାରା*- ପୁନର୍ମୁଦ୍ରଣ- ୧୯୮୭- ଓ. ରା. ପା. ପୁ. ପ୍ର. ଓ. ପ୍ର. ସଂ.-ଭୁବନେଶ୍ୱର- ପୃ-୩୦ ଓ ପୃ- ୮୩ ରୁ ୮୯, ୯୫ ରୁ ୧୦୬, ୧୧୩ ରୁ ୧୩୩, ୧୫୮ ରୁ ୧୬୪ ଦ୍ରଷ୍ଟବ୍ୟ ।

୫୦. "ଯଥା ନଦୀନାଂ ବହବମ୍ବୁ ବେଗାଃ, ସମୁଦ୍ରମେବାଭିମୁଖା ଦ୍ରବନ୍ତି, ତଥା ତବାମି ନରଲୋକବୀରା ସ୍ତାବାପି ବକ୍ତ୍ରାଣ୍ୟବଭି ଜ୍ୱଳନ୍ତି । (ଗୀତା) ପରଂବ୍ରହ୍ମରେ ଆତ୍ମା ନମିଶିଲା ଯାଏ ଏହି 'ମରଣ' ଚାଲୁଥିବ । ମୃତ୍ୟୁ ଥରେ ହେଲେ ମରଣକୁ ଜିତିହେବ । (ଉପନିଷଦରେ ସନତ୍ ସୁଜାତାଙ୍କ ଉକ୍ତି ଦ୍ରଷ୍ଟବ୍ୟ)

୫୧. ଉପନିଷଦ୍‌ରେ ମଧ ଏପରି ବର୍ଣ୍ଣନା ରହିଛି । ବେଦ ଓ ଉପନିଷଦ ଏ ମର୍ମରେ ଦ୍ରଷ୍ଟବ୍ୟ ।

୫୨. ପଟ୍ଟନାୟକ, ପଠାଣି: '*ମହାପ୍ରଭୁ ଜଗନ୍ନାଥ*'- ପ୍ରଥମ ସଂସ୍କରଣ- ୨୦୦୯- ଚିନ୍ମୟ ପ୍ରକାଶନ, ବିନୋଦ ବିହାରୀ, କଟକ-୨- ପୃ- ୧୨-୧୩ ।

୫୩. ଶତପଥୀ, ଶ୍ରୀମତୀ ପଦ୍ମଜା: '*ଜଗନ୍ନାଥ ତତ୍ତ୍ୱରତ୍ନାବଳୀ*'- ପ୍ରଥମ ସଂସ୍କରଣ- ୨୦୧୪, ମହାବୀର ପ୍ରକାଶନ, ଭୁବନେଶ୍ୱର-୯- ପୃ-୧୭ ।

୫୪. "ଆଦୌ ଯଦ୍‌ଦାରୁ ପ୍ଲବତେ ସିନ୍ଧୋପାରେ ଅପୁରୁଷମ୍ ତଦା ଲଭସ୍ୱ ଦୁର୍ଦ୍ଧନେ । ତେନ ଯାହି ପରଂ ସ୍ଥଳମ୍ ॥" (ଶାଙ୍ଖାୟନ ବ୍ରାହ୍ମଣ)

୫୫. "ଅଙ୍ଗ-ବଂଗ-କଳିଙ୍ଗେଷୁ ସୌରାଷ୍ଟ୍ର ମାଗଧେଷୁ ଚ, ତୀର୍ଥଯାତ୍ରାଂ ଦିବା ଗଚ୍ଛନ୍ ପୁନଃ ସଂସ୍କାରମର୍ହତି ।"

୫୬. ତତଥ ପ୍ରସନ୍ନା ପୃଥିବୀ ତପସ୍ୟା ତସ୍ୟ ପାଣ୍ଡବ, ପୁନରୁନ୍ନହ୍ୟ ସଲିଳାତ୍ ବେଦୀରୂପା ସ୍ଥିତାବଭୌ ।

(ବନପର୍ବ-୧୧୪ ଅ) ଦ୍ରଷ୍ଟବ୍ୟ ।

୫୭. Panigrahi, Dr. K. C.: *History of Orissa*- Published- 1981- p. 337 (vide)

୫୮. ପଟ୍ଟନାୟକ, ପଠାଣି: *ପୂର୍ବୋକ୍ତ ଗ୍ରନ୍ଥ*- ପୃ- ୧୩-୧୪ ଦ୍ରଷ୍ଟବ୍ୟ ।

୫୯. 'ଗୟାର୍ଯ୍ୟ ମଂଗଳା ନାମ ବିମଳା ପୁରୁଷୋତ୍ତମେ' । ଓ ଅନ୍ୟତ୍ର କୁହାଯାଇଛି-

"ଗୋକର୍ଣ୍ଣଂ ଗଜକର୍ଣ୍ଣଂ ଚ ତଥାଚ ପୁରୁଷୋତ୍ତମଃ

ଦ୍ୱାରକା କୃଷ୍ଣତୀର୍ଥଂ ଚ ତଥାର୍ବୁଦ ସରସ୍ୱତୀ ।"

(ମତ୍ସ୍ୟପୁରାଣ)

୬୦. ନୈବିଦ୍ୟଂ ଜଗଦୀଶସ୍ୟ ଅନ୍ନ ପାନଦିକଂ ତଯତ୍

ଭକ୍ଷାଭକ୍ଷ ବିଚାରସ୍ତୁ ନାସ୍ତିତଦ୍ ଭକ୍ଷଣେ ଦ୍ୱିଜ ।

(ବିଷ୍ଣୁପୁରାଣ)

୬୧. "ଭାରତେଚୋତ୍କଳ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ

ଦାରୁରୂପ ଜଗନ୍ନାଥୋ ଭକ୍ତାନାମ ଭୟପ୍ରଦଃ ।"

(ତନ୍ତ୍ରଯାମଳ)

"ମହାକନ୍ଦବାସୀ ମହାନନ୍ଦବାସୀ ପୁରଗ୍ରାମବାସୀ ମହାପୀଠଦେଶା

ଜଗନ୍ନାଥ ବକ୍ଷଃ ସ୍ଥଳ ସ୍ଥୋ ବରେଣ୍ୟୋ ବୃଣନନ୍ଦକର୍ତ୍ତା ଶିବାନନ୍ଦକର୍ତ୍ତ୍ରୀ ।" (ରୁଦ୍ର ଯାମଳ)


୬୨. "ସାରସ୍ୟୋତ୍ତର ତୀରେ ମଦନଦ୍ୟାସ୍ତ ଦକ୍ଷିଣେ

ସପ୍ତଦେଶେ ପୃଥ୍ୱ୍ୟାଂ ହି ସର୍ବତୀ ୪ର୍ଥ ଫଳପ୍ରଦଃ ।" (ସ୍କନ୍ଦ ପୁରାଣ)

୬୩. ବଳ, ଡକ୍ଟର ଗଂଗାଧର: 'ବ୍ରହ୍ମତତ୍ତ୍ୱ'– *ବୈଷ୍ଣବ ସାହିତ୍ୟର ତାତ୍ତ୍ୱିକ ଭୂମିକା*– ଦ୍ୱିତୀୟ ମୁଦ୍ରଣ– ୨୦୦୦– ବିଦ୍ୟାପୁରୀ– କଟକ–୨– ପୃ–୩୯ ।

୬୪. ଶ୍ରୀ ବ୍ରହ୍ମସଂହିତାର ଶ୍ଳୋକ–୧ , ଜୀବଗୋସ୍ୱାମୀଙ୍କ ଭଗବତ୍ ସଂଦର୍ଭ ଦ୍ରଷ୍ଟବ୍ୟ । ପୁଣି 'ପାଣିନି ସୂତ୍ର' କ୍ର:ନ: ୩୨୫୪, ୩ୟ ଅଧ୍ୟାୟ, ୩ୟ ପାଦ, ସୂତ୍ର ସଂଖ୍ୟା ୭୭, ସିଦ୍ଧାନ୍ତ କୌମୁଦୀ (ବାଳ ମନୋରମ ଟୀକା) ଚତୁର୍ଥ ଭାଗ, ଦ୍ରଷ୍ଟବ୍ୟ । (ଚୌଖମ୍ବା, ସଂସ୍କୃତ ସଂସ୍ଥାନ, ବାରଣାସୀ– ୧୯୭୬, ପୃ–୬୨୬) ।

୬୫. ବଳ, ଡକ୍ଟର ଗଂଗାଧର: *ପୂର୍ବୋକ୍ତ ଗ୍ରନ୍ଥ*– ପୃ–୩୮ ।

୬୬. ସର୍ବେଶ୍ୱର ଦାଶଙ୍କର '*ବେଦରୁ ଆଧୁନିକ*' ପୁସ୍ତକସ୍ଥ– ୧ମ, ୨ୟ, ୩ୟ, ୪ର୍ଥ, ୫ମ, ୭ମ, ୮ମ, ୯ମ, ୧୪ଶ (କିଏ ତୁମେ ଜଗନ୍ନାଥ ?) ପ୍ରବନ୍ଧ ଦ୍ରଷ୍ଟବ୍ୟ ।

୬୭. ମହାନ୍ତି, ଅସିତ: *ନବକଳେବର କଥା:* ପ୍ରଥମ ସଂସ୍କରଣ– ୨୦୧୫ ଦ୍ରଷ୍ଟବ୍ୟ । ଅନ୍ୟାନ୍ୟ Biological Theory, Cell Biololgy, Cell Chemistry Theory ଦ୍ରଷ୍ଟବ୍ୟ ।

୬୮. କଚ୍ଛପ ମତ୍ସ୍ୟାଦି ଅବତାର ଯେତେକ / କରିବାକୁ ଜାତ ଜଗନ୍ନାଥ ଜନକ । (ରସକଲ୍ଲୋଳ)

୬୯. ମହାନ୍ତି, ଡ. ଦେବେନ୍ଦ୍ର: *ପଞ୍ଚସଖା ଓଡ଼ିଆ ସାହିତ୍ୟ*– ୪ର୍ଥ ସଂସ୍କରଣ– ୧୯୯୫– ଫ୍ରେଣ୍ଡସ୍– କଟକ–୨– ପୃ–୨୯ ।

୭୦. ନାୟକ, ଅଧ୍ୟାପକ ସନ୍ତୋଷ କୁମାର: *ଈକ୍ଷା–ବୀକ୍ଷା–ସମୀକ୍ଷା*– ୨ୟ ସଂସ୍କରଣ– ୨୦୧୨– ବ୍ରହ୍ମୋସ୍ମି– ବାଲେଶ୍ୱର– ୭୫୬୦୦୧– ପୃ–୧–୧୮ ଦ୍ରଷ୍ଟବ୍ୟ ।



ଆସିଷ୍ଟାଣ୍ଟ ପ୍ରଫେସର, ଓ.ଇ.ଏସ୍–୧,

ସ୍ନାତକୋତ୍ତର ଓଡ଼ିଆ ବିଭାଗ,

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ,

ବାଲେଶ୍ୱର, ଓଡ଼ିଶା

ଦୂରଭାଷ : ୮୩୨୮୯୦୯୧୫୭

ସଂପାଦକ, IJLA, ଯୁକ୍ତରାଷ୍ଟ୍ର ଆମେରିକା (ନିଉୟର୍କ)

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖୁଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ